# ପରିବର୍ତ୍ତନର ସ୍ୱର



OTELP

# ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ

*ଉପସ୍ଥାପନା ଓ ସଂକଳନ:*
**ସୋନାଲି ପଟ୍ଟନାୟକ**
ଅରୂପା ମିଶନ ରିସର୍ଚ୍ଚ ଫାଉଣ୍ଡେସନ୍

*ସହଯୋଗୀ:*
**ଲୋପାମୁଦ୍ରା ମିଶ୍ର, ବ୍ରହ୍ମାନନ୍ଦ ସାହୁ**
**ଶାନ୍ତନୁ କାନୁନଗୋ**

*ଚିତ୍ର ଉତ୍ତୋଳନ ଓ ଅଳଙ୍କରଣ:*
**ରୁଦ୍ର ପ୍ରସନ୍ନ ମହାପାତ୍ର**
ଅରୂପା ମିଶନ ରିସର୍ଚ୍ଚ ଫାଉଣ୍ଡେସନ୍

*ଚିତ୍ର ଉତ୍ତୋଳନ ସହାୟକ:*
**କେ. ମୋହନ ରାଓ ଦୋରା**
**ସୁଶାନ୍ତ କୁମାର ପଣ୍ଡା**

*ଦିଗଦର୍ଶନ:*
**ଦୀପକ ମହାନ୍ତି**
**ପ୍ରଭଂଜନ ମହାପାତ୍ର**

*ଉପକ୍ରମଣିକା ଓ ଉପସଂହାର:*
**ସୁଦୀନ କେ.**

*ଓଡ଼ିଆ ଅନୁବାଦ:*
**ଦୁର୍ଗା ପ୍ରସାଦ ଦାଶ, ଚିତ୍ତରଂଜନ ସାହୁ**
ଅରୂପା ମିଶନ ରିସର୍ଚ୍ଚ ଫାଉଣ୍ଡେସନ୍

ସମ୍ପାଦନା:
ଡଃ ଅମୀୟ କୁମାର ବେହେରା
ଦାଶରଥି ସାହୁ

*ପ୍ରକାଶକ:*
ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ
(ଓ.ଟି.ଇ.ଏଲ୍.ପି.) ପାଇଁ
ପ୍ରୋକ୍ୟୁରମେଣ୍ଟ ସପୋର୍ଟ ଟିମ୍, ଓଟିଇଏଲ୍‌ପି
ଏନ୍-୧, ଏ-୫, ଆଇ.ଆର.ସି.ଭିଲେଜ, ଭୁବନେଶ୍ୱର-୭୫୧୦୧୫
ଟେଲିଫୋନ୍: +୯୧୬୭୪, ୨୫୫୧୨୪୩, ୨୫୫୧୭୧୦
ଫ୍ୟାକ୍ସ - ୯୧-୬୭୪-୨୫୫୮୮୦୮

*ମାର୍ଫତ:*
ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ
(ଓ.ଟି.ଇ.ଏଲ୍.ପି.)
କାର୍ଯ୍ୟକ୍ରମ ସହଯୋଗ କେନ୍ଦ୍ର, ୨ୟ ମହଲା, ଟି.ଡ଼ି.ସି.ସି ବିଲଡ଼ିଙ୍ଗ,
ରୁପାଲିଛକ, ଭୁବନେଶ୍ୱର-୨୨
ଇ.ମେଲ - support@otelp.org.
www.otelp.org.

This document is an output from a project funded by
the UK Department for International Development (DFID) for the benefit of developing countries.
The views expressed are not necessarily those of DFID

# ସୂଚୀପତ୍ର


ସ୍ୱୀକୃତି
ସଂକ୍ଷିପ୍ତ ଶବ୍ଦାବଳୀ
ମୁଖବନ୍ଧ
ଉପକ୍ରମଣିକା

**ପ୍ରଗତି ପଥେ ଗୋଷ୍ଠୀ ସମୂହ:**

ପରିବର୍ତ୍ତନର ସ୍ୱର ........ ୯
ସତ୍ୟମେବ ଜୟତେ : ଆଦିବାସୀ ବଜାର କମିଟି ........ ୧୦
ଜୀବନ ଓ ଜୀବିକା ଉପରେ ବିଭିନ୍ନ ପ୍ରଭାବ ........ ୧୨
ଜୀବନ ଶୈଳୀର ପରିବର୍ତ୍ତନ ........ ୧୪
ପରିଶ୍ରମର ଫଳ ........ ୧୬
ଅସତୋ ମା ସତ୍ ଗମୟ (ଅନ୍ଧାରରୁ ଆଲୋକକୁ) ........ ୧୮

**ଏକତ୍ରିତ ହେବାର ବୈଚିତ୍ର୍ୟ:**

ଏକତା ହିଁ ବଳ ........ ୨୦
ଖାଦ୍ୟ ନିରାପତ୍ତା ପାଇଁ ଶସ୍ୟ ପାଣ୍ଠି ........ ୨୧
ସଫଳତାର ସୌରଭ ........ ୨୨
ମୃତ୍ତିକା ଓ ଜଳ ସଂରକ୍ଷଣର ସୁପ୍ରଭାବ ........ ୨୩
ଅସୀମିତ ସୁଯୋଗ ........ ୨୪
ଆଦିବାସୀ ବଜାର ........ ୨୬

**ଜୀବନରେ ଅନୁପ୍ରେରଣା:**

ସାଧାରଣ ବ୍ୟକ୍ତିରୁ ସରପଞ୍ଚ - ବଟକା ରତନୁ ........ ୨୭
ଉତ୍ତରଣ ........ ୨୮
ଭିନ୍ନକ୍ଷମ ବ୍ୟକ୍ତି: ଏକ ଉଦାହରଣ ........ ୨୯
ଉଦ୍ୟମ ବଳେ ସର୍ବସିଦ୍ଧି ........ ୩୦
ଲକ୍ଷ୍ମୀର ନେତୃତ୍ୱ ........ ୩୧
ବେଳହୁଁ ସାବଧାନ ........ ୩୨
ଋଣକାରୀରୁ ଋଣ ଦାତା ........ ୩୩
ସମୃଦ୍ଧି ପଥେ ........ ୩୪
ସୁଯୋଗର ସଦ୍‌ବ୍ୟବହାର ........ ୩୫
ଦାରିଦ୍ର୍ୟରୁ ପ୍ରଗତି ........ ୩୬
ପାରମ୍ପରିକ ଜ୍ଞାନ ସହ ଆଧୁନିକ କୌଶଳର ସଂଯୋଗ ........ ୩୮

ଉପସଂହାର ........ ୩୯
ପରିଭାଷା ........ ୪୦

# ସ୍ୱୀକୃତି


କନ୍ଧମାଳ, କେରାପୁଟ, କଳାହାଣ୍ଡି ଓ ଗଜପତି ଜିଲ୍ଲାର ଆଦିବାସୀ ଗୋଷ୍ଠୀଗୁଡ଼ିକର ସହଯୋଗ ବିନା "ପରିବର୍ତ୍ତନର ସ୍ୱର" ପ୍ରକାଶିତ ହୋଇପାରି ନ ଥାନ୍ତା । ଗାଁ ଗହଳିର ଲୋକମାନେ ସେମାନଙ୍କର ଜୀବନ ଗାଥା, ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତ ଆଶା ଭରସାର ଗାଥା ସମ୍ପର୍କରେ ଆମକୁ ଜଣାଇଥିବାରୁ ସେମାନଙ୍କ ପ୍ରତି ଆମେ କୃତଜ୍ଞ ।

ଏହି ସୂଚନା ସଂଗ୍ରହକାରୀ ନଥିପତ୍ର ପ୍ରତି ଯେଉଁ ସବୁ ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକର ଅବଦାନ ଆମ ପ୍ରତି ସହାୟ ହୋଇଛି - ସେମାନେ ବିଶେଷ ଧନ୍ୟବାଦାର୍ହ - ସେମାନେ ହେଲେ ସିସିଡ଼ି, ଏସ୍.ଡ଼ବ୍ଲ୍ୟୁ.ଡ଼ବ୍ଲ୍ୟୁ.ଏସ୍, ପିସ୍., ଅନ୍ତୋଦୟ, ଗ୍ରାମ ବିକାଶ, ଜିଭିଟି, ଜାଗୃତି, ପ୍ରଦାତା, ସି.ଓ୍ୱାଇ.ଏସ୍.ଡ଼ି., ଜେ.କେ.ପି. ଏବଂ ମାର୍ଟ ।

ଜିଲ୍ଲା ତଥା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହଯୋଗ କେନ୍ଦ୍ରର ସମ୍ବଳ ଓ ପରାମର୍ଶ ଏହି ପ୍ରକାଶନ ନିମିତ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; ଯେଉଁଥିପାଇଁ ଆମେ ଶ୍ରୀ ପ୍ରଭଞ୍ଜନ ମହାପାତ୍ର, ଶ୍ରୀ ସୁବ୍ରତ କର, ଶ୍ରୀ ସୁରେଶ ପଟ୍ଟନାୟକ, ଶ୍ରୀ ସୁହାସ ଦେ, ଶ୍ରୀ ଗୋପବନ୍ଧୁ ଦାସ ଏବଂ ଶ୍ରୀ ଇ.ବାଖିଆଙ୍କୁ ଧନ୍ୟବାଦ ଅର୍ପଣ କରୁଛୁ । ପୁନଶ୍ଚ ବହୁଳ ବ୍ୟାଖ୍ୟା ପାଇଁ ସହଯୋଗ କରିଥିବା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଶ୍ରୀ ଲକ୍ଷ୍ମୀକାନ୍ତ ଉଦ୍‌ଗାତାଙ୍କୁ; ଫଟୋଗ୍ରାଫି ଏବଂ ସଂଯୋଜନା ନିମିତ୍ତ ସହଯୋଗ କରିଥିବା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,  ଥୁଆମୂଳ ରାମପୁରର ଶ୍ରୀ ଅକ୍ଷୟ ସାହୁଙ୍କୁ, ଅନ୍ୟାନ୍ୟ କ୍ଷେତ୍ରରେ ସହାଯ୍ୟ କରିଥିବା ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କରୁଣାକର ରାଇକାଙ୍କୁ, କନ୍ଧମାଳ ଅନ୍ତର୍ଗତ ବାଲିଗୁଡ଼ାସ୍ଥିତ ଶ୍ରୀ ତରୁଣକାନ୍ତ ମିତ୍ର ଏବଂ ଶ୍ରୀ ରାଜେଶ ରୋଶନ ପଟ୍ଟନାୟକଙ୍କର ସମସ୍ତ ପ୍ରକାର ସହଯୋଗ ନିମିତ୍ତ ଆମ୍ଭେ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଛୁ ।

ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦୀପକ ମହାନ୍ତି, ଆଇ.ଏଫ୍.ଏସ୍‌ଙ୍କୁ ମଧ୍ୟ ଆମେ ହାର୍ଦ୍ଦିକ କୃତଜ୍ଞତା ଜଣାଉଛୁ । ଆମର ଏହି ପୁସ୍ତିକା ପ୍ରକାଶନ ତାଙ୍କର ଅନବଦ୍ୟ ସହଯୋଗ ଓ ମାର୍ଗଦର୍ଶନ ଯୋଗୁଁ ସମ୍ଭବ ହୋଇ ପାରିଛି । ପ୍ରାକୃତିକ ସମ୍ବଳ ପରିଚାଳନା ପରାମର୍ଶଦାତାମାନଙ୍କୁ ଏବଂ ବୈଷୟିକ ଜ୍ଞାନ ପରାମର୍ଶଦାତା ସେବାସଂସ୍ଥାମାନଙ୍କୁ ସେମାନଙ୍କର ସମର୍ଥନ ଓ ସହଯୋଗ ନିମିତ୍ତ ଧନ୍ୟବାଦ ଜଣାଉଛୁ ।

ଶ୍ରୀ ଦାଶରଥି ସାହୁ, ପି.ଏସ୍.ଟି.ର ଦଳପତିଙ୍କୁ ପ୍ରକାଶନରେ ତାଙ୍କର ଦିଗ୍‌ଦର୍ଶନ ଓ ସହଯୋଗ ନିମିତ୍ତ ବିଶେଷ ଧନ୍ୟବାଦ ଦେବା ସହ ଆର୍ଥିକ ଉପଦେଷ୍ଟା ଶ୍ରୀ ରଘୁନାଥ ବେହେରାଙ୍କୁ ସମସ୍ତ ତଥ୍ୟ ଯୋଗାଇଦେବା ନିମିତ୍ତ ମଧ୍ୟ ଧନ୍ୟବାଦ ଦେଉଛୁ । ସର୍ବୋପରି ଏହି ପ୍ରକାଶନର ରୂପରେଖ ଓ ସମ୍ପାଦନ ନିମିତ୍ତ ଶ୍ରୀ ସୁଦିନ କେ.ଙ୍କ ନିକଟରେ ଆମ୍ଭେମାନେ କୃତଜ୍ଞତା ପ୍ରକାଶ କରୁଛୁ ।

ଅନେକ ବ୍ୟକ୍ତି ତଥା ଗୋଷ୍ଠୀ ପ୍ରତିନିଧିମାନଙ୍କ ପ୍ରଦତ୍ତ ଗଳ୍ପ ଓ କଠିନ ପରିଶ୍ରମ ତଥା ସଦିଚ୍ଛା ବଳରେ ଏହି ପ୍ରକାଶନଟି ସଫଳ ହୋଇପାରିଥିବାରୁ ସେମାନଙ୍କୁ ଆମେ ସଶ୍ରଦ୍ଧ ସମ୍ମାନ ଜଣାଉଛୁ ।



**ଉପସ୍ଥାପନା ଓ ସଂକଳନ**

ଅରୂପା ମିଶନ ଗବେଷଣା ସଂସ୍ଥାନ

# ସଂକ୍ଷେପକରଣ

| | |
|---|---|
| **ASHA** : | ଆକ୍ରେଡ଼ିଟେଡ଼୍ ସୋସିଆଲ୍ ହେଲଥ୍ ଆକ୍ଟିଭିଷ୍ଟ୍ |
| **CCD** : | ସେଣ୍ଟର୍ ଫର୍ କମ୍ୟୁନିଟ୍ ଡ଼େଭ୍ଲପ୍‌ମେଣ୍ଟ୍ |
| **CYSD** : | ସେଣ୍ଟର୍ ଫର୍ ୟୁଥ୍ ଆଣ୍ଡ ସୋସିଆଲ୍ ଡ଼େଭ୍ଲପ୍‌ମେଣ୍ଟ୍ |
| **FNGO** : | ଫାସିଲେଟିଙ୍ଗ୍ ନନ୍-ଗଭର୍ଣ୍ଣମେଣ୍ଟ୍ ଅର୍ଗାନାଇଜେସନ୍ |
| **GVT** : | ଗ୍ରାମୀଣ ବିକାଶ ଟ୍ରଷ୍ଟ୍ |
| **HS** : | ହିମୋରାହାଜିକ୍ ସେପ୍‌ଟିସେମିଆ |
| **ICDS** : | ଇଣ୍ଟିଗ୍ରେଟେଡ଼୍ ଚାଇଲଡ଼୍ ଡ଼େଭ୍ଲପ୍‌ମେଣ୍ଟ୍ ସ୍କିମ୍ |
| **IFAD** : | ଇଣ୍ଟରନେସ୍‌ନାଲ୍ ଫଣ୍ଡ୍ ଫର ଏଗ୍ରିକଲ୍‌ଚର ଡ଼େଭ୍ଲପମେଣ୍ଟ୍ |
| **NGO** : | ନନ୍ ଗଭର୍ଣ୍ଣମେଣ୍ଟ ଅରଗାନାଇଜେସନ୍ (ସ୍ୱେଚ୍ଛାସେବୀ ଅନୁଷ୍ଠାନ) |
| **NREGA** : | ନ୍ୟାସନାଲ୍ ରୁରାଲ୍ ଏମ୍ପ୍ଲୟେମେଣ୍ଟ୍ ଗ୍ୟାରେଣ୍ଟି ଆକ୍ଟ |
| **NRM** : | ନାଚୁରାଲ୍ ରିସୋର୍ସ ମ୍ୟାନେଜ୍‌ମେଣ୍ଟ୍ |
| **OTELP** : | ଓଡ଼ିଶା ଆଦିବାସୀ ସଶକ୍ତିକରଣ ଏବଂ ଜୀବିକା ନିର୍ବାହ କାର୍ଯ୍ୟକ୍ରମ |
| **PRDATA** : | ଫୁଲବାଣୀ ରୁରାଲ୍ ଡ଼େଭ୍ଲପ୍‌ମେଣ୍ଟ ଆଣ୍ଡ୍ ଟେକ୍‌ନୋଲୋଜି ଏଜେନ୍ସି |
| **PTD** : | ପାର୍ଟିସିପେଟୋରି ଟେକ୍‌ନୋଲୋଜି ଡ଼େଭ୍ଲପ୍‌ମେଣ୍ଟ୍ |
| **RASS** : | ରାଷ୍ଟ୍ରୀୟ ସେବା ସମିତି |
| **SHG** : | ସ୍ୱୟଂ ସହାୟକ ଦଳ |
| **SRI** : | (ଶ୍ରୀ ପ୍ରଣାଳୀରେ ଧାନ ଚାଷ) ସିସ୍ଟମ୍ ଅଫ୍ ରାଇସ ଇଣ୍ଟେନସିଫିକେସନ୍ |
| **SWWS** : | ସୋସାଇଟି ଫର ୱେଲ୍‌ଫେୟାର ଅଫ୍ ଉଇକର ସେକ୍‌ସନ୍ |
| **UNWFP** : | ୟୁନାଇଟେଡ଼୍ ନେସନ୍‌ସ ୱାର୍ଲଡ଼୍ ଫୁଡ଼୍ ପ୍ରୋଗାମ୍ |
| **VDA** : | ଭିଲେଜ୍ ଡ଼େଭ୍ଲପ୍‌ମେଣ୍ଟ୍ ଆସୋସିଏସନ୍ (ଗ୍ରାମ ଉନ୍ନୟନ ସଂଘ) |
| **VDC** : | (ଗ୍ରାମ ଉନ୍ନୟନ କମିଟି) |
| **VDF** : | (ଗ୍ରାମ ଉନ୍ନୟନ ପାଣ୍ଠି) |
| **VDLP** : | (ଗ୍ରାମ ଉନ୍ନୟନ ଓ ଜୀବିକା ନିର୍ବାହ ଯୋଜନା) |
| **VLSC** : | (ଗ୍ରାମ୍ୟ ସ୍ତରୀୟ ଉପକମିଟି) |
| **VSS** : | (ବନ ସଂରକ୍ଷଣ ସମିତି) |



# ମୁଖବନ୍ଧ

ଓଡ଼ିଶା ଆଦିବାସୀ ସଶକ୍ତିକରଣ ଏବଂ ଜୀବିକା ନିର୍ବାହ କାର୍ଯ୍ୟକ୍ରମ (ଓ.ଟି.ଇ.ଏଲ୍.ପି.) ୨୦୦୪ ରୁ ଆରମ୍ଭ ହୋଇ ସମ୍ପ୍ରତି ଏହା ସଫଳ ରୂପାୟନର ମଧ୍ୟବର୍ତ୍ତୀ କାଳରେ ପହଞ୍ଚିଛି । ଏହି କାର୍ଯ୍ୟକ୍ରମ ଆଦିବାସୀ ଗୋଷ୍ଠୀଗୁଡ଼ିକର ସଶକ୍ତିକରଣ ତଥା ଜୀବିକା ନିର୍ବାହର ଉନ୍ନୟନ ସହ ଖାଦ୍ୟ ନିରାପତ୍ତା ହାସଲ କରିବାର ଲକ୍ଷ୍ୟ ରଖିଛି । ଓ.ଟି.ଇ.ଏଲ୍.ପି. ଅର୍ଥବ୍ୟବସ୍ଥା ଠାରୁ ଆରମ୍ଭ କରି ରୂପାୟନ ସ୍ତର ପର୍ଯ୍ୟନ୍ତ ପହଞ୍ଚିବାପାଇଁ ଏକ ସମନ୍ୱୟ ନୀତି ଉପରେ ଆଧାରିତ । ଆଦିବାସୀ ଗୋଷ୍ଠୀ ଗୁଡ଼ିକ ତାଙ୍କ ଅଂଚଳର ଉତ୍ପାଦିକତା ଓ ପାରମ୍ପରିକ ସମ୍ବଳଗୁଡ଼ିକର ଅବକ୍ଷୟର ମୂକସାକ୍ଷୀ ରୂପେ ପଡ଼ି ରହିଛନ୍ତି । ତେଣୁ ଏହି ଗୋଷ୍ଠୀମାନଙ୍କର ଖାଦ୍ୟ ନିରାପତ୍ତା ଏହି କାର୍ଯ୍ୟକ୍ରମ ପାଇଁ ଏକ ମୁଖ୍ୟ ଆହ୍ୱାନ । ଏହି ଆହ୍ୱାନ କେବଳ ଉତ୍ପାଦନଶୀଳତାର ବୃଦ୍ଧି ପାଇଁ ନୁହେଁ, ବରଂ ସେହି ଅବହେଳିତ ଆଦିବାସୀ କୃଷକମାନଙ୍କର ଜ୍ଞାନ ଓ କୌଶଳର ବୃଦ୍ଧି ସାଧନ ନିମିତ୍ତ ମଧ୍ୟ ଉଦ୍ଦିଷ୍ଟ ।

ଆଦିବାସୀ ଗୋଷ୍ଠୀଗୁଡ଼ିକ ମଧ୍ୟରେ ସେମାନଙ୍କ ଅଧିକାର ଓ ଯୋଗ୍ୟତା ସମ୍ପର୍କରେ ସଚେତନତା ବୃଦ୍ଧି ଦିଗରେ ବିଧିବଦ୍ଧ ସହାୟତା ଏକାନ୍ତ ଅପରିହାର୍ଯ୍ୟ । ସେମାନଙ୍କ ପାଇଁ ଏଭଳି ଅନୁଷ୍ଠାନମାନ ଦରକାର, ଯେଉଁମାନେ କି ଅନ୍ୟାନ୍ୟ ବାହ୍ୟ ବ୍ୟକ୍ତି ବା ଅନୁଷ୍ଠାନ ସହ ଯୋଗାଯୋଗ କରାଇଦେଇ ପାରିବେ, ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ କରାଇପାରିବେ, ସେମାନଙ୍କ ନ୍ୟାଯ୍ୟ ଅଧିକାର ସାବ୍ୟସ୍ତ କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗ ମାନ ହାସଲ ସୃଷ୍ଟି କରାଇପାରିବେ, ସେମାନଙ୍କ ନିଜସ୍ୱ ସ୍ୱାର୍ଥ ସାଧନର ପ୍ରତିନିଧିତ୍ୱ କରିବେ ତଥା ସର୍ବୋପରି ସେମାନଙ୍କ ଅର୍ଥନୈତିକ ସୁଯୋଗଗୁଡ଼ିକୁ ଚିହ୍ନଟ କରାଇ ସେଗୁଡ଼ିକର ପ୍ରକୃଷ୍ଟ ବିନିଯୋଗ କରାଇପାରିବେ ।

ପୁନଶ୍ଚ ଆଦିବାସୀ ଗୋଷ୍ଠୀଗୁଡ଼ିକ ପକ୍ଷରେ ସେହି ଅନୁଷ୍ଠାନ ସମୂହକୁ ନିଜସ୍ୱ ଶୈଳୀରେ ପରିଚାଳିତ କରିବାର କୌଶଳ ଓ ଆତ୍ମବିଶ୍ୱାସ ଦରକାର । ସେଥିପାଇଁ ଆଦିବାସୀ ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ ଉନ୍ନୟନ ସଂଘ, ଗ୍ରାମସ୍ତରୀୟ ଉପ କମିଟି, ବନ ସଂରକ୍ଷଣ ସମିତି ଏବଂ ଆଦିବାସୀ ବଜାର କମିଟି ଇତ୍ୟାଦିର ପରିଚାଳନା ଓ ଉନ୍ନୟନ କରାଇବାର ଯୋଗ୍ୟତା ହାସଲ କରାଇବାକୁ ଓଟିଇଏଲ୍‌ପି ସର୍ବଦା ଯତ୍ନଶୀଳ ।

ଓ.ଟି.ଇ.ଏଲ୍.ପି. ନିଜର କାର୍ଯ୍ୟପ୍ରଣାଳୀରେ ଏକ ସ୍ୱଳ୍ପକାଳୀନ, ମଧ୍ୟମ-କାଳୀନ ଓ ଦୀର୍ଘକାଳୀନ କୌଶଳର ମିଶ୍ରଣ ନୀତି ଅବଲମ୍ବନ କରିଥାଏ । ଏହାଦ୍ୱାରା ଲୋକମାନଙ୍କର ଖାଦ୍ୟ ନିରାପତ୍ତାର ଅଭିବୃଦ୍ଧି ଘଟେ । ଜମି, ଜଳ ଓ ଜଙ୍ଗଲ ସମ୍ବଳର ଉନ୍ନୟନ କାର୍ଯ୍ୟାବଳୀରେ ଲୋକମାନଙ୍କୁ ନିୟୋଜିତ କରି ନଗଦ ମଜୁରୀ ଅର୍ଥ ଓ ଖାଦ୍ୟ ଆକାରରେ ଯୋଗାଇଥାଏ । ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ସହ ଏକୀକରଣ ଫଳରେ ଏହା ସହଜସାଧ୍ୟ ହୋଇଥାଏ ।

ଯେଉଁ ଜମିଗୁଡ଼ିକ ମୃତ୍ତିକା ଅବକ୍ଷୟ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥାଏ, ସେଗୁଡ଼ିକର ଉତ୍ପାଦନକ୍ଷମତା ବଢ଼ାଇବା ପାଇଁ ଏନ୍.ଆର.ଇ.ଜି.ଏ ମାଧ୍ୟମରେ କରାଯାଉଥିବା କାମଗୁଡ଼ିକର ଦୀର୍ଘକାଳୀନ ପ୍ରଭାବ ପଡ଼ିଥାଏ । ପୋଡୁଚାଷ ଯୋଗୁଁ ଯେଉଁସବୁ ପାହାଡ଼ିଆ ଜମିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥାଏ, ସେଗୁଡ଼ିକର ପୋଡୁ ପରିବର୍ତ୍ତନ କରାଯାଇ ପରିବେଶର ସୁରକ୍ଷା କରାଯାଏ । ନିଜ ଚାଷ ଜମିଗୁଡ଼ିକର ବର୍ଦ୍ଧିଷ୍ଣୁ ଉତ୍ପାଦନଶୀଳତା ଓ ଉତ୍ତମ ଆତ୍ମନିଯୁକ୍ତି ସୁଯୋଗ ଦ୍ୱାରା ପୋଡୁଚାଷ କ୍ରମଶଃ ହ୍ରାସ ପାଇବାରେ ଲାଗିଛି ।

ଏହିସବୁ ସଫଳତା ମିଳିବାର କାରଣ ହେଉଛି ସମସ୍ତ କ୍ଷେତ୍ରରେ ମିଳିତ ଭାବରେ କାମ କରିବାର ଆଗ୍ରହ । ସମ୍ବଳ ଯୋଗାଡ଼ ପାଇଁ ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥା ସହ, ଜାତୀୟ ଓ ରାଜ୍ୟସ୍ତରୀୟ ସରକାରୀ ବିଭାଗ ସହ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇ.ଟି.ଡ଼ି.ଏ) ଏବଂ ସ୍ୱେଚ୍ଛାସେବୀ ସଂଗଠନ, ଓ.ଟି.ଇ.ଏଲ୍.ପି. ଏକ ନିବିଡ଼ ସହଭାଗିତା ସୃଷ୍ଟି କରି ପାରିଛି । ଆଦିବାସୀ ଗୋଷ୍ଠୀଙ୍କ ଆଶା ଓ ଆକାଂକ୍ଷା ତଥା ସହଭାଗିତାରେ କାର୍ଯ୍ୟକ୍ରମର ଅଭିଜ୍ଞତାକୁ ପ୍ରକାଶ କରିବା ପାଇଁ ଏହି ଦସ୍ତାବିଜ ପ୍ରଚେଷ୍ଟା କରିଛି । ଯେଉଁ ପ୍ରକାରର ପରିବର୍ତ୍ତନ ସେମାନଙ୍କର ଜୀବନରେ ସେମାନେ ଅନୁଭବ କରିଛନ୍ତି, ସେସବୁର କିଛି ଅଂଶ ଏହି ପୁସ୍ତକରେ ପ୍ରତିଫଳିତ ହୋଇଛି । ପ୍ରଗତିର ଏହି ବିଶାଳ ଆହ୍ୱାନକୁ କାର୍ଯ୍ୟକାରୀ କରୁଥିବା ଅନୁଷ୍ଠାନମାନଙ୍କୁ ତଥା ବାସ୍ତବ କ୍ଷେତ୍ରରେ ପ୍ରଗତିର କୌଶଳକୁ ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରିଥିବା ଲୋକମାନେ ଓ.ଟି.ଇ.ଏଲ୍.ପି.ର ଧନ୍ୟବାଦର ପାତ୍ର । ଆଦିବାସୀ ଗୋଷ୍ଠୀମାନଙ୍କର ଆଗ୍ରହ, ଉତ୍ସାହ, ବିଶ୍ୱାସ ଓ ସହଭାଗିତା ନିମିତ୍ତ ସେମାନଙ୍କ ପ୍ରତି ଓ.ଟି.ଇ.ଏଲ୍.ପି. ଚିର କୃତଜ୍ଞ ।

**ଦୀପକ ମହାନ୍ତି,** ଆଇ.ଏଫ୍.ଏସ୍

କାର୍ଯ୍ୟକ୍ରମ ନିର୍ଦ୍ଦେଶକ, ଓ.ଟି.ଇ.ଏଲ୍.ପି.

# ଉପକ୍ରମଣିକା

ଦକ୍ଷିଣ-ପଶ୍ଚିମ ଓଡ଼ିଶା ଭାରତବର୍ଷର ଅବହେଳିତ ଅଞ୍ଚଳମାନଙ୍କ ମଧ୍ୟରୁ ଅନ୍ୟତମ । ଏହାର ଲୋକସଂଖ୍ୟା ୧.୪ ନିୟୁତ (୧୪ ଲକ୍ଷ) ଏବଂ ଏହାର ଏକ-ତୃତୀୟାଂଶ ଲୋକ ଦରିଦ୍ର । ସମଗ୍ର ଲୋକସଂଖ୍ୟାର ଅର୍ଦ୍ଧେକ ଆଦିବାସୀ ଗୋଷ୍ଠୀର ଏବଂ ଶତକଡ଼ା ୧୨ ଭାଗ ଲୋକ ହରିଜନ ଅଟନ୍ତି ।

ବିଶେଷତଃ ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳଗୁଡ଼ିକ ଅତି ନିପଟ ମଫସଲ ଏବଂ ଘଞ୍ଚ ଜଙ୍ଗଲ ଦ୍ୱାରା ବେଷ୍ଟିତ । ଗମନାଗମନର ଦୂରବସ୍ଥା, ଅତି ନିମ୍ନମାନର ଭିତ୍ତିଭୂମି ଏହି ଅଞ୍ଚଳର ପ୍ରକୃତ ଚରିତ୍ରକୁ ପ୍ରତିଫଳିତ କରେ । ମାନବ ବିକାଶର ତାଲିକା ମଧ୍ୟରେ ଏହି ଗ୍ରାମାଞ୍ଚଳ ଅତି ନିମ୍ନସ୍ତରରେ ପଡ଼ିରହିଛି ।

ଏତାଦୃଶ ଅଞ୍ଚଳଗୁଡ଼ିରେ ଓଡ଼ିଶାରେ ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ (ଓ.ଟି.ଇ.ଏଲ୍.ପି.) ୨୦୦୪ ମସିହାରୁ କାର୍ଯ୍ୟକାରୀ ହେଉଅଛି । ଏହି ଓ.ଟି.ଇ.ଏଲ୍.ପି. ହେଉଛି ରୋମର ଆନ୍ତର୍ଜାତିକ କୃଷି ଉନ୍ନୟନ ପାଣ୍ଠି (ଆଇ.ଏଫ୍.ଏ.ଏଡ଼ି), ଇଂଲଣ୍ଡର ଡ଼ି.ଏଫ୍. ଆଇ.ଡ଼ି. (ଆନ୍ତର୍ଜାତିକ ଉନ୍ନୟନ ବିଭାଗ), ମିଳିତ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡ଼ବ୍ଲ୍ୟୁ.ଏଫ୍.ପି.) ଏବଂ ଓଡ଼ିଶା ସରକାରଙ୍କ ମିଳିତ ପାଣ୍ଠିର ଏକ ଉଦ୍ୟମ । ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ଆଦିବାସୀ ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଅଛି ।

ଦକ୍ଷିଣ-ପଶ୍ଚିମ ଓଡ଼ିଶାର ଗଜପତି କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲାକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାମାନଙ୍କରେ ଥିବା ଆଦିବାସୀ ଗୋଷ୍ଠୀ ସମୂହର ସଶକ୍ତିକରଣ ନିମିତ୍ତ ଓଟିଇଏଲ୍‌ପି କାମ କରିଥାଏ । ଉପରୋକ୍ତ ଜିଲ୍ଲାଗୁଡ଼ିକରେ ବାସ କରୁଥିବା ଆଦିବାସୀମାନେ ଅତି ଉତ୍କଟ ଦାରିଦ୍ର୍ୟର ଶିକାର ହୋଇଥାନ୍ତି । ନୂତନ ଜ୍ଞାନ କୌଶଳ ସେମାନଙ୍କ ପାଖରେ ପହଞ୍ଚି ପାରିନଥାଏ । ସେମାନେ ନିହାତି ଅପନ୍ତରା ବା ଦୁର୍ଗମ ଅଂଚଳରେ ବାସ କରୁଥିବାରୁ ଖାଦ୍ୟାଭାବ ସହ ବିଭିନ୍ନ ରୋଗର ଶୀକାର ହୋଇଥାନ୍ତି । ମୋଟା ମୋଟି ସେମାନେ ଅନେକ ବିଷୟରୁ ବଂଚିତ ହୋଇ ବାସ କରିଥାନ୍ତି । ସେଥିପାଇଁ ଏହି ଦୁଃଖଦ ଓ କଷ୍ଟପ୍ରଦ ପରିସ୍ଥିତିର ଏକ ସ୍ଥାୟୀ ପରିବର୍ତ୍ତନ ଆଣିବା ପାଇଁ ହେଲେ ଏହି ସମସ୍ତ ଆହ୍ୱାନର ସମ୍ମୁଖୀନ ହୋଇ ବହୁ ମୁଖୀ ସମାଧାନର ରାସ୍ତା ଅବଲମ୍ବନ କରିପାରିବା ଭଳି କାର୍ଯ୍ୟକ୍ରମ ହାତକୁ ନେବା ଉଚିତ ।

ଏହି ଦୃଷ୍ଟିରୁ ଓ.ଟି.ଇ.ଏଲ୍.ପି ଦୁର୍ଗମ ଅଂଚଳରେ ଥିବା ଦରିଦ୍ର ଆଦିବାସୀ ପାଇଁ ଜୀବିକା ଓ ଖାଦ୍ୟ ନିରାପତ୍ତାର ବିଭିନ୍ନ ସହାୟତା ଯୋଗାଇ ସେମାନଙ୍କୁ ଗୁଣାତ୍ମକମାନର ଜୀବନ ଧାରଣ ପାଇଁ ଅନୁପ୍ରେରିତ କରିବାର ଲକ୍ଷ୍ୟ ସ୍ଥିର କରିଛି । ଆଦିବାସୀ ଗୋଷ୍ଠୀଗୁଡ଼ିକର ଆନ୍ତରିକ ଭାବରେ ସଶକ୍ତିକରଣ ପାଇଁ ସେମାନଙ୍କ ଅଧିକାର ସମ୍ପର୍କିତ ପ୍ରସଙ୍ଗକୁ ଓ.ଟି.ଇ.ଏଲ୍.ପି ଅବଲମ୍ବନ କରିଛି । ନିଜ ଦୂରବସ୍ଥାର ଉନ୍ନତୀକରଣ ଓ ଉନ୍ନତମାନର ଜୀବନ ଯାପନର ଯୋଜନା ସେମାନେ ନିଜେ ପରିଚାଳନା କରିବା ପାଇଁ ସେମାନଙ୍କୁ ଯୋଗ୍ୟ କରାଉଛି ତଥା ଆର୍ଥିକ ଜଗତ ଓ ବଜାର ପରିଚାଳନା, କୌଶଳଗତ ଉନ୍ନତି ଆଦି ବିଷୟରେ ସେମାନଙ୍କୁ ବଳବତ୍ତର କରାଇବା ପାଇଁ ଅନୁଷ୍ଠାନ ଗଠନ କରାଇବାରେ ଦରିଦ୍ର ଜନସାଧାରଣଙ୍କୁ ସାହାଯ୍ୟ କରୁଛି ।

ଏହି ସମସ୍ତ କାର୍ଯ୍ୟକ୍ରମର ମୌଳିକ ଲକ୍ଷ୍ୟ ହେଉଛି ଲୋକଙ୍କ ଖାଦ୍ୟ ନିରାପତ୍ତା ବୃଦ୍ଧି କରାଇବା, ଗୋଷ୍ଠୀଭିତ୍ତିକ ସଂସ୍ଥାମାନେ ଯେପରି ଉନ୍ନତି ସାଧନକୁ ସଠିକ୍ ରୂପେ ରୂପାୟିତ କରିପାରବେ, ସେଥିପାଇଁ ସେମାନଙ୍କୁ ସମର୍ଥନ ଓ ସାହାଯ୍ୟ ଯୋଗାଇବା, ଆଦିବାସୀ ଲୋକଙ୍କ ଜମି ମାଲିକାନାକୁ ଆଇନଗତ ସ୍ୱଚ୍ଛତା ଯୋଗାଇବା, ଲୋକେ ଯେପରି ଉଚିତ ମଜୁରୀ ଇତ୍ୟାଦି ପାଇ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ହାସଲ କରିବେ ତଥା ଗ୍ରାମସ୍ତରରେ ଉନ୍ନତତର ଭିତ୍ତିଭୂମି ପ୍ରତିଷ୍ଠା କରିବେ - ସେଥିପାଇଁ ସେମାନଙ୍କୁ ଯୋଗ୍ୟ କରାଇବା ଇତ୍ୟାଦି ।

ଓ.ଟି.ଇ.ଏଲ୍.ପି ଏକ ବହୁମୁଖୀ ଯୋଜନାରେ ପରିଣତ ହୋଇଛି - ଯେହେତୁ ଏହା ନିମ୍ନୋକ୍ତ ଉପାୟରେ ଜମିର ଉତ୍ପାଦନଶୀଳତା ବୃଦ୍ଧି କରାଇବାରେ ବଦ୍ଧ ପରିକର ହୋଇଛି । ସେହି ଉପାୟଗୁଡ଼ିକ ହେଉଛି, ସ୍ଥାୟୀ ଚାଷ ପ୍ରଣାଳୀ, ଜଳସମ୍ବଳର ଉନ୍ନତି ସାଧନ, କୃଷିର ବିବିଧକରଣ, ପୋଡୁଚାଷ ଉପରେ ନିର୍ଭରଶୀଳତାର ହ୍ରାସ, ଜଂଗଲଜାତ ଦ୍ରବ୍ୟକୁ ଅଧିକ ଲାଭଜନକ କରାଇବାରେ ଆଦିବାସୀ ଗୋଷ୍ଠୀଗୁଡ଼ିକୁ ସକ୍ଷମ କରାଇବା, ପଶୁ ସମ୍ପଦର ବିକାଶ ସାଧନ କରାଇବା, କୌଶଳ ବୃଦ୍ଧି ତଥା ସ୍ୱୟଂ ସହାୟକ ସଂଗଠନ ମାଧ୍ୟମରେ ଉନ୍ନତ ଜୀବନଯାପନ କରି ଉତ୍କଟ ଋଣ ଯନ୍ତାରୁ ମୁକ୍ତ ହେବା ପାଇଁ ଲୋକଙ୍କୁ ଯୋଗ୍ୟ କରାଇବା ଇତ୍ୟାଦି ପ୍ରଣାଳୀ ଅନୁସୃତ ହେଉଛି ।

ବିକେନ୍ଦ୍ରୀକରଣର ରୂପାୟନ ତଥା ସୁଯୋଗ ସୃଷ୍ଟି ମାଧ୍ୟମରେ ଓ.ଟି.ଇ.ଏଲ୍.ପି. ଉନ୍ନତି ସାଧନର ବହୁମୁଖୀ ଉପାୟ ଅବଲମ୍ବନ କରିଛି । ଆଦିବାସୀ ଗୋଷ୍ଠୀଗୁଡ଼ିକ ଯେପରି ସଠିକ୍ ଭାବରେ 'ନିଷ୍ପତ୍ତି ଗ୍ରହଣ' କରିପାରିବେ, ଓ.ଟି.ଇ.ଏଲ୍.ପି. ସେ ବିଷୟରେ ସର୍ବଦା ଯତ୍ନଶୀଳ । ଗୋଟିଏ ଅଣୁ-

ଜଳବିଭାଜିକା ଅଧିନରେ ତିନିରୁ ଚାରୋଟି ଗ୍ରାମ ବା ପଡ଼ା ରହିଥିବାରୁ ଗ୍ରାମ୍ୟ ଉନ୍ନୟନ ଉପକମିଟି ଗୁଡ଼ିକ ଗଢ଼ା ହୋଇଛି । ଜଳ ବିଭାଜିକା ସ୍ତରରେ ଗ୍ରାମ୍ୟ ଉନ୍ନୟନ କମିଟି ମଧ୍ୟ ଗଠିତ ହୋଇଛି । ଗ୍ରାମ୍ୟ ଉନ୍ନୟନ କମିଟି ଗୁଡ଼ିକ ଏହି କାର୍ଯ୍ୟକ୍ରମ ଅଧୀନରେ ଆର୍ଥିକ ପାଣ୍ଠିର କିଛି ଅଂଶ ପରିଚାଳନା କରନ୍ତି । ସମନ୍ୱିତ ଆଦିବାସୀ ସଂସ୍ଥାଟି (ଆଇ.ଟି.ଡ଼ି.ଏ.) କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍ ଭାବରେ କାମ କରେ । ଏକ ସହଯୋଗୀ ବେସରକାରୀ ସଂଗଠନ (Facilitating NGO) ବ୍ଲକ ସ୍ତରରେ ବଛା ଯାଇଥାଏ, ଯାହାକି ଗୋଷ୍ଠୀସ୍ତରରେ ଯୋଜନା ଓ ଦକ୍ଷତା ବୃଦ୍ଧିର ପ୍ରଣାଳୀଗୁଡ଼ିକୁ ସହାୟତା କରିଥାଏ । ରାଜ୍ୟସ୍ତରରେ ମଧ୍ୟ ଗୋଟିଏ କାର୍ଯ୍ୟକ୍ରମ ସହଯୋଗ କେନ୍ଦ୍ର (PSU) ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଗଠିତ ହୋଇଛି ।

ଏହି କାର୍ଯ୍ୟକ୍ରମର ଅବଧି ଦଶବର୍ଷ । ଏହି ସମୟ ମଧ୍ୟରେ ୧୦୮୦ ଟି ଗ୍ରାମରେ ପ୍ରାୟ ୭୫୦୦୦ ଗୋଟି ପରିବାରକୁ ପ୍ରଭାବିତ କରି ସେମାନଙ୍କ ପାଖରେ ପହଞ୍ଚିବାର ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମଟି ପଞ୍ଚମ ବର୍ଷରେ ଉପନୀତ ହୋଇଛି । ଆଗକୁ ଆଗକୁ ବଢ଼ିବା ପାଇଁ ଏହି ୫ବର୍ଷର ସଂଗୃହୀତ ଅଭିଜ୍ଞତାକୁ କାମରେ ଲଗାଇ ଭବିଷ୍ୟତରେ ଓ.ଟି.ଇ.ଏଲ୍.ପି. ଉନ୍ନତିର କୌଶଳ ଗୁଡ଼ିକର ସଂସ୍କାର ନିମିତ୍ତ ପ୍ରୟାସୀ ହୋଇଛି ।

ଓ.ଟି.ଇ.ଏଲ୍.ପି. କାର୍ଯ୍ୟକ୍ରମ ଆଦିବାସୀ ଅଂଚଳରେ ବହୁ ଆହ୍ୱାନର ସମ୍ମୁଖୀନ ହୋଇଛି ଏବଂ ତାର ସମାଧାନ ପାଇଁ ମଧ୍ୟ ଚେଷ୍ଟା କରିଛି । ଗରିବ ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ଏହାର ପ୍ରଭାବ କାର୍ଯ୍ୟକ୍ରମର ଭବିଷ୍ୟତ ପାଇଁ ପ୍ରେରଣା ଯୋଗାଇବ । ଏହି ପ୍ରକାଶନଟି ଓ.ଟି.ଇ.ଏଲ୍.ପି.ର ଏହି ସମ୍ପର୍କୀୟ ଏକ ପ୍ରଚେଷ୍ଟା । ଏହା ଗଜପତି, କୋରାପୁଟ, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ଥିବା ଆଦିବାସୀ ଗୋଷ୍ଠୀମାନଙ୍କ ମଧ୍ୟରେ ପରସ୍ପର ଭାବ ବିନିମୟ ଉପରେ ପର୍ଯ୍ୟବେସିତ ।

# ପରିବର୍ତ୍ତନର ସ୍ୱର

ମହାଗୁଡ଼ା ଗ୍ରାମଟି ଏକ ପାହାଡ଼ ପରିବେଷ୍ଟିତ ଗ୍ରାମ ଯେଉଁଠି ୧୮୦ଟି କନ୍ଧ ଜାତିର ଆଦିବାସୀ ପରିବାର ବାସ କରନ୍ତି । କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକ ଅନ୍ତର୍ଗତ କୁତୁରବେଡ଼ା ଗ୍ରାମପଞ୍ଚାୟତରେ ଏହି ଗ୍ରାମଟି ଅବସ୍ଥିତ । ଏହି ଗାଁର ମା'ତାରିଣୀ ଅଣୁ ଜଳବିଭାଜିକାକୁ ଓ.ଟି.ଇ.ଏଲ୍.ପି. ତା'ର କାର୍ଯ୍ୟକ୍ରମ ରୂପାୟନ ନିମିତ୍ତ ବାଛିବା ସହ ୨୦୦୫ ମସିହାରୁ ସାହାଯ୍ୟ ଯୋଗାଇବା ଆରମ୍ଭ କଲା ।

ସାତଶହ ମିଟର ଲମ୍ବ କେନାଲ ଓ.ଟି.ଇ.ଏଲ୍.ପି.ର ସବୁଠାରୁ ଜନପ୍ରିୟ ସହଯୋଗ ବୋଲି ଗ୍ରାମବାସୀଗଣ ବିଚାର କରନ୍ତି । ୨୦ଟି ପରିବାର ଏହାଦ୍ୱାରା ଉପକୃତ ହୋଇଛନ୍ତି । ସେମାନେ ସମସ୍ତେ ଦୁଇଟି ଜଳ ବ୍ୟବହାରକାରୀ ଗୋଷ୍ଠୀରେ ବିଭକ୍ତ ହୋଇ ପ୍ରତ୍ୟେକ ଦଳରେ ୧୦ଜଣ ଲେଖାଏଁ ସଭ୍ୟ ରହିଛନ୍ତି । ସଭ୍ୟମାନେ ଉକ୍ତ ୨ ଗୋଷ୍ଠୀର ନାମକରଣ କରିବେ ।

ଜଗା ରାଓ ପ୍ରସ୍କା ଏହି ଜଳ ବ୍ୟବହାରକାରୀ ଗୋଷ୍ଠୀର ଜଣେ ସଭ୍ୟ, ଏବଂ ସେ କହନ୍ତି ଯେ, "ଗୋଷ୍ଠୀ ସଭ୍ୟମାନଙ୍କ ମଧ୍ୟରେ ଦଶଜଣ ଲୋକଙ୍କର ଜମିର ପରିମାଣ ୧ରୁ ୫ ଏକର । ଜମିରେ କେନାଲ ହେବା ପୂର୍ବରୁ ଆମେ ଖରାଦିନେ କେବଳ ଧାନଫସଲ କରୁଥିଲୁ । ଅଧିକାଂଶ ଜମିରେ କେବଳ ବର୍ଷାଦିନିଆ ଧାନ ହେଉଥିଲା । ସେତେବେଳେ ମାତ୍ର ୪୦ ଏକର ଜମି ଜଳସେଚନ ହୋଇପାରୁଥିଲା । ଧାନଅମଳ ପରେ ଆମେ ଦିନମଜୁରୀଆ ଭାବରେ କାମକରୁଥିଲୁ । ପୁରୁଷମାନେ ଦୈନିକ ୩୫ଟଙ୍କା ଓ ସ୍ତ୍ରୀଲୋକମାନେ ୩୦ ଟଙ୍କା ଲେଖାଏଁ ମଜୁରୀ ପାଉଥିଲେ । ଏହି ପ୍ରକାରରେ ଖୁବ୍ ବେଶୀରେ ଆମେ ୬ମାସ ଚଳିଯାଉଥିଲୁ ଏବଂ ବାକି ୬ମାସ ପାଇଁ କଠୋର ଜୀବନ ସଂଗ୍ରାମ କରିବାକୁ ପଡୁଥିଲା ।" ଓ.ଟି.ଇ.ଏଲ୍.ପି. ଟିମ୍ ଏବଂ RASS (ରାଷ୍ଟ୍ରୀୟ ସେବା ସମିତି) ନାମକ ଗୋଟିଏ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର PRA ମାଧ୍ୟମରେ ଗ୍ରାମବାସୀମାନେ ଗୋଟିଏ ଜଳଧାରା ନିର୍ମାଣକୁ ଏକ ମୁଖ୍ୟ ଆବଶ୍ୟକତା ବୋଲି ଚିହ୍ନଟ କଲେ । ଜଳ ବ୍ୟବହାରକାରୀ ଗୋଷ୍ଠୀମାନେ ୨୦୦୬ ମସିହାରେ ପ୍ରଥମେ ୩୫୦ ମିଟର ଲମ୍ବର କ୍ଷେତ୍ର କେନାଲ ନିର୍ମାଣ କଲେ ଏବଂ ୨୦୦୭ରେ ଆଉ ୩୫୦ ମିଟର ଲମ୍ବ କେନାଲ ତିଆରି କଲେ । ଏଣୁ ବର୍ତ୍ତମାନ ରୂପାନିକତା ନଦୀ (ଝରଣା)ର ଜଳକୁ ବ୍ୟବହାର କରି ଏହି କେନାଲ ମାଧ୍ୟମରେ ୮୦୦ ଏକର ଜମି ଜଳସେଚିତ ହୋଇପାରୁଛି ।

"ଆମେ ବର୍ତ୍ତମାନ ଫଳମୂଳ ସହ ଦୁଇଟି ଧାନ ଫସଲ କରି ପାରୁଛୁ । ପ୍ରଥମ ଫସଲରୁ ଉତ୍ପାଦିତ ଦ୍ରବ୍ୟକୁ ଆମେ ନିଜ ଖାଦ୍ୟପାଇଁ ବ୍ୟବହାର କରୁ । ଲୋକେ ୮ମାସ ପାଇଁ ଏବେ ପ୍ରଚୁର ଖାଦ୍ୟ ରଖୁଛନ୍ତି । ଯେଉଁମାନଙ୍କର ୨ ଏକର ବା ତଦୁର୍ଦ୍ଧ ଜମି ଅଛି ସେମାନେ ସାରା ବର୍ଷର ଆବଶ୍ୟକତା ଉତ୍ପାଦନ କରନ୍ତି । ଦ୍ୱିତୀୟ ପ୍ରକାର ଧାନ ଫସଲରୁ ଆମେ କ୍ୱିଣ୍ଟାଲ ପିଛା ୭୦୦ ରୁ ୮୦୦ ଟଙ୍କା ମଧ୍ୟରେ ରୋଜଗାର କରୁ ଏବଂ ଗୋଟିଏ ଏକର ଜମିରୁ ୨୦ କ୍ୱିଣ୍ଟାଲ୍ ଧାନ ପାଇଥାଉ, ଆମପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହେଉଛି ଯେ ଆମେ ଠିକାଦାରଠାରୁ ସର୍ବନିମ୍ନ ମଜୁରୀ ପାଇବା ପାଇଁ ସଫଳ ହୋଇପାରିଛୁ ।"



ଜଗା ରାଓ ପ୍ରସ୍କା

ପ୍ରାକୃତିକ ସମ୍ବଳ ପରିଚାଳନା ପାଇଁ ଓ.ଟି.ଇ.ଏଲ୍.ପି. ଉଚ୍ଚହାରରେ ମଜୁରୀ ସ୍ଥିର କରିଛି । ଆମେ ଏହି ଉଚ୍ଚହାରର ମଜୁରୀ ପାଇବା ପାଇଁ ଦାବି କରିଛୁ ବୋଲି ଗ୍ରାମ ଉନ୍ନୟନ କମିଟିର ସମ୍ପାଦକ ଶ୍ରୀଧର ଖରା କହିଛନ୍ତି । ମାସକୁ ୨ ଥର ସ୍ଥାନୀୟ ହାଟରୁ ତଟକା ମାଛ କିଣିବାକୁ ଏବେ ଜଗାରାଓ ପ୍ରସ୍କା ସକ୍ଷମ ହୋଇଛନ୍ତି ଏବଂ ଭାତ ସାଙ୍ଗରେ ପନିପରିବା ମଧ୍ୟ ଖାଇ ପାରୁଛନ୍ତି । ପୂର୍ବରୁ ସେ କେବଳ ଶୁଖୁଆ ଓ ପଖାଳ ଖାଉଥିଲେ ଏବଂ ତା ସହିତ ପାହାଡ଼ ଅଞ୍ଚଳରୁ ସଂଗୃହୀତ ଶାଗ ଖାଉଥିଲେ । ଏବେ ତାଙ୍କର ୨ଟି ପୁଅ ସରକାରୀ ବିଦ୍ୟାଳୟରେ ପଢୁଛନ୍ତି ଏବଂ ମଧ୍ୟାହ୍ନ ଭୋଜନ ପାଉଛନ୍ତି । ରାସ୍କା ବାସନ୍ତୀ (ଜଗା ରାଓଙ୍କ ପତ୍ନୀ) ରାଷ୍ଟ୍ରୀୟ ସେବା ସମିତି ଦ୍ୱାରା ଗଠିତ ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ ହୋଇଛନ୍ତି । ଏହି ଗୋଷ୍ଠୀ ଓ.ଟି.ଇ.ଏଲ୍.ପି. ସହାୟତାରେ ଏକ ନର୍ସରୀ ପ୍ରତିଷ୍ଠା କରିଛନ୍ତି ଏବଂ ନର୍ସରୀରୁ ଉତ୍ପାଦିତ ଶିଶୁ ଗଛ ଇତ୍ୟାଦିର ଚାରା ଗ୍ରାମ୍ୟ ଉନ୍ନୟନ କମିଟିକୁ ବିକ୍ରି କରୁଛନ୍ତି । ରାସ୍କା ବାସନ୍ତୀ କହିଛି ଯେ, ସେ ଏବେ କିଛି ସୁନା ଏବଂ ଲୁଗାପଟା କିଣିବାରେ ସକ୍ଷମ ହୋଇଛି ।

ବିକ୍ରି ଲବଧ ଅର୍ଥ ଏସ୍.ଏଚ୍.ଜି. ଏକାଉଣ୍ଟରେ ଜମା ରହୁଛି । ଗ୍ରାମ ଉନ୍ନୟନ କମିଟି ଏହି ଚାରାଗଛ ଗୁଡ଼ିକୁ ବନ ସଂରକ୍ଷଣ ସମିତିକୁ ବୃକ୍ଷରୋପଣ ନିମିତ୍ତ ଯୋଗାଇ ଦିଏ ।

ବନ ସଂରକ୍ଷଣ ସମିତି ୮୦ ହେକ୍ଟର ଜମିରେ ସହଯୋଗ ମୂଳକ ଜଙ୍ଗଲ ପରିଚାଳନା ମାଧ୍ୟମରେ ବୃକ୍ଷରୋପଣ କରିଛନ୍ତି, ଏହିକଥା ଦିଗମ୍ବର ଦାସବାବୁ କହିଛନ୍ତି ।



# ସତ୍ୟମେବ ଜୟତେ : ଆଦିବାସୀ ବଜାର କମିଟି



ଫୁଲବାଣୀ ଗ୍ରାମ ଉନ୍ନୟନ ଏବଂ ବୈଷୟିକ ସଂସ୍ଥା (PRDATA) ଦ୍ୱାରା ଏକ ଆଦିବାସୀ ବଜାର କମିଟି ଓ.ଟି.ଇ.ଏଲ୍.ପିର ସହାୟତାରେ ପ୍ରତିଷ୍ଠିତ ହୋଇଥିଲା । ଏହି ସଂସ୍ଥା (PRDATA) କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ବ୍ଲକର ଏକ ସହାୟକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଟେ । ଏହା ହିଁ ମାର୍କେଟିଂ କୌଶଳର ସ୍ୱଚ୍ଛ ବ୍ୟବସ୍ଥାକୁ ଅନୁଷ୍ଠାନିକ ରୂପ ଦେବା ପାଇଁ ଏକ ଉଦ୍ଭାବନ, ଯାହାକି ଆଦିବାସୀ ଗୋଷ୍ଠୀର ଉତ୍ପାଦିତ ଦ୍ରବ୍ୟକୁ ଉନ୍ନତ ମୂଲ୍ୟ ପ୍ରଦାନ କରିଥାଏ । ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ଉପରେ ଅଧିକ ନିୟନ୍ତ୍ରଣ ନିମିତ୍ତ ଆଦିବାସୀ ଜାତିକୁ ଏହା ଯୋଗ୍ୟ କରାଇଥାଏ । କିନ୍ତୁ ପୂର୍ବେ ସେମାନେ ବିଭିନ୍ନ ଦଲାଲ ବ୍ୟବସାୟୀ ଏବଂ ଟଙ୍କା କରଜ ଦେଉଥିବା ଲୋକଙ୍କ ଦ୍ୱାରା ଶୋଷିତ ହେଉଥିଲେ ।

ଫୁଲବାଣୀ ଗ୍ରାମ ଉନ୍ନୟନ ଏବଂ ବୈଷୟିକ ସଂସ୍ଥାଟି ଆବିଷ୍କାର କଲା ଯେ ଆଦିବାସୀମାନେ ଖୁବ୍ କମ୍ ଲାଭ ପାଉଛନ୍ତି, ଏବଂ କେବଳ ମୂଲ୍ୟ ଉପରେ ଠକାମିରେ ପଡୁନାହାନ୍ତି ବରଂ ଓଜନରେ ମଧ୍ୟ ଠକାମିର ଶୀକାର ହେଉଛନ୍ତି । ସେହି ବ୍ୟବସାୟୀ ଏବଂ ମହାଜନମାନେ ଆଦିବାସୀମାନଙ୍କୁ ଉତ୍ପାଦିତ ଦ୍ରବ୍ୟର ଆଦାନ ପ୍ରଦାନ ପ୍ରଣାଳୀ (ବାଟର) ସିଷ୍ଟମ୍ ମାଧ୍ୟମରେ ଠକି ଚାଲିଥିଲେ ଏବଂ 'ମାଣ' ନାମକ ଏକ ଓଜନ ପ୍ରକ୍ରିୟାର ବ୍ୟବହାର କରୁଥିଲେ । ଯେକୌଣସି ଉତ୍ପାଦିତ ଦ୍ରବ୍ୟକୁ ମାଣପିଛା ୧୨ଟଙ୍କା ହିସାବରେ ଏକ ସ୍ଥାୟୀ ଦର ଚଳାଇଥିଲେ । ଏହି ସମସ୍ୟାଟି କ୍ରମଶଃ ବୃଦ୍ଧି ପାଇଥିଲା । ବ୍ୟବସାୟୀମାନେ ଗାଁବାଲାଙ୍କୁ ଖରାପ ବ୍ୟବହାର ଦେଖାଇବା ସହ ଅଧିକାଂଶ ସମୟରେ ସେମାନଙ୍କ କ୍ରୟ ମୂଲ୍ୟକୁ କିଛି କିଛି ଭାଗ କରି ପଇସା ଦେଉଥିଲେ ।

ସାତଗୋଟି ଜଳଛାୟା ଅଂଚଳରେ ମୋଟ ୨୪ଟି ଗ୍ରାମରେ ଅନୁଧ୍ୟାନ ବେଳେ ଏହି ପ୍ରକାରର ଦୁରବସ୍ଥା ପରିଲକ୍ଷିତ ହୋଇଥିଲା । ସେହେତୁ ବେଲଘର ମାର୍କେଟଠାରେ ଏକ ମାଗଣା ଓଜନ କେନ୍ଦ୍ର ପ୍ରତିଷ୍ଠା କରାଯିବାପାଇଁ ସ୍ଥିର କରାଗଲା । ନିଜ ନିଜ ଉତ୍ପାଦିତ ଦ୍ରବ୍ୟର ଓଜନ ଏବଂ ଚିକିନିଖି ବିବରଣୀ ସମ୍ପର୍କରେ ଗ୍ରାମବାସୀଙ୍କୁ ଏକ ଲିଖିତ ବିବରଣୀ ଯୋଗାଇ ଦିଆଗଲା । ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଓ ମୂଲ୍ୟ ନିର୍ଣ୍ଣୟ ଉପରେ ସେମାନଙ୍କୁ ସଚେତନ କରାଗଲା ।

ଓଜନ କେନ୍ଦ୍ର ପ୍ରତିଷ୍ଠା ହେବାପରେ ଲୋକେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ଓଜନ କରିବାକୁ ଶିଖିଲେ ଏବଂ ଓଜନର ପରିମାଣ ଖାତାରେ ଲିପିବଦ୍ଧ ରହିଲା । ବ୍ୟବସାୟୀମାନେ ଏହାକୁ ପ୍ରଥମେ ବିରୋଧ କଲେ, କିନ୍ତୁ ସମୟକ୍ରମେ ଗାଁବାଲାଙ୍କ ଜୋର ଜବରଦସ୍ତି ଯୋଗୁଁ ସେମାନେ କୁଣ୍ଠାର ସହ ଲୋକଙ୍କ ଓଜନକୁ ମାନିନେଲେ । ଲୋକମାନେ ଅଧିକ ସଙ୍ଗଠିତ ହୋଇପାରିବାରୁ ଏବଂ ପୂର୍ବାପେକ୍ଷା ଅଧିକ ଚେତନଶୀଳ ହେବାଯୋଗୁଁ ଏହା ସମ୍ଭବ ହେଲା । ବ୍ୟବସାୟୀମାନେ ଏଣିକି ଆଉ ଓଜନ କଲେ ନାହିଁ ଏବଂ ଆଦିବାସୀ ବଜାର କମିଟିରୁ ଚିରକୁଟି ଆଣିଥିବା ଲୋକ ନିଜେ ଓଜନ କରିପାରିଲା ।

ମାତ୍ର ଏହି ନୂତନ ପ୍ରଣାଳୀଟି ଏତେଟା ସହଜସାଧ୍ୟ ହୋଇ ନଥିଲା । ଆଦିବାସୀ ବଜାର କମିଟିର ଚିନ୍ତାଧାରାକୁ ପ୍ରୟୋଗ କରିବା ପାଇଁ ଗ୍ରାମବାସୀମାନଙ୍କୁ ଅନେକ ସଭାସମିତି ଗଠନ କରିବାକୁ ପଡ଼ିଥିଲା । ସେମାନେ ବ୍ୟବସାୟମାନଙ୍କ ସହ ସମ୍ପର୍କ ରକ୍ଷା କରିପାରିବେ ବୋଲି କେବେ ଭାବିନଥିଲେ ।

ଯେତେବେଳେ ସେମାନେ ଜାଣିପାରିଲେ ଯେ ସେମାନଙ୍କୁ ଠକି ଦିଆଯାଉଛି, ଆଉ ଅଧିକ କ୍ଷତିଗ୍ରସ୍ତ ହେବାକୁ ଏଣିକି ଗାଁବାଲାଏ ଚାହିଁଲେନି । ମାତ୍ର ବ୍ୟବସାୟୀମାନେ ତ ନିଶ୍ଚୟ ବ୍ୟବସାୟ ଚାଲୁ ରଖିବେ ଓ ଉତ୍ପାଦିତ ଦ୍ରବ୍ୟର ନିଶ୍ଚିତ ଯୋଗାଣ ହେବ । ସେଥିପାଇଁ "ଗ୍ରାମ୍ୟ ବିପଣନ କମିଟି" ଗଠିତ ହେଲା, ଯେଉଁଥିରେ କି ଜଳବ୍ୟବହାରୀ ଗୋଷ୍ଠୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀରୁ ଦୁଇଜଣ ଲେଖାଏଁ ସଭ୍ୟ ରହିଲେ ।



ଚାଷିମାନେ ନିଜନିଜର ଉତ୍ପାଦ ଆଦିବାସୀ ବଜାର କମିଟିରେ ଓଜନ କରୁଛନ୍ତି

ଗ୍ରାମ ଉନ୍ନୟନ କମିଟି ସେ ଅଂଚଳର ମାର୍କେଟିଂ ନିୟମଗୁଡ଼ିକର ତଦାରଖ ଦାୟିତ୍ୱ ନେଲା ।

ଆଦିବାସୀ ବଜାର କମିଟି ବ୍ଲକସ୍ତରରେ ବ୍ୟବସାୟୀ ଗୋଷ୍ଠୀଠାରୁ ଉଚିତ ମୂଲ୍ୟ ପ୍ରାପ୍ତିକୁ ଦୃଢ଼ୀଭୂତ କଲା । କନ୍ଧମାଳ ଜିଲ୍ଲାରେ ପ୍ରଥମ ଥରପାଇଁ ବହୁ ପରିମାଣରେ ଏତାଦୃଶ ମାର୍କେଟିଂ ସିଷ୍ଟମ ପ୍ରୟୋଗ କରାଗଲା । ମାର୍କେଟିଂ ବା ବିପଣନର ବିକଳ୍ପ ବ୍ୟବସ୍ଥା, ମୂଲଚାଲ କରାଇ ଚାଷୀ ଅଧିକ ଲାଭବାନ ହେବା, ତଥା ଓଜନର ସଠିକ ମୂଲ୍ୟାୟନ ହେବା ଇତ୍ୟାଦି ବିଷୟରେ ଆଦିବାସୀ ଗୋଷ୍ଠୀ ମଧ୍ୟରେ ଏବେ ଚେତନାଶୀଳତା ବୃଦ୍ଧି ପାଇଛି ।

ସେମାନେ ଏବେ ସମ୍ମିଳିତ ଲାଭ, ଅଧିକ ମୂଲ୍ୟର ପ୍ରୟୋଗ ଆଦି ବୁଝିଗଲେଣି । ଏଣିକି ନିଜ ଅନୁଷ୍ଠାନ ବା ଧନ୍ଦା ଗୁଡ଼ିକର ଅଧିକାର ଓ ପରିଚାଳନା ସମ୍ପର୍କରେ ନିଜ ନିଜ ଦକ୍ଷତା ଉପରେ ସେମାନେ ଆସ୍ଥା ବଢ଼ାଇ ଚାଲିଛନ୍ତି । ଜିନିଷ ଗଚ୍ଛିତ ରଖିବା ଓ ଋଣ ଠିକ୍ ସମୟରେ ପରିଶୋଧ କରିବା ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକର କ୍ରମଶଃ ବଢ଼ିଚାଲିଥିବା ସମ୍ପୃକ୍ତି ଏଣିକି ଲୋକେ ଦେଖିବାକୁ ପାଇଲେଣି ।

କନ୍ଧମାଳରେ ଥିବା ଓ.ଟି.ଇ.ଏଲ୍.ପି.ର ଜଳଛାୟା ଅଂଚଳଗୁଡ଼ିକରେ ଉକ୍ତ ପ୍ରଣାଳୀଗୁଡ଼ିକର ସଫଳତା ଯୋଗୁଁ ସେଗୁଡ଼ିକୁ ବଢ଼ାଇବା ପାଇଁ ଏବେ ଦାବୀ ହେଲାଣି । ସ୍ୱତନ୍ତ୍ର ଉତ୍ପାଦନ ଓ ତାର ମାର୍କେଟ ସହ ସମ୍ପୃକ୍ତି ବା ମିଳିତ ବିପଣନ ପାଇଁ ମାର୍ଟ ନୂତନ ପ୍ରଣାଳୀ ବଢ଼ାଇ ଚାଲିଛି । ଏହି ସମସ୍ତ ଚିନ୍ତାଧାରାର ଅଭିବୃଦ୍ଧି ହେତୁ ଉତ୍ପାଦନ ପ୍ରଣାଳୀର ଯୋଜନା, ମାର୍କେଟ ସୂଚନାରେ ଅଂଶଗ୍ରହଣ, ବିଭିନ୍ନ ଗୋଷ୍ଠୀଗୁଡ଼ିକର ଦକ୍ଷତା ବୃଦ୍ଧି ଏବଂ ଆଦିବାସୀ ବଜାର କମିଟି ଗଠନ ଏକ ସ୍ୱାଭାବିକ ପ୍ରକ୍ରିୟାରେ ପରିଣତ ହେବ ।

# ଜୀବନ ଓ ଜୀବିକା ଉପରେ ବିଭିନ୍ନ ପ୍ରଭାବ

କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ମିନାପାଇ ଗାଁ ଯାହାକି ମାଝିଗୌରୀ ଅଣୁ ଜଳଛାୟା ଅନ୍ତର୍ଭୁକ୍ତ-ସେଠାରେ ୧୪୦ଟି ପରିବାର ବସବାସ କରନ୍ତି । ଏହି ଅଂଚଳଟି କୁଟିଙ୍ଗିଆ ଗ୍ରାମ ପଞ୍ଚାୟତ ମଧ୍ୟରେ ରହିଛି । ଓ.ଟି.ଇ.ଏଲ୍.ପି. ୨୦୦୬ ମସିହାରେ ସି.ୱାଇ.ଏସ୍.ଡ଼ି.ର ସହଭାଗିତାରେ ଏହି ଜଳଛାୟା ଅଂଚଳରେ କାମ ଆରମ୍ଭ କଲା । ପ୍ରାକୃତିକ ସମ୍ବଳ ପରିଚାଳନା, ପଶୁପାଳନ, ମିଳିତ ଚାଷ, "ଶ୍ରୀ" ପ୍ରଣାଳୀରେ ଧାନ ଚାଷ, ପାରମ୍ପରିକ ବାଉଁଶ ତିଆରି ଶିଳ୍ପକୁ ସାହାଯ୍ୟ ଇତ୍ୟାଦିକୁ କାର୍ଯ୍ୟକ୍ରମରେ ପ୍ରାଧାନ୍ୟ ଦିଆଗଲା ।

ମିନାପାଇ ଗାଁରେ ଉକ୍ତ କାର୍ଯ୍ୟକଳାପ ଗୁଡ଼ିକ ଏବେ ଆଖି ଦୃଶିଆ ହେବାକୁ ଲାଗିଛି । ବାସକେଟ୍ ଏବଂ ବାଉଁଶରୁ ପ୍ରସ୍ତୁତ ଅନ୍ୟାନ୍ୟ ଦ୍ରବ୍ୟ ତିଆରି କରିବା ପାଇଁ ଜଂଗଲ ଉପରେ ନିର୍ଭର କରୁଥିବା ଗୋଷ୍ଠୀ ପାରମ୍ପରିକ ଭାବରେ ବାଉଁଶ ସଂଗ୍ରହ କରନ୍ତି । ମା'ସମଲାଇ ଗୋଷ୍ଠୀର ରାଧିକା ବାଗ୍ କହନ୍ତି ଯେ, ଜଂଗଲରୁ ବାଉଁଶ ସଂଗ୍ରହ କରିବା ବହୁ ସମୟସାପେକ୍ଷ ହେଉଥିବାରୁ ଦ୍ରବ୍ୟ ଉତ୍ପାଦନ ବେଶୀ ହୋଇପାରୁ ନାହିଁ ।

ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ପାଇଁ ଓ.ଟି.ଇ.ଏଲ୍.ପି. ଗାଁର ମହିଳାମାନଙ୍କୁ ଆହ୍ୱାନ କରାଇଲା । ବାଉଁଶ ଶିଳ୍ପରେ କାମ କରୁଥିବା ମହିଳାମାନଙ୍କ ମଧ୍ୟରୁ ୧୨ ଜଣ ସଭ୍ୟଙ୍କୁ ନେଇ ମା' ସମଲେଇ ଏସ୍.ଏଚ୍.ଜି. ଗଢ଼ାଗଲା । ଏହି ଗୋଷ୍ଠୀ ରିଭଲଭିଙ୍ଗ ପାଣ୍ଠିରୁ ପାଞ୍ଚହଜାର ଟଙ୍କାର ସାହାଯ୍ୟ ପାଇଲା ଏବଂ ମାର୍କେଟରୁ ୬୦ଟି ବାଉଁଶ କିଣିଲା । ଏହାଦ୍ୱାରା ସେମାନେ ଉତ୍ପାଦନ ଉପରେ ପ୍ରାଧାନ୍ୟ ଦେଲେ ଏବଂ ଅଧିକ ପରିମାଣର ଦ୍ରବ୍ୟ ପ୍ରସ୍ତୁତ କଲେ । ପ୍ରଚୁର ପରିମାଣର ଦ୍ରବ୍ୟ ପ୍ରସ୍ତୁତି ସମ୍ପର୍କରେ ବ୍ୟବସାୟୀମାନେ ଜାଣିପାରି ଗାଁକୁ ଆସି ଗୋଷ୍ଠୀମାନଙ୍କ ଠାରୁ ସେ ସବୁ କିଣିବାକୁ ଚାହିଁଲେ । ଏଣୁ ପ୍ରତ୍ୟେକ ଲୋକ ବିକ୍ରି ହେଉଥିବା ଦ୍ରବ୍ୟରୁ ୩୦୦ ଟଙ୍କା ଲାଭ ପାଇଲେ । ସେମାନେ ମୂଳଧନ ଫେରାଇଦେଲେ ଓ ଆଉ ୧୫ ହଜାର ଟଙ୍କା ଋଣ କଲେ ।

ଓ.ଟି.ଇ.ଏଲ୍.ପି. ଠାରୁ ସହାୟତା ଓ CYSD ର ସୁଗମକରଣ ଦ୍ୱାରା ୧୬ ହେକ୍ଟର ଜମିରେ ୬୪୦୦ଟି ବାଉଁଶ ଚାରା ଲଗାଗଲା ଯଦ୍ୱାରା ଲୋକଙ୍କ ପକ୍ଷରେ ବାଉଁଶ ପାଇବା ସହଜସାଧ୍ୟ ହେବ । ସେହି ଗୋଷ୍ଠୀ ଏକ ଫାର୍ମ ପଣ୍ଡ ଖୋଳିବା ଫଳରେ ବିଶେଷ ଉପକୃତ ହେଲା । ଏହି ଫାର୍ମ ପଣ୍ଡରେ ସେମାନେ ମାଛ ଚାଷ କରିବାକୁ ମଧ୍ୟ ଆରମ୍ଭ କଲେ ।

ଗାଁ ଗହଳି ଉପରେ ଏତାଦୃଶ ବହୁମୁଖୀ କାର୍ଯ୍ୟକ୍ରମର ସୁଦୂରପ୍ରସାରୀ ପ୍ରଭାବ ପଡ଼ିଲା । ଆଶୀଷକୁମାର ଗାରଦା ନାମକ ଜଣେ ଗୋଷ୍ଠୀ ସଞ୍ଚାଳକ କହିଲେ, "୪୦ ହେକ୍ଟର ପତିତ ଜମି ଯାହାକି ପୋଡୁଚାଷ ଦ୍ୱାରା ନଷ୍ଟ ହୋଇଯାଇଥିଲା - ସେଗୁଡ଼ିକକୁ ଓ.ଟି.ଇ.ଏଲ୍.ପି. ଚାଷ ଜମିରେ ପରିଣତ କରିପାରିଲା - ବୃକ୍ଷରୋପଣ ଓ ଆଡ଼ିବନ୍ଧ ଫଳରେ ମୃତ୍ତିକା କ୍ଷୟକୁ ରୋକାଯାଇପାରିଲା । କେବଳ ବର୍ଷା ଋତୁରେ ପାଣି ରହୁଥିବା ଝରଣାରେ ବର୍ଷ ସାରା ଜଳ ପ୍ରବାହିତ କରାଇବାର ପ୍ରଥମ ବ୍ୟବସ୍ଥା କରାଗଲା । ପୂର୍ବରୁ ଯେଉଁ ଜାଗାରେ ମାତ୍ର ୩ ମାସ ଜଳସେଚନ ବ୍ୟବସ୍ଥା ହେଉଥିଲା ସେଠାରେ ନ'ମାସ କାଳ ଜଳସେଚନ କରାଯାଇପାରିଲା ।



ଚାଷୀମାନେ ବର୍ଷକରେ ତିନିଗୋଟି ଫସଲ ଉତ୍ପାଦନ କଲେ । କେନାଲର ଗତିପଥ ପରିବର୍ତ୍ତନ ଇତ୍ୟାଦି ଦ୍ୱାରା ୧୯ ଏକର ଉଚ୍ଚା ଜମିରେ ଜଳସେଚନ କରାଯାଇ ପାରିଲା - ଯେଉଁଠାରେ ପୂର୍ବରୁ ମାତ୍ର ୮ ଏକର ଜଳସେଚିତ ହେଉଥିଲା ।" ଏହା ହିଁ ଥିଲା ଆଶୀଷ କୁମାରଙ୍କ ବକ୍ତବ୍ୟ ।

କୃଷକମାନେ ମିଶ୍ରିତ ଚାଷ ଉପରେ ତଥା ଜୈବିକ ସାର ଓ ପୋକମରା ଔଷଧ ଇତ୍ୟାଦି ବିଷୟରେ ପ୍ରଶିକ୍ଷଣ ପାଇ ଖୁବ୍ ଲାଭବାନ ହେଲେ । ଅଂଶଗ୍ରହଣକାରୀ ଗ୍ରାମ୍ୟ କମିଟି ଦ୍ୱାରା ମିଶ୍ରିତ ବା କମ୍ପୋଜିଟ ଚାଷ ପ୍ରଣାଳୀ ଅନୁସୃତ ହେଲା । ସି.ୱାଇ.ଏସ୍.ଡ଼ି. ସିମିଳିଗୁଡ଼ାଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ରଟିକୁ ଦଳେ କୃଷକ ଗୋଷ୍ଠୀଙ୍କୁ ପରିଦର୍ଶନ କରାଇବାର ବ୍ୟବସ୍ଥା କରିଥିଲା - ଯାହା ଫଳରେ କମ୍ପୋଜିଟ ଫାର୍ମିଂର ପ୍ରଣାଳୀ ଚାଷୀମାନେ ଶିଖିପାରିଲେ ।

ଆଶୀଷକୁମାର ଗାରଦା ଆହୁରି ମଧ୍ୟ କୁହନ୍ତି ଯେ ସ୍ୱଳ୍ପ ପରିମାଣର କୃଷିଗତ ଆୟକୁ ବଢ଼ାଇବା ପାଇଁ ଅନେକ ଲୋକ ଛେଳି ପାଳନ କଲେ । ମାତ୍ର ଛେଳିଗୁଡ଼ିକ "ବ୍ଲାକ୍ ବେଙ୍ଗଲ" ଶ୍ରେଣୀର ହୋଇଥିବାରୁ ସେମାନଙ୍କ ଓଜନ କମ୍ ଓ ଗୋଟିଏ ଛେଳି ମାତ୍ର ୮୦୦ ଟଙ୍କା ରୁ ୯୦୦ ଟଙ୍କା ମଧ୍ୟରେ ବିକ୍ରି ହେଲା । ତେଣୁ ଓ.ଟି.ଇ.ଏଲ୍.ପି. କାର୍ଯ୍ୟକ୍ରମ ମାଧ୍ୟମରେ


ରଘୁ ମେନିଆକା

"ଯମୁନା ପାରି" ଜାତୀୟ ତିନୋଟି ଲେଖାଏଁ ଅଣ୍ଡିରା ଛେଳି ଦିଆଗଲା, ଯଦ୍ୱାରା "ବ୍ଲାକ୍ ବେଙ୍ଗଲ" ଛେଳିଠାରୁ ଉନ୍ନତମାନର ଉତ୍ପାଦନ ହୋଇପାରିଲା । ସମ୍ପ୍ରତି ପ୍ରାୟ ସମସ୍ତ ପରିବାର ବିଭିନ୍ନ ପ୍ରକାରର ଶଂକର ଜାତୀୟ (କ୍ରସ-ବ୍ରେଡ଼) ଛେଳି ରଖିଛନ୍ତି । ଲୋକେ ପ୍ରତ୍ୟେକ ଛେଳିକୁ ୧୫୦୦ ଟଙ୍କାରୁ ୨୦୦୦ ଟଙ୍କାରେ ବିକିବାର ଅଶା କରିଛନ୍ତି । କେତେକ ଗାଁ ବାଲା ସେହି ଅଣ୍ଡିରା ଛେଳିଗୁଡ଼ିକୁ ପାଳିବା ପାଇଁ ଓ.ଟି.ଇ.ଏଲ୍.ପି. ଦ୍ୱାରା ପ୍ରଶିକ୍ଷଣ ନେଇଛନ୍ତି । "ଯମୁନା ପାରି" ଜାତୀୟ ଛେଳିର ଦାୟିତ୍ୱରେ ଥିବା ରଘୁ ମେନିଆକା କୁହନ୍ତି ଯେ, "ମୁଁ ସେମାନଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ନିଏ । ପ୍ରତିଦିନ ସକାଳୁ ସେମାନଙ୍କୁ ଚରାଇବାକୁ ନିଏ । ସ୍ୱାସ୍ଥ୍ୟଗତ କୌଣସି ସମସ୍ୟା ଦେଖାଦେଲେ ନିକଟବର୍ତ୍ତୀ ଡ଼ାକ୍ତରଙ୍କ ସହ ମୁଁ ସଂଗେ ସଂଗେ ପରାମର୍ଶ କରିଥାଏ ।"


ସଂଜୀବ ମେନିଆକା

ସଂଜୀବ ମେନିଆକା ଯେ କି ଜଳଛାୟା ସଂଘର ସମ୍ପାଦକ ଅଛନ୍ତି, ସେ କୁହନ୍ତି ଯେ, "ତିନୋଟି ଗ୍ରାମରେ କୁକୁଡ଼ା ପାଳନ କରୁଥିବା ଲୋକମାନଙ୍କୁ ଓ.ଟି.ଇ.ଏଲ୍.ପି. 'ବନରାଜା' ଜାତୀୟ ସାତଟି କୁକୁଡ଼ା ଦେଇଛି - ଯଦ୍ୱାରା ଶଙ୍କର ଜାତୀୟ କୁକୁଡ଼ାଙ୍କ ବଂଶବୃଦ୍ଧି ହେବ । ଏହି ଶଙ୍କର ଜାତୀୟ (କ୍ରସ-ବ୍ରେଡ଼) କୁକୁଡ଼ା ଛୁଆ ଅଧିକ ବଡ଼ ଆକାରର ଓ ଅଧିକ ସୁସ୍ଥ । ଆମେ ସମସ୍ତେ ଏବେ କୁକୁଡ଼ା ପାଳନ କରୁଛୁ ଏବଂ ପ୍ରତିମାସରେ ଆମେ ଅଧିକ ୩ଶହ ଟଂକା ରୋଜଗାର କରୁଛୁ ।"

ଏହିପରି ନିଶ୍ଚିତ ପରିବର୍ତ୍ତନର ସ୍ୱର ଚତୁର୍ଦ୍ଦିଗରେ ଲୋକେ ଶୁଣିବାକୁ ଲାଗିଲେ । ପରବର୍ତ୍ତୀ ସମୟରେ ମିନାପାଇ ଗ୍ରାମର ଲୋକେ ପୋଡୁଚାଷ ଦ୍ୱାରା ପଡ଼ିରହିଥିବା ୭୦୦ ହେକ୍ଟର ଜମିକୁ ସବୁଜ କ୍ଷେତ୍ରରେ ପରିଣତ କରିବାକୁ ସ୍ଥିର କଲେ - ସେମାନେ ଶାଗୁଆନ, ବାଉଁଶ, ଆମ୍ୱ, ଅଁଳା, ଜାଫରା ଓ ଶିଶୁଗଛ ଇତ୍ୟାଦି ଲଗାଇଲେ । ଏହି ଗ୍ରାମରେ ଖୁବ୍ କମ୍ ସମୟରେ ଏତେ ମାନସିକ ପରିବର୍ତ୍ତନ ହେବାର ପ୍ରଭାବ ଓ.ଟି.ଇ.ଏଲ୍.ପି. କାର୍ଯ୍ୟକ୍ରମ ଦ୍ୱାରା ସମ୍ଭବ ହୋଇ ପାରିଲା ।

# ଜୀବନ ଶୈଳୀରେ ପରିବର୍ତ୍ତନ



ମହନି ମାଝି ଓ ରୂପଙ୍ଗ ମାଝି

ଦୁଇହଜାର ମସିହାରେ ଆମ୍‌ଝୋଲା ଗାଁରେ ୧୬ଜଣ ମହିଳା ସଭ୍ୟଙ୍କୁ ନେଇ ଜୀବନ ଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ା ଯାଇଥିଲା । ସେମାନଙ୍କର କେବଳ ସଂଚୟ ଓ ଋଣ ବ୍ୟତୀତ ଅନ୍ୟ କୌଣସି ଆର୍ଥିକ ପାଣ୍ଠି ଆଣିବାରେ ଦକ୍ଷତା ନଥିଲା । ନିଜର ଗୋଟିଏ ପୁଅ ଓ ୫ଟି ଝିଅଙ୍କ ସହିତ ସେହି ଗାଁରେ ୪୫ ବର୍ଷ ବୟସ୍କ ରୂପଙ୍ଗ ମାଝି ଓ ତାଙ୍କର ୩୫ ବର୍ଷ ବୟସ୍କା ସ୍ତ୍ରୀ ମହନି ମାଝି ବାସ କରନ୍ତି । ସେହିପରି ବାଲି ମାଝି ଓ ତା'ର ଚାରିପ୍ରାଣୀ କୁଟୁମ୍ବ ମଧ୍ୟ ସେହି ଗାଁରେ ରହନ୍ତି ।

ଅଧିକାଂଶ ପରିବାର କୁଟିଆ କନ୍ଧ ନାମକ ଅତି ଆଦିମ ଆଦିବାସୀ ଜାତି ଅନ୍ତର୍ଭୁକ୍ତ । ସେମାନେ ବର୍ଷ ତମାମ ଡ଼ାଲିଜାତୀୟ କାନ୍ଦୁଲ, ଅଳସୀ ଫୁଲ ଓ ଅନ୍ୟାନ୍ୟ ଶସ୍ୟ ଉତ୍ପାଦନ ନିମିତ୍ତ ପ୍ରଚୁର ପରିଶ୍ରମ କରନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ମହାଜନଠାରୁ ଯାତ୍ରା ଓ ବିବାହ ତଥା ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ଋଣ ଆଣିଥାନ୍ତି । ଯେତେବେଳେ ଦେହ ଖରାପ ହୁଏ ସେତେବେଳେ ସେମାନେ ଗୁରୁ ଓ ଗୁରୁମା'ଙ୍କୁ ଦେଖା କରନ୍ତି । ଅନ୍ୟମାନଙ୍କ ପରି ବର୍ଷକର ଚାରିମାସ କାଳ ରୂପଙ୍ଗ ମାଝିର ପରିବାର ଖାଦ୍ୟ ଅଭାବର ସମ୍ମୁଖୀନ ହୁଅନ୍ତି, ସେମାନଙ୍କର ମାତ୍ର ଗୋଟିଏ ଏକର ଜମିରେ ଧାନ ଫସଲ ହୁଏ । ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ସେ ଓ ତା'ର ସ୍ତ୍ରୀ ଦୈନିକ ୧୦ ଟଙ୍କା ଲେଖାଏଁ ମଜୁରୀ ପାଆନ୍ତି । ସେମାନେ ନିଜ ପିଲାମାନଙ୍କୁ ବିଦ୍ୟାଳୟକୁ



ବଳି ମାଝି

ପଠାଇନଥାନ୍ତି । ସେମାନେ ୫୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ଋଣର ସୁଧ ବାବଦକୁ ନିୟମିତ ଭାବରେ ଖର୍ଚ୍ଚ କରୁଥାନ୍ତି ।

ବଳି ମାଝି ମଧ୍ୟ ଗୋଟିଏ ଏକର ଚାଷ ଜମିର ମାଲିକ । ସେ ଜୁଲାଇରୁ ଡ଼ିସେମ୍ବର ମାସ ମଧ୍ୟରେ ପୋଡୁଚାଷ କରୁଥିଲା ଓ ତା ସହିତ ଦିନକୁ ୨୦ ଟଙ୍କା ଲେଖାଏଁ ମଜୁରୀରେ ଅବଶିଷ୍ଟ ଛ'ମାସ ଦିନ ମଜୁରୀଆ ଭାବରେ କାମ କରୁଥିଲା । ସେ ତା' ସ୍ତ୍ରୀର ସୁନା ଅଳଙ୍କାରକୁ ୧୩ବର୍ଷ ତଳେ ୨,୫୦୦ ଟଙ୍କାରେ ବନ୍ଧା ପକାଇ ଦେଇଥିଲା । ଆଜି ପର୍ଯ୍ୟନ୍ତ ସେ ତାକୁ ମୁକୁଳାଇ ପାରି ନାହିଁ । କେବଳ ସେତିକି ନୁହେଁ, ଗାଁ ମହାଜନଠାରୁ ସେ ନିୟମିତ ଭାବରେ ୪ ଶହରୁ ୫ ଶହ ଟଙ୍କା ପର୍ଯ୍ୟନ୍ତ ପ୍ରତିବର୍ଷ ଋଣ କରୁଥିଲା ।

ଗାଁର ଏହିସବୁ ପରିସ୍ଥିତିରେ ଓ.ଟି.ଇ.ଏଲ୍.ପି. ଓ ତା' ମାଧ୍ୟମରେ ଅନ୍ତୋଦୟ ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମଝୋଲା ଗାଁରେ କାମ ଆରମ୍ଭ କଲେ । ସେହି ଦୁଇଟି ଅନୁଷ୍ଠାନ ଗାଁ ବୈଠକ ଡ଼ାକିଲେ ଏବଂ ଅଣୁ ଯୋଜନାର ପ୍ରଣାଳୀକୁ ସେ ଗାଁରେ ଅବଗତ କରାଇଲେ । ଏହି ପ୍ରଣାଳୀ ମଧ୍ୟରେ ଉକ୍ତ ଏନ୍.ଜି.ଓ. ଏବଂ ଓ.ଟି.ଇ.ଏଲ୍.ପି. ଗୋଷ୍ଠୀ ଏକତ୍ରିତ ହୋଇ ଗାଁରେ ଦାରିଦ୍ର୍ୟର ଗଭୀରତା କେତେ, ସେ ବିଷୟରେ ଜନସଚେତନତା ସୃଷ୍ଟି କଲେ । ପୁଣି ସେ ଦୁଇ ସଂସ୍ଥା ବିଭିନ୍ନ ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ତଥା ଜୀବନ ଧାରଣର ଉଚ୍ଚତର ମାନ ବୃଦ୍ଧି ପାଇଁ କୃଷି ଉନ୍ନୟନ କାର୍ଯ୍ୟକଳାପ ବିଷୟରେ ଗ୍ରାମାବସୀଙ୍କୁ ହୃଦବୋଧ କରାଇଲେ । ସେମାନେ କୃଷିକ୍ଷେତ୍ରରେ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଗାଁବାଲାଙ୍କୁ ସଚେତନ କରାଇଲେ । ତା' ସହିତ ନୂତନ ଫସଲ ସହ ପ୍ରମାଣିତ ବୈଷୟିକ କୌଶଳ ପ୍ରୟୋଗ କରିବାକୁ ଉତ୍ସାହିତ କଲେ । କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ ପରିଷ୍କାର ଭାବରେ ଜାଣି ସାରିବାପରେ ଗାଁର ଲୋକମାନେ ବିଭିନ୍ନ ସୁଯୋଗର ପ୍ରୟୋଗ କରି ଜୀବନ ଶୈଳୀରେ ଉନ୍ନତି ପାଇଁ ଚେଷ୍ଟିତ ରହିଲେ ।

ଓ.ଟି.ଇ.ଏଲ୍.ପି. ରାଜ୍ୟର ବିଭିନ୍ନ ଗ୍ରାମରେ ଯେପରି ତା'ର କାର୍ଯ୍ୟକ୍ରମ ଚଳାଇଥାଏ, ତଦନୁସାରେ ରୂପଙ୍ଗ ମାଝି ଓ ବଳି ମାଝି ଏବଂ ସେମାନଙ୍କ ସ୍ତ୍ରୀମାନେ ନିୟମିତ ଭାବରେ ସେ ସମସ୍ତ କାର୍ଯ୍ୟକ୍ରମରେ କାମ ପାଇଲେ । ସେହି କାମଗୁଡ଼ିକ ହେଉଛି ଆଡ଼ିବନ୍ଧ, କେନାଲ, ଅଙ୍କାବଙ୍କା କ୍ଷୁଦ୍ରନାଳୀ, ଜଳାଶୟ ଓ ବୃକ୍ଷ ରୋପଣ ଇତ୍ୟାଦି । ସେମାନେ ନିୟମିତ କାମ ପାଇବା ସଂଗେ ସଂଗେ ଦୈନିକ ୭୦ଟଙ୍କା ଲେଖାଏଁ ମଜୁରୀ ପାଇଲେ । ପତି ପତ୍ନୀ ଦୁହେଁ ବର୍ଷକ ମଧ୍ୟରେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର

କରିବାକୁ ସକ୍ଷମ ହେଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ (ଏନ୍.ଜି.ଓ.) ପ୍ରଦାନ କରୁଥିବା କୃଷି ପ୍ରଣାଳୀ ସମ୍ପର୍କିତ ପ୍ରଶିକ୍ଷଣ ଓ ସୁପରାମର୍ଶରୁ ସେମାନେ ଖୁବ୍ ଲାଭବାନ୍ ହେଲେ । ସେମାନେ ଏବେ ସେମାନଙ୍କ ଜମିରୁ ୧୦ରୁ ୧୫ ବସ୍ତା ପର୍ଯ୍ୟନ୍ତ ଧାନ ଅମଳ କରି ପାରୁଛନ୍ତି । ନିଜ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଆରମ୍ଭ କରିଛନ୍ତି । ରୂପଙ୍ଗ ଯେତେବେଳେ ତା'ର ସ୍ତ୍ରୀ ପାଇଁ ସୁନା କିଣିବାକୁ, ତା'ର ପୁଅ ପାଇଁ ସାଇକେଲ ତଥା ଚାଷପାଇଁ ବଳଦ କିଣିବାକୁ ଯୋଜନା ଚଳାଇଛି, ସେତେବେଳେ ବଳି ମାଝି ମହାଜନକୁ ୧୦,୬୦୦ଟଙ୍କା ଦେଇ ବନ୍ଧାପକାଇଥିବା ସୁନା ଅଳଙ୍କାରମାନ ମୁକୁଳାଇବାକୁ ଚେଷ୍ଟା କରୁଛି ।



ଜୀବନ ଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀ

ଏହି ଦୁଇଜଣ ଯେତେବେଳେ ସେମାନଙ୍କ ଜୀବନର ପୁନର୍ଗଠନ କରିବାରେ ଲାଗିଛନ୍ତି, ତଥା ଋଣ ଯନ୍ତାରୁ ମୁକ୍ତି ପାଇଛନ୍ତି, "ଜୀବନ ଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀ" ତା'ର ସଭ୍ୟମାନଙ୍କର ଉନ୍ନତ ଜୀବନ ଯାପନ ପାଇଁ ଚେଷ୍ଟା ଚଳାଇଛି । ଗୋଟିଏ ବୈଠକରେ ସେମାନେ ସ୍ଥିର କଲେ ଯେ ଗ୍ରାମ ଉନ୍ନୟନ ପାଣ୍ଠି (VDF) ରୁ ସୁଧ ବିହୀନ ଋଣ ନେବାର ସୁଯୋଗ ନେବେ ଓ ବ୍ୟବସାୟ ଚଳାଇବେ । ୨୦୦୬ ମସିହା ଜାନୁଆରୀ ମାସରେ ସେମାନେ ୪୦ ହଜାର ଟଂକା ଋଣ ଆଣି ପାହାଡ଼ିଆ ଲମ୍ବା ଘାସ, "ଅଳସୀ ଫୁଲ" ଓ ସୋରିଷ କିଣି ଚାଷ କଲେ । ସ୍ଥାନୀୟ ବ୍ୟବସାୟୀମାନଙ୍କୁ ବିକ୍ରୀ କରିବା ଫଳରେ ଏହି ଚାଷରୁ ସେମାନେ ୨୦ ହଜାର ଟଙ୍କା ଲାଭ ପାଇଲେ । ଋଣ ସୁଝିଦେବା ପରେ ଆଉ ୨୦ହଜାର ଟଙ୍କା ଋଣ ଆଣି ଅଳସୀ ଫୁଲ ଓ ସୋରିଷ ବିହନ କିଣିଲେ ଓ ତା'ପରେ ୮୦୦୦ ଟଙ୍କା ଲାଭ ପାଇଲେ । ନିଜ ଗୋଷ୍ଠୀର ଏକାଉଣ୍ଟରେ ଏହି ଲାଭାଂଶକୁ ସେମାନେ ସଂଚୟ କଲେ । ଏହି ଗୋଷ୍ଠୀ ଅଁଳା ଓ ଜିଞ୍ଜର ସ୍କ୍ୱାସ୍ ପ୍ରସ୍ତୁତ କରିବା କୌଶଳର ଟ୍ରେନିଂ ନେବା ସହ କାନ୍ଦୁଲର ପ୍ରକ୍ରିୟାକରଣ ଓ ପାହାଡ଼ି ଲମ୍ବା ଘାସର ଝାଡୁ ତିଆରି ଶିଖିଲେ ।

କଳାହାଣ୍ଡି ଜିଲାର ନାକୁରୁଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଏହି ଆମ୍‌ଝୋଲା ଗ୍ରାମଟିରେ ୩୨ଟି ପରିବାର ବାସ କରନ୍ତି । ଥୁଆମୂଳ ରାମପୁର ବ୍ଲକର ଜିଜ୍‌ରାଜା ଜଳଛାୟା ଅନ୍ତର୍ଭୁକ୍ତ ଏହି ଗ୍ରାମଟି ସବୁଜ ବନାନୀ ଦ୍ୱାରା ବେଷ୍ଟିତ ଓ ଏହି ଗ୍ରାମରେ ୨୦୦୫ ମସିହାରୁ ଓ.ଟି.ଇ.ଏଲ୍.ପି. ତା'ର କାର୍ଯ୍ୟକଳାପ ଆରମ୍ଭ କରିଛି ।

# ପରିଶ୍ରମର ଫଳ

ଗଜପତି ଜିଲ୍ଲା ଅନ୍ତର୍ଗତ ରାୟଗଡ଼ା ବ୍ଲକର ଜିରାଙ୍ଗ ଗ୍ରାମପଞ୍ଚାୟତର ବଙ୍ଗୁସାହି ଗ୍ରାମରେ ମୋଟ ୪୩ଟି ପରିବାର ବାସ କରନ୍ତି । ଓ.ଟି.ଇ.ଏଲ୍.ପି. ଏହି ଗ୍ରାମରେ ୨୦୦୫ ମସିହାରୁ କାମ ଆରମ୍ଭ କରିଛି । ଜମୁନାଳା ଗ୍ରାମ ଉନ୍ନୟନ ସଂଘ (VDA) ଅଧୀନରେ ଏହି ଗ୍ରାମଟି ଅନ୍ତର୍ଭୁକ୍ତ ହୋଇଛି । ଏହି ଗ୍ରାମରେ ମୁଖ୍ୟତଃ 'ସଉରା' ଜାତୀୟ ଆଦିବାସୀ ବାସ କରନ୍ତି । ଏହି ଗ୍ରାମର ଲୋକେ ଅଶିକ୍ଷିତ ଓ ଅତ୍ୟନ୍ତ ଦାରିଦ୍ର୍ୟ ତଥା ଦୁର୍ବଳ ସ୍ୱାସ୍ଥ୍ୟର କଷାଘାତରେ ନିଷ୍ପୀଡ଼ିତ ।



ଶ୍ୱେତାମ୍ବର ଶବର

ଶ୍ୱେତାମ୍ବର ଶବରର ବୟସ ୩୫ ବର୍ଷ ଓ ସେ ତା'ର ସ୍ତ୍ରୀ, ଦୁଇଟି ପୁଅ, ଗୋଟିଏ ଝିଅ ସହିତ ବାସ କରେ । ଓ.ଟି.ଇ.ଏଲ୍.ପି. କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସେ ଜଣେ ମୂଲିଆ ଭାବରେ ଦୈନିକ ୧୫ ଟଙ୍କାରୁ ୨୦ ଟଙ୍କା ମଧ୍ୟରେ ନିକଟବର୍ତ୍ତୀ ଗାଁ ମାନଙ୍କରେ କାମ କରୁଥିଲା । ତା' ସହିତ ଲେମ୍ବୁ ବିକ୍ରିକରି ବର୍ଷକୁ ସେ ୧୫୦ ଟଙ୍କା ଅର୍ଜନ କରୁଥିଲା । ତା'ର ବାପାଙ୍କ ଚିକିତ୍ସା ଏବଂ ପିଲାମାନଙ୍କ ପାଠ ପଢ଼ା ପାଇଁ ସେ ନିଜର ଦୁଇ ଏକର ଉର୍ବର ଜମିକୁ ବନ୍ଧାପକାଇ ଦେଇଥିଲା । ମହାଜନକୁ ପ୍ରତିବର୍ଷ ଋଣ ସୁଝିବା ବାବଦକୁ ସେ ୫ କେଜି କାଜୁ ମଂଜି ଦେଉଥିଲା । ନିୟମିତ କାମ ନପାଇବା ତା'ର ବ୍ୟସ୍ତତାର କାରଣ ଥିଲା ।



ରାମ ଶବର

ଓ.ଟି.ଇ.ଏଲ୍.ପି. କାମ ଆରମ୍ଭ କରିବାପରେ ବିଭିନ୍ନ ଜମି ଉନ୍ନୟନ କାର୍ଯ୍ୟକ୍ରମରେ ଭାଗନେଇ ସେ ସହଜରେ କାମ ପାଇଲା ଏବଂ ତା' ସହିତ ଗ୍ରାମ ନର୍ସରୀରେ ମଧ୍ୟ କାମ କଲା । ଏଣିକି ସେ ପୂର୍ବପେକ୍ଷା ଅଧିକ ଦୈନିକ ସତୁରୀ ଟଙ୍କା ଲେଖାଏଁ ମଜୁରୀ ଓ.ଟି.ଇ.ଏଲ୍.ପି. ମାଧ୍ୟମରେ ପାଇ ପାରିଲା । ସେ ଅର୍ଥ ସଂଚୟ କରି ଛ'ହଜାର ଟଙ୍କା ବିନିମୟରେ ମହାଜନ ଠାରୁ ନିଜ ଜମିକୁ ମୁକୁଳାଇ ପାରିଛି । ଶ୍ୱେତାମ୍ବର ଏବେ ନିଜ ଜମି ଚାଷ କରିବା ଆରମ୍ଭ କରିଦେଇଛି । ସେ ମଧ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ, SWWS (Society for Welfare of Weaker Sections) ଦ୍ୱାରା ସଂଗଠିତ 'ଶ୍ରୀ' ପ୍ରଣାଳୀରେ ଧାନଚାଷର ପ୍ରଶିକ୍ଷଣ ଗ୍ରହଣ କରି ସେହି ଅନୁସାରେ ନିଜ ଜମିରେ ଧାନ ଚାଷ କରିବା ଆରମ୍ଭ କରିଦେଇଛି । ଦୁଇ ଏକର ଜମିରୁ ସେ ୨୨ କୁଇଣ୍ଟାଲ ଧାନ ପାଇପାରିଛି ।

ଶ୍ୱେତାମ୍ବର ଏବେ ଶାରୀରିକ ଶ୍ରମ ଦ୍ୱାରା ଦୁଇହଜାର ଟଙ୍କା ମାସିକ ଆୟ କରିପାରୁଛି । ସେ ଅନ୍ୟମାନଙ୍କୁ ନିଜ ଜମିରେ ଦୈନିକ ମୁଣ୍ଡପିଛା ୩୦ ଟଙ୍କା ଲେଖାଏଁ ମଜୁରୀରେ ଖଟାଇ ପାରୁଛି ବୋଲି ସେ ଗର୍ବର ସହ କହିପାରୁଛି । ନିଜର ପିଲାମାନଙ୍କୁ ଅଧିକ ଉନ୍ନତ ବିଦ୍ୟାଳୟକୁ ପଠାଇବା ପାଇଁ ସେ ପଇସା ସଂଚୟ କରୁଛି ।

ଏହି ଗାଁରେ ରାମ ଶବର ତା'ର ସ୍ତ୍ରୀ, ଦୁଇ ପୁଅ ଓ ଦୁଇ ଝିଅଙ୍କ ସହ ବାସ କରେ । ତା'ର ନିଜର କୌଣସି ଜମି ନାହିଁ ଏବଂ ପାଖ ଗାଁରେ ସେ ଜଣେ ଭାଗଚାଷୀ ରୂପେ କାମ କରେ । ପୁଣି ସେ ଓ ତା'ର ସ୍ତ୍ରୀ ଦିନ ମଜୁରୀଆ ଭାବରେ ମଧ୍ୟ କାମ କରନ୍ତି । କିନ୍ତୁ କାମ ସବୁବେଳେ ନିୟମିତ ଭାବରେ ମିଳେନାହିଁ, ପୁଣି ଯଦି ମିଳେ ତେବେ ଦିନକୁ ମଜୁରୀ ପନ୍ଦର ଟଂକା ଲେଖାଏଁ ମିଳିଥାଏ । ସେମାନଙ୍କର ବାର୍ଷିକ ଆୟ ପ୍ରାୟ ୨୫ଶହ ଟଂକା ହୋଇଥାଏ, ଯାହାକି ପରିବାରର ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ହୋଇନଥାଏ । ଗୋଟିଏ ବର୍ଷରେ ୬ମାସ ପାଇଁ ଖାଦ୍ୟ ଅଭାବ ହୋଇଥିବାରୁ ଗାଁ ସାହୁକାରଙ୍କଠାରୁ ଋଣ ଆଣିଥାନ୍ତି । ମାତ୍ର ବନ୍ଧା ପକାଇବା ପାଇଁ ଶ୍ୱେତାମ୍ବର ପରି ସେମାନଙ୍କର ଜମି ନଥାଏ । ବର୍ଦ୍ଧିଷ୍ଣୁ ଋଣକୁ ଶୁଝିବା ପାଇଁ ରାମ ଶବର ବହୁ ପରିଶ୍ରମ କରେ । ଏପରିକି ନିଜ ପିଲାମାନଙ୍କୁ ସେମାନେ ସ୍କୁଲକୁ ପଠାଇବା ମଧ୍ୟ ବନ୍ଦ କରିଦେଲେ ।

ଶ୍ୱେତାମ୍ବର ପରି ରାମ ମଧ୍ୟ ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ ପ୍ରକଳ୍ପ (OTELP) ରେ ନିୟମିତ କାମ ପାଇଲା ଓ ଦୈନିକ ମଜୁରୀ ସତୁରୀ ଟଙ୍କା ପାଇଲା । ତା'ର ମାସିକ ଆୟ ହାରାହାରି ଦୁଇହଜାର ଟଙ୍କାକୁ ବଢ଼ିଗଲା । ଅନ୍ୟଲୋକର ଜମିକୁ ସେ ଭାଗଚାଷୀ ରୂପେ ଚାଷ

କଲା । ଏବେ ସେ ଏକ ସଂଚୟ ଏକାଉଣ୍ଟରେ ମାସିକ ୨୫ ଟଙ୍କା ଲେଖାଏଁ ରଖୁଛି । ପରିବାରରର ପରିସ୍ଥିତିରେ କ୍ରମଶଃ ଉନ୍ନତି ହେଉଛି । ସେ ଏବେ ତା'ର ପିଲାଙ୍କୁ ବିଦ୍ୟାଳୟକୁ ପୁଣି ପଠାଇବ ବୋଲି ଯୋଜନା କରିଛି ।

ବ୍ୟକ୍ତିଗତ ଭାବରେ କିଛି ପରିବାରକୁ ଦାରିଦ୍ର୍ୟର କଷାଘାତରୁ ମୁକ୍ତ କରିବା ସହିତ ଏହି ପ୍ରକଳ୍ପ ପୁରୁଷ ଲୋକଙ୍କର ଏକ ବାର ଜଣିଆ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଇଲା । ଏହା ୨୦୦୬ ମସିହାରେ ଗଠିତ ହେଲା ଓ ଏହାର ନାମ ନିର୍ଝର ରଖାଗଲା ।



ନିର୍ଝର ଗୋଷ୍ଠୀ

ବାସୁଦେବ ଭୂୟାଁ ସେହି ଗୋଷ୍ଠୀର ସଭାପତି । ସେ କହନ୍ତି ଯେ ତାଙ୍କ ଗୋଷ୍ଠୀର କେତେକ ସଭ୍ୟଙ୍କର ଆଦୌ ଚାଷ ଜମି ନଥିବାବେଳେ କେତେକଙ୍କର ଜମି ଗାଁ ସାହୁକାରଙ୍କ ପାଖରେ ବନ୍ଧା ପଡ଼ିଛି । ସେମାନଙ୍କର ଚାଷ-ବାସ ବିଷୟରେ ଜ୍ଞାନ ପୁରୁଣା ପଦ୍ଧତିରେ ସୀମିତ ଏବଂ ସେମାନେ କେବେ ନୂତନ ପଦ୍ଧତି ଉପରେ ଚେଷ୍ଟାକରି ନାହାନ୍ତି ।

ଓ.ଟି.ଇ.ଏଲ୍.ପି. ଏବଂ SWWS ବା Society for Welfare of Weaker Sections ସହ ମିଳିତ ହୋଇ ନିର୍ଝର ଗୋଷ୍ଠୀର ସଭ୍ୟମାନେ ଋଷିକୁଲ୍ୟା ଗ୍ରାମ୍ୟ ବ୍ୟାଙ୍କରେ ଏକ ମିଳିତ ଏକାଉଣ୍ଟ ଖୋଲିଲେ ଓ ପ୍ରତିମାସରେ ମୁଣ୍ଡ ପିଛା ଦଶ ଟଙ୍କା ଲେଖାଏଁ ସଂଚୟ କଲେ । ଏହିପରି ୨୦୦୭ ମସିହାରେ ସେମାନେ ମୋଟ ୩,୭୦୦ ଟଙ୍କା ସଭ୍ୟମାନଙ୍କ ଠାରୁ ସଂଗ୍ରହ କଲେ । ଗାଁର ସର୍ବସାଧାରଣ ସ୍ଥାନରେ ଥିବା ତେନ୍ତୁଳି ଗଛ ବର୍ଷକ ପାଇଁ ଲିଜ୍ ସୂତ୍ରରେ ନେଲେ । ଫେବୃଆରୀ ମାସରେ ସେମାନେ ଏହି ଗଛରୁ ତେନ୍ତୁଳି ବିକ୍ରି କରି ୨୫ ହଜାର ଟଙ୍କା ପାଇଲେ ।

ଉକ୍ତ କାର୍ଯ୍ୟକ୍ରମରେ ସେମାନେ ବିଭିନ୍ନ ଚାଷ ଜମିରେ କାମକରି କୃଷିର ଉନ୍ନତି କଲେ । ଲାଭ ହେଉଥିବା ଅର୍ଥ ନିଜ ଭିତରେ ବାଣ୍ଟି ସମସ୍ତ ଅର୍ଥ ବ୍ୟାଙ୍କରେ ଜମା କରିବାକୁ ସ୍ଥିର କଲେ । ସେହି ଗୋଷ୍ଠୀ ଏଣିକି କାଜୁ ମଞ୍ଜି ଉପରେ ବ୍ୟବସାୟ କରିବାକୁ ଯୋଜନା କରୁଛି ଓ ଆସନ୍ତା ବର୍ଷକୁ ଲିଜ ସୂତ୍ରରେ ଅଧିକ ଗଛ ନେବ ବୋଲି ସ୍ଥିର କରିଛି ।



# ଅସତୋ ମା ସତ୍ ଗମୟ...

## (ଅନ୍ଧାର ରୁ ଆଲୋକ)

'ୱାଡ଼େକା ରାଜୁ ଜାନି' ନାମକ ଗ୍ରାମ ବିଦ୍ୟୁତ୍ କମିଟି (VEC) ର ସମ୍ପାଦକ ଲିମ୍ବେ ୱାଡ଼େକା କହନ୍ତି ଯେ "ଆମେ ଅନ୍ଧକାର ମଧ୍ୟରେ ବାସ କରୁଥିବା ଲୋକମାନେ ଏବେ ଆଲୋକ ଆଡ଼କୁ ଗତି କରୁଛୁ ।" ନିପଟ ମଫସଲ ଟିଙ୍ଗାନପୁଟ ଗ୍ରାମଟି ପାରମ୍ପରିକ ବିଦ୍ୟୁତ୍ ସଂଯୋଗ ନଥିବାରୁ ଅନ୍ଧକାର ମଧ୍ୟରେ ରହିଯାଇଥିଲା - ଆଜି ତାଙ୍କ ଗାଁ ଅକ୍ଷୟ ଶକ୍ତି ଦ୍ୱାରା ବିଦ୍ୟୁତ୍‌କରଣ ହୋଇପାରିଛି ବୋଲି ଗାଁ ବାଲାଏ ଗର୍ବିତ ହୋଇପାରିଛନ୍ତି ।

୨୦୦୫ ମସିହାରେ ଗାଁ ଲୋକମାନେ ଗ୍ରାମ୍ୟ ଉନ୍ନତି ଓ ଜୀବନ ଜୀବିକା ଯୋଜନା (VDLP) ପ୍ରସ୍ତୁତି ସମୟରେ ଗାଁର ବିଦ୍ୟୁତିକରଣ ସେମାନଙ୍କର ମୁଖ୍ୟ ଆବଶ୍ୟକତା ଭାବରେ ଚିହ୍ନଟ କଲେ । ସହାୟକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ବିକାଶ' ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ (ଓ.ଟି.ଇ.ଏଲ୍.ପି.) ଅଧିନରେ କାର୍ଯ୍ୟ କଲା । ହାଇଦ୍ରାବାଦ ଠାରେ ଥିବା ଜାତୀୟ ଅନୁଷ୍ଠାନ (ଏନ୍.ଆଇ.ଆର୍.ଡ଼ି.) ର ପରାମର୍ଶକ୍ରମେ ଓ.ଟି.ଇ.ଏଲ୍.ପି. ପ୍ରକଳ୍ପ ସେହି ଗାଁର ତାଲସୁ ମିନିକିଆ, ମୀନାକ୍ଷି ଦିୱାନ, ପୁଲ୍‌କା ୱାଡ଼େକା, ବୁନେଇ ହିଦ୍ରେକା ପ୍ରଭୃତି ମହିଳାମାନଙ୍କୁ ପାଡ଼େରୁ ନାମକ ସ୍ଥାନକୁ ୱୟେରିଂ ଓ ସୌର ବିଦ୍ୟୁତିକରଣ ପ୍ରଣାଳୀ ଶିଖିବାକୁ ୫ମାସ ପାଇଁ ୨୦୦୬ ମସିହାରେ ପଠାଇଲା ।



ସୌରଶକ୍ତି ପରିଚାଳିତ ଆଲୋକ ୟୁନିଟ୍ ସହିତ ପୁଲ୍‌କା ୱାଡ଼େକା ।

ସେହି ମହିଳାଗଣ ପ୍ରଶିକ୍ଷଣରୁ ଫେରି ଗୋଷ୍ଠୀର ସମସ୍ତଙ୍କ ସହ ନିଜ ଅଭିଜ୍ଞତାକୁ ବର୍ଣ୍ଣନା କଲେ ଓ ସୌରଶକ୍ତି ପରିଚାଳିତ ଆଲୋକ ୟୁନିଟ୍ ପ୍ରତିଷ୍ଠା କରିବାକୁ ପରାମର୍ଶ ଦେଲେ । ସେମାନଙ୍କ ଗୋଷ୍ଠୀ ଉତ୍ସାହର ସହ ସେମାନଙ୍କୁ ସମର୍ଥନ କଲେ । ଏହିପରି "ୱାଡ଼େକା ରାଜୁ ଜାନି" ନାମକ (VEC) ଗ୍ରାମ ବିଦ୍ୟୁତ କମିଟି ଗଢ଼ାଗଲା । ଗୋଟିଏ ବ୍ୟାଙ୍କ ଏକାଉଣ୍ଟ ଏହି କମିଟି ନାଁରେ ଖୋଲାଗଲା । ଯେଉଁ ୪ଜଣ ମହିଳା ଟ୍ରେନିଂ ନେଇଥିଲେ ସେମାନେ କମିଟିର ମେମ୍ବର ହେଲେ । ଗାଁ ଲୋକେ ସେହି କମିଟିକୁ ୟୁନିଟ୍ ପ୍ରତିଷ୍ଠା ପାଇଁ ଯାହାକିଛି ଆବଶ୍ୟକ ତାହାସବୁ କରିବାପାଇଁ ରାଜି ହେଲେ ।

ସେହି ୟୁନିଟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ପ୍ରତ୍ୟେକ ପରିବାରରୁ ମାସକୁ ୫୦ଟଙ୍କା ଲେଖାଏଁ ବ୍ୟବହାରକାରୀ ଫିସ୍ ଆଦାୟ କରାଯିବାକୁ ସ୍ଥିର କରାଗଲା । ତା'ପରେ ପ୍ରତି ୫ବର୍ଷରେ ଥରେ ବ୍ୟାଟେରୀ ପରିବର୍ତ୍ତନ ପାଇଁ ପ୍ରତ୍ୟେକ ପରିବାରୁ ୭୦୦ ଟଙ୍କା ଲେଖାଏଁ ଆଦାୟ କରାଗଲା । ୨୦୦୭ ମସିହା ମାର୍ଚ୍ଚ ୨୬ ତାରିଖରେ ଆଲୋକ ବ୍ୟବସ୍ଥା ଆନ୍ତର୍ଜାତିକ କୃଷି ଉନ୍ନୟନ ପାଣ୍ଠିର ସଭାପତି ଶ୍ରୀ ଲେନାର୍ଟ ବାଗେଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା । ପ୍ରତ୍ୟେକ ପରିବାର ପାଇଁ ୧୮ ୱାଟ୍‌ର ଆଲୋକ ଜଳିବାର ସାହାଯ୍ୟ କରାଗଲା ଯେଉଁଥିରେ ରେଡ଼ିଓ ଲଗାଇବାର ଅଧିକ ସୁବିଧା ସହିତ ସୌର ଲଣ୍ଠନ (SPVC) ବ୍ୟବହାର ଏବଂ ଗୋଟିଏ ରାସ୍ତାକୁ ଆଲୋକ ବ୍ୟବସ୍ଥା କରାଗଲା ।



କୃଷ୍ଣ ଚନ୍ଦ୍ର ୱାଡ଼େକା

୨୦୦୮ ମସିହା ଅକ୍ଟୋବର ୩ ତାରିଖରେ ମହିଳାମାନେ OTWBSEA କୁ ପଞ୍ଜୀକୃତ କରାଇଲେ (୧୮୬୦ ସୋସାଇଟି ଆକ୍ଟ ଅନୁଯାୟୀ) । ଏହି ପଞ୍ଜୀକୃତ ସଂସ୍ଥା ସେମାନଙ୍କର ସୌର ଆଲୋକ ବ୍ୟବସାୟକୁ ବଢ଼ାଇବ ବୋଲି ସେମାନେ ସ୍ଥିର କଲେ । ପୁଲ୍‌କା ୱାଡ଼େକା ହେଉଛନ୍ତି ବିଦ୍ୟୁତ୍ କମିଟିର ଜଣେ ଆଗୁଆ ସଭ୍ୟା । ସେ କହନ୍ତି, "କାପାସିଟର, କଣ୍ଡେନସର, ଇଣ୍ଟିଗ୍ରେଟେଡ଼ ସର୍କିଟସ୍ (IC) ଇତ୍ୟାଦି ବିଭିନ୍ନ ପ୍ରକାର ଯନ୍ତ୍ରପାତି ସମ୍ବନ୍ଧରେ ଆମେମାନେ ପ୍ରଶିକ୍ଷଣ ପାଇଛୁ । ବର୍ତ୍ତମାନ ଆମେ ବିଭିନ୍ନ ଯନ୍ତ୍ରପାତିକୁ ଯୋଡ଼ିପାରିବୁ ଏବଂ ସୌର ଆଲୋକର ବିପଣନ କରିବାକୁ ଚାହୁଁଛୁ । ଆମେ ବ୍ୟାଟେରୀ ପ୍ରଭୃତି ମରାମତି କରିପାରିବୁ ।

ଜାତୀୟ ଗ୍ରାମ ଉନ୍ନୟନ ସଂସ୍ଥାର ଇଞ୍ଜିନିୟରମାନଙ୍କ ସହିତ କାମ କରିପାରିବୁ ।"

ସେହି ଗାଁର ମହିଳାମାନେ କହନ୍ତି ଯେ, ଯେଉଁଦିନଠାରୁ ତାଙ୍କ ଘର ବିଦ୍ୟୁତ୍‌କରଣ ହୋଇପାରିଛି ସେମାନଙ୍କର ଜୀବନ ପରିବର୍ତ୍ତନ ହୋଇଛି । ପୂର୍ବେ ଆମେ କେବଳ ଦିବାଲୋକରେ ଯାହାକିଛି କରୁଥିଲୁ, ଏବେ କିନ୍ତୁ ଆମେ ସନ୍ଧ୍ୟାବେଳେ ମଧ୍ୟ କିଛି କାମ କରିପାରୁଛୁ । ଆମେ ରାତିରେ ବିଳମ୍ବରେ ରୋଷେଇ କରୁଛୁ ଏବଂ ଦିନବେଳର କଠିମ ପରିଶ୍ରମ କରୁନାହୁଁ । ଏଣୁ ଆମେ ଆରାମରେ ଅଛୁ ତଥା କୌଣସି କାମ ବାକି ରଖୁନାହୁଁ । ଥରେ ସେ ଗାଁରେ ବ୍ୟାଟେରୀ ଚୋରି ହୋଇଯିବାରୁ ବିଦ୍ୟୁତ୍ କମିଟି ଥାନାରେ FIR ଦେଲା ଏବଂ ଅପରାଧୀକୁ ଧରାଯାଇ ପାରିବା ସହ ବ୍ୟାଟେରୀକୁ ପୁଣି ଲଗେଇ ଦିଆଯାଇ ପାରିଲା ।

ସେ ଗାଁର ଜଣେ ପ୍ରଥମ ଗ୍ରାଜୁଏଟ୍ ଏବଂ ପୂର୍ବତନ ଗୋଷ୍ଠୀ ପ୍ରବର୍ତ୍ତକ ହେଉଛନ୍ତି ଡ଼ାଲୁ ନିଶିକା ଏବେ ସେ ସର୍ବଶିକ୍ଷା ଅଭିଯାନରେ ଜଣେ ଶିକ୍ଷକ ହୋଇଛନ୍ତି । ସେ କହନ୍ତି ଯେ, "ଆମ ପିଲାମାନେ ବିଦ୍ୟୁତ୍ ଶକ୍ତି ଦ୍ୱାରା ବହୁତ ଉପକୃତ ହୋଇଛନ୍ତି । ସେମାନେ ଏବେ ସନ୍ଧ୍ୟାବେଳେ ପଢ଼ାପଢ଼ି କରିପାରୁଛନ୍ତି । ମୁଁ ଯେତେବେଳେ ପିଲାଥିଲି ମୁଁ କେବଳ ଦିନରେ ପଢ଼ାପଢ଼ି କରୁଥିଲି । ଅନ୍ୟ ବିଜୁଳି ନଥିବା ଗାଁମାନଙ୍କ ତୁଳନାରେ ମୋ ଗାଁରେ ଆଖିଦୃଶିଆ ପରିବର୍ତ୍ତନ ହୋଇଛି । ବର୍ତ୍ତମାନର ଗୋଷ୍ଠୀ ସଂଗଠକ କୃଷ୍ଣଚନ୍ଦ୍ର ଓ୍ୱାଡ଼େକା । ସେ ଏବେ ହାଇସ୍କୁଲର ଜଣେ ୧୦ମ ଶ୍ରେଣୀର ଛାତ୍ର । ସେ ଅନୁଭବ କରନ୍ତି ଯେ, ବିଦ୍ୟୁତ୍ କମିଟି ସୌର ଆଲୋକ ବିକ୍ରି କରିବା ଦ୍ୱାରା ପ୍ରଚୁର ଆୟ କରିବାର ବାଟ ଖୋଲିଦେଇଛି ।



# ଏକତା ହିଁ ବଳ

କାନ୍ଦୁଲ ହେଉଛି କନ୍ଧମାଳ ଜିଲ୍ଲାର ଆଦିବାସୀମାନଙ୍କ ମଧ୍ୟରେ ଏକ ଲୋକପ୍ରିୟ ଡ଼ାଲିଜାତୀୟ ଫସଲ, ଯାହାକି ବିୟରମା ଗାଁରେ ମଧ୍ୟ କରାଯାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗୃତି (NGO)ର ସହାୟତାରେ ଓ.ଟି.ଇ.ଏଲ୍.ପି. କାର୍ଯ୍ୟକଳାପ ବିୟରମା ଗାଁରେ ଲାଜରା ଗ୍ରାମ୍ୟ ଉନ୍ନୟନ କମିଟି (VDC) ପରିଚାଳନା କରେ । ଏହି VDC ର ସଭାପତି ସୁକାନ୍ତ ପଟ୍ଟମାଝୀ କହନ୍ତି ଯେ ବ୍ୟବସାୟୀମାନେ ପୂର୍ବେ ଦ୍ୱାର ଦ୍ୱାର ବୁଲି କାନ୍ଦୁଲ ସଂଗ୍ରହ କରୁଥିଲେ । ସେଗୁଡ଼ିକୁ ସେମାନେ ନିଜ ଘରକୁ ନେଇ ଓଜନ କରୁଥିଲେ ଏବଂ ଦର ସ୍ଥିର କରୁଥିଲେ । ଆମେ କେତ ବିକିଲୁ ବୋଲି ଜାଣିପାରୁ ନଥିଲୁ, ଯେହେତୁ ଆମ ସାମ୍ନାରେ ସେମାନେ କେବେହେଲେ ଓଜନ କରୁନଥିଲେ । ତା'ପରେ ଓ.ଟି.ଇ.ଏଲ୍.ପି. ପ୍ରକଳ୍ପର କର୍ମକର୍ତ୍ତାମାନେ ସମସ୍ତେ କାନ୍ଦୁଲକୁ ଗୋଟିଏ ଜାଗାରେ ସଂଗ୍ରହ କରି ରଖିବା ପାଇଁ ଉପଦେଶ ଦେଲେ ଏବଂ ପ୍ରତ୍ୟେକ ଲୋକ କେତେ ପରିମାଣର ଦେଲେ ବୋଲି ଓଜନ କରି ଲେଖି ରଖିଲେ । ଏହାପରେ ବିଭିନ୍ନ ସାହୁକାର ବା ବ୍ୟବସାୟୀଙ୍କୁ ଭଲ ଦରରେ ବିକ୍ରି କରିବାକୁ ପରାମର୍ଶ ଦେଲେ ।



ସ୍ମିତା ମଲ୍ଲିକ

ଜାଗୃତି ଏବଂ MART ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦୁଇଟି ଫୁଲବାଣୀରେ କାନ୍ଦୁଲର ଦର କେତେ ଲେଖାଏଁ ଅଛି, ତାହା ବୁଝି ଆମକୁ ଖବର ଦିଅନ୍ତି । ତା'ପରେ ଯେଉଁ ବ୍ୟବସାୟୀ ଆମକୁ ଉଚ୍ଚା ଦରରେ ନେବାକୁ ରାଜି ହୁଏ ଆମେ ତାହାକୁ ବିକ୍ରି କରୁ । ଗତବର୍ଷ (୨୦୦୭) ଆମେ ୫୬ଟି ପରିବାର ୨୨୦ କୁଇଣ୍ଟାଲ କାନ୍ଦୁଲ ବିକ୍ରି କଲୁ । ଗୋଟିଏ ଦିନରେ ତାହା ସଂଗ୍ରହ ହେଲା ଏବଂ ଓଜନ କରାହେଲା । ଆମର ରୋଜଗାର ୧୦ହଜାର ଟଙ୍କାରୁ ୩୫ ହଜାର ଟଂକା ପର୍ଯ୍ୟନ୍ତ ହେଲା । ଯେଉଁଠି ଗୁଡ଼ା ମଲ୍ଲିକ ୩୫ ହଜାର ଟଙ୍କା ରୋଜଗାର କଲା, ସେଠାରେ ସାମିଲା ମଲ୍ଲିକ ୧୫ ହଜାର ଟଙ୍କା ରୋଜଗାର କଲାବୋଲି କହିଲା । ସେ ଲୁଗାପଟା, ଖାଦ୍ୟ, ଔଷଧ ଏବଂ ଆଜବେଷ୍ଟସ୍ ସିଟ୍ ଇତ୍ୟାଦି କିଣିଲା । ବ୍ରହ୍ମବତୀ ପଟ୍ଟମାଝୀର ୪ଟି ଝିଅ । ସେ ଏବଂ ତା'ର ସ୍ୱାମୀ ୧୭୦୦୦ ଟଙ୍କାର କାନ୍ଦୁଲ ବିକ୍ରି କରିଥିଲେ । ସେହି ଟଙ୍କାରେ ସେ ସ୍ତ୍ରୀ ଲୋକଟି ୨ଭରି ଓଜନର ସୁନା ତା'ର ଝିଅମାନଙ୍କ ପାଇଁ କିଣିଲା । ପୁଣି ତା'ର ୨ଟି ଝିଅ ଯୁବାଗୁଡ଼ା ସ୍କୁଲର ହଷ୍ଟେଲରେ ରହି ପଢୁଥିବାରୁ ସେ ଦୁହିଁଙ୍କର ସ୍କୁଲ ଫିସ୍ ୨୦୦୦ଟଙ୍କା ଦେଲା ।



ପାନିକା ମଲ୍ଲିକ୍‌ର ୪ଟି ସନ୍ତାନ । ସେ ମଧ୍ୟ ଗତ ବର୍ଷ କାନ୍ଦୁଲ ବିକ୍ରିରୁ ୨୩ହଜାର ଟଙ୍କା ପାଇ କିଛି ସୁନା କିଣିଦେଲା । ଯେକୌଣସି ଜରୁରୀ ପରିସ୍ଥିତିରେ ସୁନା ବନ୍ଧକ ପକେଇପାରିବ ବୋଲି ପାନିକା ବିଶ୍ୱାସ କରେ । ସେ ମଧ୍ୟ ତା'ର ଝିଅମାନଙ୍କ ବାହାଘର ପାଇଁ ସୁନା ଗଚ୍ଛିତ ରଖିବ ବୋଲି ଚାହିଁଛି ।

ସୁସ୍ମିତା ପଟ୍ଟମାଝୀ କହନ୍ତି ଯେ, ପୋଡୁଚାଷ ମାଧ୍ୟମରେ ପାହାଡ଼ ଅଂଚଳରେ ସେମାନେ କାନ୍ଦୁଲ ଉତ୍ପାଦନ କରନ୍ତି । ଆତ୍ମନିଯୁକ୍ତିର ବର୍ଦ୍ଧିଷ୍ଣୁ ସୁଯୋଗ ସମୟରେ ଗାଁରେ ରୋଜଗାର କରୁଥିବାରୁ ସେମାନେ ଆଉ ଏଣିକି ପୋଡୁଚାଷ କରିବେ ନାହିଁ ବୋଲି ଜାଣିଲେଣି । ସେ ଆଶା କରନ୍ତି ଯେ ସମସ୍ତଙ୍କ ପାଇଁ କାମ ମିଳିବ ନଚେତ୍ ସେମାନେ ତାଙ୍କର ପୁରୁଣା କାନ୍ଦୁଲ ଉତ୍ପାଦନ ପ୍ରକ୍ରିୟାକୁ ଫେରିଯିବେ ।

# ଖାଦ୍ୟ-ନିରାପତ୍ତା ପାଇଁ ଶସ୍ୟ ପାଣ୍ଠି



ବିୟରମା ଗ୍ରାମରେ ଲୋକଙ୍କ ଜୀବନଶୈଳୀରେ ବିରାଟ ପରିବର୍ତ୍ତନ ଆସିଛି । ସୌଦାମିନୀ ସ୍ୱୟଂସହାୟକ ଗୋଷ୍ଠୀର ସଂପାଦକ ଫିଲିମାନିଆ ପଟ୍ଟମାଝୀ କହନ୍ତି ଯେ, ବର୍ଷସାରା ଏବେ ଖାଦ୍ୟ ମିଳିପାରୁଛି । ଉକ୍ତ SHG ର ସଭ୍ୟମାନେ ପୂର୍ବରୁ ଗାଁ ସାହୁକାରଠାରୁ ଖାଦ୍ୟ ପାଇଁ ନିୟମିତ ଅର୍ଥ ଋଣ କରୁଥିଲେ । ବିଶେଷତଃ ଖ୍ରୀଷ୍ଟମାସ ପର୍ବ ସମୟରେ ସେମାନେ ନିଜର ଜମି, ଅଳଙ୍କାର ପତ୍ର ଏପରିକି ଫସଲ ହୋଇଥିବା ଜମିକୁ ବନ୍ଧା ପକାଇ ଦେଉଥିଲେ । ଜମିରେ ହୋଇଥିବା ଫସଲର ପରିମାଣ ଏବଂ ଗୁଣାତ୍ମକମାନକୁ ଚାହିଁ ଋଣର ସୁଧ ନିର୍ଣ୍ଣୟ କରାଯାଉଥିଲା । ପ୍ରତି ଶହେ ଟଙ୍କା ଋଣରେ ସାହୁକାରମାନେ ୧୦ରୁ ୧୫ ଟଙ୍କା ସୁଧ ଆଦାୟ କରୁଥିଲେ ।



ଏବେ କିନ୍ତୁ ଭିନ୍ନ ପରିସ୍ଥିତି ହୋଇଛି । ଓ.ଟି.ଇ.ଏଲ୍.ପି. ଏବଂ NGO ଜାଗୃତି – ଏହି ୨ଟି ଅନୁଷ୍ଠାନ ଉକ୍ତ ଗ୍ରାମରେ ଶସ୍ୟପାଣ୍ଠି ପ୍ରଥା ପ୍ରବର୍ତ୍ତନ କରିଛନ୍ତି । ଉକ୍ତ ଶସ୍ୟ ପାଣ୍ଠିର ରେକର୍ଡ଼ ରକ୍ଷକ ଜିତେନ୍ଦ୍ର ମଲ୍ଲିକ କୁହନ୍ତି, ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି ଯେ, ଯେକୌଣସି ଲୋକ ୧୦କିଲୋ ଧାନ କରଜ ନେଲେ ୨୦୦ ଗ୍ରାମ୍ ଧାନ ସୁଧ ଦେବ । ଏବେ ବିଭିନ୍ନ ଲୋକଙ୍କୁ ଶସ୍ୟ ପାଣ୍ଠିରୁ ମୋଟ ୫୪ କୁଇଣ୍ଟାଲ ଧାନ କରଜ ଆକାରରେ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ସୁଧ ବାବଦକୁ ମୋଟ ୯ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି । ଯେଉଁମାନେ ଶସ୍ୟ ଋଣ କରିଛନ୍ତି ସେମାନେ ସମସ୍ତେ ସୁଧ ଦେଇଛନ୍ତି; ବର୍ଷକର ଫସଲ ଅମଳ ପରେ ମୂଳଧନର ଶସ୍ୟ ଦାଖଲ କରିବେ ।

ଏହି ଶସ୍ୟ ପାଣ୍ଠିର ପ୍ରବର୍ତ୍ତନ ପରଠାରୁ ସାହୁକାର ପାଖକୁ ଯିବା ଲୋକେ ବନ୍ଦ କରିଛନ୍ତି । VDC ସଂପାଦକ ହେନେରୀ ପଟ୍ଟମାଝୀ କୁହନ୍ତି ଯେ, ଶସ୍ୟପାଣ୍ଠିରୁ ସମସ୍ତ ଶସ୍ୟ କରଜ ଲାଗିଗଲା ପରେ ଓ ଲୋକେ କରଜ ଶୁଝିବା ପର୍ଯ୍ୟନ୍ତ, ଖାଦ୍ୟାଭାବକୁ ଦୂରେଇବା ପାଇଁ ଓ.ଟି.ଇ.ଏଲ୍.ପି. କାର୍ଯ୍ୟକ୍ରମରେ ମଜୁରୀ ସହିତ ୩କିଲୋ ଗ୍ରାମ ଚାଉଳ ମିଳେ । ସେହି ଗୋଷ୍ଠୀ ଏବେ ଶସ୍ୟପାଣ୍ଠିର ଦାୟିତ୍ୱ ନେଇଛି । କୁଟିଆ କନ୍ଧମାନଙ୍କ ଦ୍ୱାରା ଅଧ୍ୟୁଷିତ କୋଠଗଡ଼ ବ୍ଲକର (କନ୍ଧମାଳ ଜିଲ୍ଲା) ବିୟରମା ଗାଁଟି ଅତ୍ୟନ୍ତ ମଫସଲ ଅଂଚଳ ଏବଂ ଏହି ଗାଁର NGO ଜାଗୃତି ସହାୟତାରେ ତଥା ଲାଜରା ଗ୍ରାମ ଉନ୍ନୟନ କମିଟି ଜିରିଆରେ ଓ.ଟି.ଇ.ଏଲ୍.ପି. ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ।



# ସଫଳତାର ସୌରଭ

କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକ୍‌ରେ ହରିଶଙ୍କରଙ୍କ ଘର । ତାଙ୍କୁ ଲେମ୍ବୁଘାସ ଚାଷର "ପିତା" ଭାବରେ ଗଣନା କରାଯାଏ । ସେ ଲେମ୍ବୁଘାସ ଚାଷରେ କୋରାପୁଟ ଜିଲ୍ଲାର ଅନ୍ୟଲୋକଙ୍କୁ ପ୍ରଶିକ୍ଷିତ କରାଇଛନ୍ତି । ଧାନ ଚାଷରେ ସ୍ୱଳ୍ପ ଉତ୍ପାଦନ ହେତୁ ଅନେକ ଲୋକ ବିରକ୍ତ ହୋଇ "ଲେମ୍ବୁଘାସ ଚାଷ" ଏବଂ ସେଥିରୁ ତେଲ ଉତ୍ପାଦନକୁ ନିଜର ଧନ୍ଦାରେ ପରିଣତ କରିଛନ୍ତି । ହରିଶଙ୍କର କୁହନ୍ତି ଯେ ବିଶାଖାପାଟଣା, ହାଇଦ୍ରାବାଦ ଓ ମୁମ୍ବାଇରୁ ଲୋକେ ଆସୁଛନ୍ତି । ମନୋହରୀ ଜିନିଷ, ସୁଗନ୍ଧ ଧୂପକାଠି ଏବଂ ଆରୋମାଥେରାପି, ଆୟୁର୍ବେଦ, ସାବୁନ ଓ ଅନ୍ୟାନ୍ୟ ପରିଷ୍କାର ପରିଚ୍ଛନ୍ନ କରୁଥିବା ବସ୍ତୁ ତଥା ସୁଗନ୍ଧ ଦ୍ରବ୍ୟ ପ୍ରସ୍ତୁତିବେଳେ ଲେମ୍ବୁଘାସର ତେଲ ଆବଶ୍ୟକ ପଡ଼େ । ଲେମ୍ବୁଘାସ ଉତ୍ପାଦନ ଓ ଏଥିରୁ ତେଲ ପ୍ରସ୍ତୁତ କିମ୍ବା ଏହାର ରପ୍ତାନୀ ଦ୍ୱାରା ଉପକୃତ ନ ହେଉଥିବା ଗୋଟିଏ ହେଲେ ଲୋକ ମିଳିବ ନାହିଁ । ଏଣୁ ବନ୍ଧୁ ଗାଁ ବ୍ଲକର କୁଟିଲିପେଟା ଗାଁରେ ବର୍ତ୍ତମାନ ବେକାରୀ ସମସ୍ୟା ଦେଖାଯାଉନାହିଁ ।



ହରିଶଙ୍କର

ଓଟେଲପ୍ ପ୍ରକଳ୍ପ "ପେଡ଼ାଲାମା ଅଣ୍ଣୁ ଜଳବିଭାଜିକା" ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି ଏବଂ କାଟୁଲିପେଟା ହେଉଛି ଏହି ଜଳବିଭାଜିକା ଅଧୀନରେ ଥିବା ୩ଟି ଗ୍ରାମ ମଧ୍ୟରୁ ଅନ୍ୟତମ ଗ୍ରାମ । ହରିଶଙ୍କର ହେଉଛନ୍ତି ସେହି ଗାଁର ଉନ୍ନୟନ କମିଟିର ସଭାପତି ଏବଂ ସେହି ଗାଁରେ "ନୁକାଲାମା" ଏବଂ "ପରଦେଶୀ ଆମା" ନାମକ ୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି । ସେହି ୨ଟି ଗୋଷ୍ଠୀ ୨୦୦୪ରେ ଗଢ଼ାଯାଇଥିଲେ ମଧ୍ୟ ୬ମାସ ପରେ ନିଷ୍କ୍ରିୟ ହୋଇଯାଇଥିଲେ । ମାତ୍ର ଯେତେବେଳେ ଓ.ଟି.ଇ.ଏଲ୍.ପି. ୨୦୦୫ ମସିହାରେ ସେହି କୁଟୁଲିପେଟା ଗାଁରେ କାମ ଆରମ୍ଭ କଲା ତା'ର ସହାୟକ ସଂସ୍ଥା (FNGO) "ରାଷ୍ଟ୍ରିୟ ସେବା ସମିତି" ଉକ୍ତ ଗୋଷ୍ଠୀ ଦୁଇଟିକୁ ପୁନର୍ଜୀବନ ଦେଲେ । ଗୋଷ୍ଠୀର ସଭ୍ୟମାନଙ୍କ ଖାତାପତ୍ର ଲେଖାଲେଖି, ରେକର୍ଡ଼, ହିସାବପତ୍ର ରଖିବା, ସଭା କରିବା ଏବଂ ବିବାଦ ସମାଧାନ କରିବାର ପ୍ରଶିକ୍ଷଣ ସେମାନେ ଦେଲେ ।

ଗୋଷ୍ଠୀର ପ୍ରତ୍ୟେକ ସଭ୍ୟ ଓ.ଟି.ଇ.ଏଲ୍.ପି.ଠାରୁ ପାଞ୍ଚ ହଜାର ଟଙ୍କା ନେଇ ଧୂଆଁପତ୍ର ଉତ୍ପାଦନ କରିବାରେ ଲଗାଇଲେ । କିନ୍ତୁ ବର୍ଷା ଅଭାବରୁ ଉତ୍ପାଦନ ଖୁବ୍ ସୀମିତ ହେବାରୁ ଲାଭ କମିବାକୁ ଲାଗିଲା । ତେଣୁ ସେମାନେ କପା ଚାଷ କରିବାକୁ ସ୍ଥିର କଲେ । ଉତ୍କଳ ଗ୍ରାମ୍ୟବ୍ୟାଙ୍କ ଆହ୍ଲାମଦାରୁ ଋଣ ପାଇବା ପାଇଁ ଓ.ଟି.ଇ.ଏଲ୍.ପି. ସେମାନଙ୍କୁ ସାହାଯ୍ୟ କଲା ତଥାପି ବର୍ଷା ଅଭାବଜନିତ ଶୁଷ୍କତା ଯୋଗୁଁ ବେଶୀ କପା ଉତ୍ପାଦନ ହେଲାନାହିଁ । ଗୋଷ୍ଠୀ ଦୁଇଟିର ମିଳିତ ଭାବରେ ୩୦ ହଜାର ଟଙ୍କା କ୍ଷତି ହେଲା । ତେଣୁ ସେହି ସଭ୍ୟମାନେ ଦିନମଜୁରୀଆ ଭାବରେ ଖଟିବାକୁ ଲାଗିଲେ । ସେହି ଗ୍ରାମର ହରିଶଙ୍କରଙ୍କର ଲେମ୍ବୁଘାସ ଚାଷରେ ସଫଳତା ଦେଖି ଏବଂ ସେମାନଙ୍କ କପା ଏବଂ ଧୂଆଁପତ୍ର ଚାଷର ବିଫଳତା ଲକ୍ଷ୍ୟ କରି ମହିଳାମାନେ ଲେମ୍ବୁଘାସ ଚାଷ କରିବାକୁ ସ୍ଥିର କଲେ । ସେମାନଙ୍କର ସମସ୍ତ ଉତ୍ପାଦିତ ଲେମ୍ବୁଘାସକୁ କିଣିନେବାକୁ ହରିଶଙ୍କର ନିଜର ନିଶ୍ଚିତତା ଜଣାଇଲେ ଏବଂ ସେହି ମହିଳାମାନଙ୍କୁ ଉକ୍ତ ଚାଷରେ ପ୍ରଶିକ୍ଷିତ କରାଇଲେ । ଗ୍ରାମ ଉନ୍ନୟନ କମିଟି ସମଗ୍ର ପ୍ରକଳ୍ପ ମୂଲ୍ୟର ଶତକଡ଼ା ୫୦ଭାଗ ଅର୍ଥାତ୍ ୩୨,୫୦୦ଟଙ୍କା ଆର୍ଥିକ ସହଯୋଗ କରିବାକୁ ସ୍ୱୀକୃତି ଦେଲା । ବ୍ୟାଙ୍କରୁ ଏହି ମହିଳା ଗୋଷ୍ଠୀ ଆଉ ୫୦ ହଜାର ଟଙ୍କା ଋଣ ମଧ୍ୟ ପାଇପାରିଲା । ଏହି ସମସ୍ତ ଅର୍ଥରେ ସେମାନେ ୩୫ ଏକର ଜମିରେ ଲେମ୍ବୁଘାସ ଚାଷ କଲେ । ମାର୍କେଟରୁ ବର୍ଷକୁ ପ୍ରାୟ ୧୧,୦୦୦ ଟଙ୍କାର ଲାଭ ପାଇବାକୁ ସେମାନେ ଆଶା କରିପାରିଲେ ।



କ୍ଷେତରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟଗଣ

ସେହି ସ୍ତ୍ରୀ ଲୋକମାନେ କହିଲେ ଯେ ଲେମ୍ବୁଘାସରୁ ପ୍ରସ୍ତୁତ ତେଲର ଖୁବ୍ ଡ଼ିମାଣ୍ଡ (ଚାହିଦା) ରହିଛି । ଜଣେ ଲୋକ ଚାରୋଟି ଫସଲ ବର୍ଷକ ମଧ୍ୟରେ କରିପାରିବ । ଗୋଟିଏ ଥର ଫସଲ କଲେ ଦୁଇବର୍ଷ ପର୍ଯ୍ୟନ୍ତ ଅମଳ କରୁଥିବ । ସେହି ଗାଁରେ ପ୍ରାୟ ନ'ଗୋଟି ଘାସର ତେଲ ପେଡ଼ିବା ମେସିନ୍ ଅଛି । ସେହି ମହିଳାଙ୍କ ଉନ୍ନତିରେ ଉଦ୍‌ବୁଦ୍ଧ ହୋଇ ଗାଁର କିଛି ଯୁବକ 'ମାଝି ଗୌରୀ' ନାମକ ଏକ SHG ଗଠନ କରିଛନ୍ତି ଏବଂ ଲେମ୍ବୁଘାସ ଚାଷ କରିବାକୁ ଆରମ୍ଭ କରିଛନ୍ତି । ରାଷ୍ଟ୍ରୀୟ ସେବା ସମିତି ଏସ୍.ଏଚ୍.ଜି.ମାନଙ୍କ ପାଇଁ ତେଲ ପେଡ଼ିବା ୟୁନିଟ୍ ପ୍ରତିଷ୍ଠା କରାଇବାକୁ ଯୋଜନା କରୁଛି ।

# ମୃତ୍ତିକା ଓ ଜଳ ସଂରକ୍ଷଣର ସୁ-ପ୍ରଭାବ



ନିଧିଗୁଡ଼ି ଅଣୁ-ଜଳବିଭାଜିକାର କୃଷକବୃନ୍ଦ ସେମାନଙ୍କ ଗାଁର ଭାଗ୍ୟ ପରିବର୍ତ୍ତନରେ ଆଡ଼ିବନ୍ଧ ନିର୍ମାଣକୁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି ବିଚାର କରନ୍ତି । ଓ.ଟି.ଇ.ଏଲ୍.ପି. ଏବଂ ଏନ୍.ଜି.ଓ. PEACE ଉକ୍ତ ଜଳବିଭାଜିକା କାର୍ଯ୍ୟକ୍ରମ କରିବାକୁ ବାଛିଲେ । ସେହେତୁ ୨୦୦୬ ମସିହାରେ ଚେକ୍ ଡ୍ୟାମ୍‌ଟିର ନିର୍ମାଣ ଆରମ୍ଭ ହେଲା । ମୋଟ ୩ ଲକ୍ଷ ଟଙ୍କା ଖର୍ଚ୍ଚରେ ଏହା ଦୁଇବର୍ଷ କାଳ ଲାଗି ନିର୍ମିତ ହେଲା ।

ଯେହେତୁ କୃଷକମାନେ ସେମାନଙ୍କର ଜମି ଚାଷ କରିପାରିଲେ ନାହିଁ ଏବଂ ଶସ୍ୟ ହାନି ଘଟିଲା, ତେଣୁ ଏକ ଚେକ୍ ଡ୍ୟାମ୍‌ର ଆବଶ୍ୟକତା ଅନୁଭବ କଲେ । ବର୍ଷା ଋତୁରେ ବର୍ଷାଜଳର ପ୍ରବଳ ସୁଅ ମୁହଁରେ ଉଚ୍ଚା ଢ଼ାଲୁ ଜମିର ମାଟି ତଳକୁ ବୋହି ଆସେ । ଏହି ରକମର ୧୪ ଏକର ଢ଼ାଲୁ ଜମିର ମାଲିକ ଥିବା କୁନ୍ଦ୍ରା ମଣ୍ଡଳ କହନ୍ତି ଯେ କେବଳ ବର୍ଷାଋତୁରେ ଉପର ମୁଣ୍ଡରେ ଥିବା ଜମିଗୁଡ଼ିକରେ ଚାଷବାସ ସମ୍ଭବ ହୋଇଥାଏ । ଆଉ ମଧ୍ୟ ବର୍ଷା ସ୍ରୋତରେ ସେ ଢ଼ାଲୁ ଜମିର ବନ୍ଧବାଡ଼ ଭାଂଗି ଯାଇଥାଏ । ଗ୍ରାମବାସୀ ମୁଖ୍ୟତଃ ମକା, ମାଣ୍ଡିଆ ଓ ଜହ୍ନା ଚାଷ କରିଥାନ୍ତି ।

ଏଣୁ ଚେକ୍-ଡ୍ୟାମର ନିର୍ମାଣ ଗ୍ରାମ ଉନ୍ନୟନ କମିଟି ବହନ କଲା । ତା' ସହିତ ଜମିର ଖାଲଢ଼ିପ ସମାନ କରିବା ଦାୟିତ୍ୱ ନେଲା । ଏହି କାମ କେବଳ କୁନ୍ଦ୍ରାକୁ ସାହାଯ୍ୟ କଲାନି, ଅନେକ ଲୋକଙ୍କୁ ନିତ୍ୟାନ୍ତ ଆବଶ୍ୟକୀୟ ଅଢ଼େଇ କିଲୋଗ୍ରାମ ଚାଉଳ ମଜୁରୀ ସହ ପ୍ରଦାନ କରାଗଲା ।

କୁନ୍ଦ୍ରା କହନ୍ତି ଯେ "ମୋର ନ'ଜଣ ଲୋକଙ୍କୁ ନେଇ ଗୋଟିଏ ପରିବାର । ପୂର୍ବେ ମୁଁ ମାତ୍ର ୮ରୁ ୧୦କେ.ଜି. ମକା ଉତ୍ପାଦନ କରିପାରୁଥିଲି, ଯାହାକୁ ଆମେ ନିଜେ ଖାଇବାକୁ ରଖୁଥିଲୁ । ଖରାଦିନେ ମାଣ୍ଡିଆ ଓ ଜହ୍ନା କରୁଥିଲୁ । ଖୁବ୍ କମ୍ ଭାତ ଖାଉଥିଲୁ । ଯଦି କେହି ରୋଗରେ ପଡୁଥିଲା, ତେବେ ତାକୁ ଡ଼ାକ୍ତରଖାନାକୁ ନେବାକୁ ପଇସା ନଥିଲା । ଆମ ଘରଠାରୁ ବରହମ୍ପୁର ମେଡ଼ିକାଲ ଦେଢ଼ଶହ କିଲୋମିଟର ଦୂର; ଗୁଣପୁର ୬୦ କି.ମି. ଏବଂ ଚନ୍ଦ୍ରଗିରି ୪୦ କି.ମି. ଦୂର, ଏତେ ଦୂର ନେବାପାଇଁ ମୁଁ ଥରେ ସାହୁକାରଠାରୁ ଋଣ କରିଥିଲି । ତାଙ୍କ ଉପରେ ସର୍ବଦା ନିର୍ଭର କରିବାକୁ ପଡୁଥିଲା । ୨୦୦୨ ମସିହାରେ ମୋର ଝିଅ ବାହାଘର ପାଇଁ ମୁଁ ଦୁଇ ଏକର ଜମି ବନ୍ଧା ପକାଇ ଅନ୍ୟ ଏକ ବଡ଼ ଋଣ କରିଥିଲି, ଯାହାଫଳରେ ସେ ଜମିକୁ ଏ ପର୍ଯ୍ୟନ୍ତ ମୁକୁଳାଇପାରି ନାହିଁ ।"



କୁନ୍ଦ୍ରା ଏବେ ସୁଦ୍ଧା ଯେତିକି ଜମି ରଖିଛି, ବର୍ଷକ ମଧ୍ୟରେ ସେ ଦୁଇଟି ଫସଲ ସେଥିରେ କରିପାରୁଛି, ଯାହାକି ତା'ର ସଉରା ଗାଁ ଭାଇମାନଙ୍କ ପକ୍ଷରେ ସମ୍ପୂର୍ଣ୍ଣ ନୂତନ । ଏହା କେବଳ ଚେକ୍ ଡ୍ୟାମ୍ ଓ କ୍ଷେତ୍ର ପ୍ରଣାଳୀ ଦ୍ୱାରା ସମ୍ଭବ ହୋଇପାରିଛି । ସେ ଏବେ ଲଲାଟ, ପୂଜା ଏବଂ RGL କିସମର ଧାନ ଚାଷ କରୁଛି । ଏ ବର୍ଷ ସେ ୮୦ରୁ ୯୦ବସ୍ତା ଧାନ ଅମଳ କରିବ ବୋଲି ଆଶା କରିଛି । କୁନ୍ଦ୍ରାପରି ଅନ୍ୟ ଚାଷୀମାନେ ମଧ୍ୟ ଚେକ୍ ଡ୍ୟାମ ଓ ସେ କ୍ଷେତ୍ର ପ୍ରଣାଳୀ ଓ ଢ଼ୋକାମାଟି ଇତ୍ୟାଦି ଦ୍ୱାରା ଉପକୃତ ହେଲେ । ଜୁନାସ୍ ଗମାଙ୍ଗ, ଜୋସେଫ୍ ରୋହିତ ଏବଂ ପଦ୍ମା ମଣ୍ଡଳ ପ୍ରଭୃତି କେତେକ ଚାଷୀ ଆଗରୁ ପୋଡୁଚାଷ କରିବାରେ ଅଭ୍ୟସ୍ତ ଥିଲେ ଓ ସେମାନେ ୨୦୦୩ ମସିହାର ମରୁଡ଼ିରେ ପ୍ରବଳ କ୍ଷତିଗ୍ରସ୍ତ ହେଲେ ।

ଗ୍ରାମ୍ୟ ଉନ୍ନୟନ କମିଟିର ସଂପାଦକ, ସୋଲମନ ମଣ୍ଡଳ ଅଛନ୍ତି । ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଓ ବିଭିନ୍ନ କୃଷି ଉତ୍ପାଦନର ପ୍ରଦର୍ଶନୀ ବଳରେ କୃଷକମାନଙ୍କର ଦୃଷ୍ଟିକୋଣ ବଦଳି ଯାଇଛି ବୋଲି ସେ କହନ୍ତି । ସେମାନେ କେବଳ ଦୁଇଟି ଫସଲ ଉଠାଉନାହାନ୍ତି, ସେମାନଙ୍କର ଖାଦ୍ୟ ଅଭ୍ୟାସ ମଧ୍ୟ ବଦଳି ଯାଇଛି । ପୂର୍ବେ ସେମାନେ ବାସି ପଖାଳରେ ଶାଗ ଓ ନାଳି ଲଙ୍କାଗୁଣ୍ଡ ଲଗାଇ ଖାଇବାକୁ ପ୍ରାଧାନ୍ୟ ଦେଉଥିଲେ, ମାତ୍ର ଏବେ ସେମାନେ ଦୂର ଦୂରାନ୍ତରକୁ ଯାଇ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ଶିଖିଯାଇଥିବାରୁ ଉନ୍ନତ ମାନର ଖାଦ୍ୟ ଖାଉଛନ୍ତି ।

[1] ଖରିଫ୍ ଏବଂ ରବିଋତୁରେ ଥରେଲେଖା ।   [2] ଏକ ବସ୍ତା = ୭୫କି.ଗ୍ରା.

# ଅସୀମିତ ସୁଯୋଗ


ତାରୀ ରୋହିତ

ଗଜପତି ଜିଲ୍ଲାର ବଡ଼ନଳା-ଅଣୁଜଳଛାୟା ଅଂଚଳରେ ପଟାଙ୍ଗିପଦର ବୋଲି ଗ୍ରାମଟିଏ ଅଛି ।

ଏବେ ଗାଁଟି ଏକ ନବୀନ ଉତ୍ସାହ ଉଦ୍ଦୀପନାରେ ଚେଇଁ ଉଠିଛି । ତାଜା ପାଉଁରୁଟି ଓ କେକ୍‌ର ମହକ ସେ ଗାଁର ପ୍ରଥମ ବ୍ୟାକେରୀ ୟୁନିଟ୍‌ରୁ ଚତୁର୍ଦ୍ଦିଗକୁ ଖେଳିଯାଉଛି । ସେହି ଗ୍ରାମର ହାଲେଲୁଇହା ନାମକ ଏସ୍.ଏଚ୍.ଜି. ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ଏହି ୟୁନିଟ୍‌ଟି ପ୍ରତିଷ୍ଠିତ ହୋଇଛି ।

ଏନ୍.ଜି.ଓ. PEACE ଏବଂ ଓ.ଟି.ଇ.ଏଲ୍.ପି. ଟିମ୍ ସହିତ ଆଲୋଚନା କଲାବେଳେ ସେ ଗୋଷ୍ଠୀର ମହିଳାବୃନ୍ଦ ଗୋଟିଏ ବ୍ୟାକେରୀ ବା ପାଉଁରୁଟି କାରଖାନା କରିବାର ଇଛା ପ୍ରକଟ କଲେ । ତାରୀ ରୋହିତଙ୍କ ଭାଷାରେ, "ଏହି ପାହାଡ଼ିଆ ଅଂଚଳରେ ମାଇଲ ମାଇଲ ବ୍ୟାପୀ କୌଣସି ସ୍ଥାନରେ ବ୍ୟାକେରୀ ନ ଥିବାରୁ ଏଠାର ପାଉଁରୁଟିର ଖୁବ୍ ଚାହିଦା ରହିଛି ।" ଏତାଦୃଶ ବ୍ୟବସାୟ ପଛରେ ଏହି ଯଥାର୍ଥତା ଥିବାରୁ ଏହାକୁ ସବୁଆଡୁ ପ୍ରୋତ୍ସାହନ ମିଳିବାରେ ଲାଗିଛି ।

ଗଜପତି ଜିଲ୍ଲାର ମୋହନା ବ୍ଲକରେ ଥିବା ପାଉଁରୁଟି କାରଖାନାରେ ଏନ୍.ଜି.ଓ PEACE ତିନୋଟି ପର୍ଯ୍ୟାୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚଳାଇଥିଲା । ମହିଳାଗଣ କେବଳ ପାଉଁରୁଟି ଓ କେକ୍‌ର ପ୍ରସ୍ତୁତି ଶିଖି ନଥିଲେ, ସେମାନେ ଏ ସବୁର ସଯତ୍ନ ସାଇତା, ପ୍ୟାକିଂ ଓ ବିପଣନ ମଧ୍ୟ ଶିଖିଥିଲେ । ସେହି ମହିଳାଗଣ ଓ.ଟି.ଇ.ଏଲ୍.ପି. କାର୍ଯ୍ୟକ୍ରମ ଓ ତା'ର ସହଯୋଗୀ ଏନ.ଜି.ଓର ମିଳିତ ସହାୟତାରେ ଏକ ସଂଚୟ ଗୋଷ୍ଠୀ ଗଢ଼ି ଖୁବ୍ ଖୁସି ହେଲେ । ସେମାନଙ୍କ ପରିବାର ଲୋକେ ପ୍ରଥମେ ପ୍ରଥମେ ଏତାଦୃଶ ଏସ୍.ଏଚ୍.ଜି ଗଠନକୁ ତଥା



ଓ.ଟି.ଇ.ଏଲ୍.ପି. କାର୍ଯ୍ୟକ୍ରମରେ ମହିଳାଙ୍କ ସକ୍ରିୟ ସହଯୋଗକୁ ବିରୋଧ କରୁଥିଲେ ମଧ୍ୟ ଏବେ ସେମାନେ ସବୁକିଛି ଜାଣିପାରି ଆନନ୍ଦିତ ହୋଇଛନ୍ତି । ପ୍ରତିଟି ସଭ୍ୟ ପ୍ରତି ୩ ମାସରେ ଦଶଟଙ୍କା ଲେଖାଏଁ ଉଦୟଗିରିସ୍ଥିତ ଋଷିକୁଲ୍ୟା ଗ୍ରାମ୍ୟ ବ୍ୟାଙ୍କରେ ସଂଚୟ କରୁଛନ୍ତି । ଏହି ଗୋଷ୍ଠୀ ଏକ ଏକାଉଣ୍ଟ ଖୋଲି ସେଥିରେ ଟଂକା ଜମା କରୁଛନ୍ତି । ଏବେ ସେମାନଙ୍କର ମୋଟ ସଂଚୟର ପରିମାଣ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇପାରିଛି ।

ସେମାନେ ପାଉଁରୁଟି ଓ କେକ୍ ଇତ୍ୟାଦିର ପ୍ରସ୍ତୁତି କୌଶଳ ଶିଖି ଯାଇଥିଲେ ମଧ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଟି ଥିଲା ଭିତ୍ତିଭୂମିର ଆବଶ୍ୟକତା ଓ ଫ୍ୟାକ୍ଟରୀ ଖୋଲିବାର ସ୍ଥାନ ନିର୍ଣ୍ଣୟ । ଏହାପରେ ଓ.ଟି.ଇ.ଏଲ୍.ପି. କାର୍ଯ୍ୟକ୍ରମ ସେମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲା । ଏକ ଗୃହ ନିର୍ମାଣ ନିମିତ୍ତ ସେହି ମହିଳା ଗୋଷ୍ଠୀ ୫ ହଜାର ଟଙ୍କା ଦେଲା ଏବଂ ସେଥିପାଇଁ ଓ.ଟି.ଇ.ଏଲ୍.ପି. ପ୍ରକଳ୍ପରୁ ୪୫ ହଜାର ଟଙ୍କାର ଅନୁଦାନ ମିଳିଲା । ତା'ପରେ ସେମାନେ ପାଉଁରୁଟି ପ୍ରସ୍ତୁତିର ସମସ୍ତ ଯନ୍ତ୍ରପାତି ଓ ସରଞ୍ଜାମ କିଣିବା ପାଇଁ ଘୂର୍ଣ୍ଣାୟମାନ ପାଣ୍ଠିରୁ ୨୦ ହଜାର ଟଙ୍କା ଋଣ କଲେ ।

ତାରୀ ରୋହିତ କହନ୍ତି "ଆମେ ପାଉଁରୁଟି ପ୍ରସ୍ତୁତି ଓ ଖଣ୍ଡ ଖଣ୍ଡ କାଟିବା ପ୍ରଣାଳୀ ଶିଖି ଯାଇଛୁ । କେକ୍ ତିଆରି ମଧ୍ୟ ଶିଖିଛୁ । ଗୋଟିଏ ପାଉଁରୁଟି ପ୍ୟାକେଟ୍‌କୁ ଦଶଟଙ୍କା ଦରରେ ବିକ୍ରି କରୁଛୁ । ଅନ୍ୟ ଲୋକମାନଙ୍କୁ



ନିକଟବର୍ତ୍ତୀ ଗାଁମାନଙ୍କରେ ପ୍ରସ୍ତୁତ ଦ୍ରବ୍ୟଗୁଡ଼ିକୁ ବିକ୍ରି କରିବାକୁ ରଖିଛୁ । ପୂର୍ବେ ଆମେ ଆମର ଅଧିକାଂଶ ସମୟ ପୋଡୁଚାଷରେ ବିତାଉଥିଲୁ ଯାହାକି କଷ୍ଟସାଧ୍ୟ ଥିଲା ଓ ବେଶୀ କିଛି ଲାଭପ୍ରଦ ହେଉନଥିଲା" ।

ମୌସୁୟା ରୋହିତ ପାଉଁରୁଟି ପ୍ରସ୍ତୁତିର ଜଣେ ପ୍ରଶିକ୍ଷିତ ବ୍ୟକ୍ତି, ଯେକି ଅନ୍ୟମାନଙ୍କୁ ଏ ବିଷୟରେ ପ୍ରଶିକ୍ଷଣ ଦିଅନ୍ତି । ଉକ୍ତ ଏସ୍.ଏଚ୍.ଜି. ତାଙ୍କୁ ଦୈନିକ ୫୦ଟଙ୍କା ଦେଇ ନିଯୁକ୍ତି କରିଥିଲା । ଅନ୍ୟମାନେ ମଧ୍ୟ ବ୍ୟାକେରୀର ଉତ୍ପାଦିତ ଦ୍ରବ୍ୟ ବିକି ରୋଜଗାର କରିବା ଆରମ୍ଭ କରିଦେଇଛନ୍ତି । ଏହିପରି ଗାଁର ଅନ୍ୟାନ୍ୟ ପ୍ରଶିକ୍ଷିତ କୁଶଳୀ ଲୋକଙ୍କୁ କାମ ଯୋଗାଇବାରେ ଏହି ଗୋଷ୍ଠୀ ଏକ ପ୍ରଧାନ ମାଧ୍ୟମ ହୋଇପାରିଛି ।

ସେ ଗୋଷ୍ଠୀର ସଭ୍ୟ ସୟୁରୀ ରୋହିତ କହନ୍ତି ଯେ ଯେହେତୁ ସ୍ଥାନୀୟ ବିଦ୍ୟାଳୟଟି ନିୟମିତ ଭାବରେ ଚାଲୁ ନାହିଁ, ମୁଁ ମୋର ପିଲାଙ୍କୁ ଅନ୍ୟତ୍ର ପଢ଼ାଇବାକୁ ଚାହୁଁଥିଲେ ମଧ୍ୟ ମୋର ଆର୍ଥିକ ସମ୍ବଳ ନଥିଲା । କିନ୍ତୁ ଏବେ ବ୍ୟାକେରୀ ୟୁନିଟ୍‌ର ଲାଭ ପ୍ରଚୁର ପରିମାଣରେ ବାହାରୁଥିବାରୁ ମୋର ତିନୋଟି ପିଲାଙ୍କୁ ମୋହନାର ଆବାସିକ ବିଦ୍ୟାଳୟରେ ମୁଁ ପଢ଼ାଉଅଛି । ମୋର ଗୋଟିଏ ପୁଅକୁ ପ୍ରଥମ ଶ୍ରେଣୀରେ ପଢ଼ାଇବାକୁ ମୁଁ ୧ ୨ ୦ ୦/- ଟଙ୍କା ଦେଲି ଓ ଆଉ ଗୋଟିଏ ପୁଅକୁ ୭ମ ଶ୍ରେଣୀରେ ପଢ଼ାଇବା ପାଇଁ ଦୁଇହଜାର ଟଙ୍କା ତଥା ମୋର ଝିଅକୁ ନବମ ଶ୍ରେଣୀରେ ପଢ଼ାଇବାକୁ ୨,୫୦୦/- ଟଙ୍କା ଦାଖଲ କଲି ।

ପୂର୍ବରୁ ମୋର ଆର୍ଥିକ ଦୂରବସ୍ଥା ଯୋଗୁଁ ସ୍କୁଲରୁ ମୋର ଝିଅକୁ ଅଧିକାଂଶବେଳେ ଉଠାଇ ଆଣୁଥିଲି, ଏହିପରି ସେ ଦୁଇଥର ପଢ଼ା ବନ୍ଦକରି ଦେଇଥିଲା । କିନ୍ତୁ ଏବେ ଆଉ କିଛି ସମସ୍ୟା ରହିବ ନାହିଁ ।

ସର୍ବୋପରି ସେମାନଙ୍କ ପରିବାରର ଦୃଷ୍ଟିଭଙ୍ଗୀ ବଦଳିଯାଇଛି ବୋଲି ମହିଳାମାନେ ଖୁବ୍ ଆନନ୍ଦିତ । ରୋଜଗାରରେ ଲାଭ ହେବା ସହିତ ପାଉଁରୁଟି କାରଖାନା ଲୋକଙ୍କ ଦୃଷ୍ଟି କୋଣ ବଦଳାଇଥିବାରୁ ଲୋକେ ସେହି ମହିଳାମାନଙ୍କୁ ସମ୍ମାନିତ ଦୃଷ୍ଟିରେ ଦେଖୁଛନ୍ତି ଓ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପାଉଁରୁଟିର କ୍ରମୋନ୍ନତି କାମନା କରୁଛନ୍ତି ।

# ଆଦିବାସୀ ବଜାର


ଗୁଚକାଡୁ ମାଝି

କନ୍ଧମାଳ ଜିଲ୍ଲାର ବେଲଘର ବ୍ଲକ ଅନ୍ତର୍ଗତ 'କଡ଼ାପାନ' ନାମକ ଏକ ନିଘଞ୍ଚ ମଫସଲ ଗ୍ରାମରେ କୁଟିୟା ଜାତିର କନ୍ଧ ବାସ କରନ୍ତି । ଏହି ଗ୍ରାମର ମହିଳାଗଣ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପାଇଁ ସିଆଳି ପତ୍ର ଇତ୍ୟାଦି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାରେ ନିଜକୁ ନିୟୋଜିତ କରିଥାନ୍ତି । ଫେବୃଆରୀ ମାସରେ ପାହାଡ଼ି ଲମ୍ବାଘାସ ସଂଗ୍ରହ କରିଥାନ୍ତି ଏବଂ ବର୍ଷସାରା ସିଆଳି ପତ୍ର ସଂଗ୍ରହରେ ନିଜକୁ ନିୟୋଜିତ କରିଥାନ୍ତି । ସବୁଠାରୁ ଭଲ ସିଆଳି ପତ୍ର ମିଳିଥାଏ ପୋଡୁଚାଷ ପରେ ପରେ । ଗାଁ ଲୋକେ କୈରୀ, ସୋରିଷ, ଜୁଡ଼ାଙ୍ଗ ଏବଂ ଅଳସୀଫୁଲ ଚାଷ କରନ୍ତି । ଅଳସୀ ଫୁଲର ଗଛ ଅକ୍ଟୋବର ଏବଂ ନଭେମ୍ବର ମାସରେ ହୁଏ । ଜୁଡ଼ାଙ୍ଗ ବିନ୍ ନଭେମ୍ବର ମାସରେ ତଥା ସୋରିଷ ଜାନୁଆରୀ ମାସରେ ଫଳେ ।

ଗୁଚକାଡୁ ମାଝି କହନ୍ତି ଯେ "ଗାଁ ମହାଜନ ଏହି ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକ ଆମଠାରୁ କିଣନ୍ତି । ପ୍ରତ୍ୟେକ ଦ୍ରବ୍ୟକୁ ସେ ମାଣ ଓଜନରେ କିଣନ୍ତି (ଗୋଟିଏ ମାଣ ହେଉଛି ଚାରି କିଲୋଗ୍ରାମ) ପ୍ରତିଟି ମାଣର ମୂଲ୍ୟ ୧୦ ରୁ ୧୨ ଟଙ୍କା ହୋଇଥାଏ । କେବଳ ସିଆଳି ପତ୍ର ମାଣରେ ଓଜନ ହୁଏ ନାହିଁ । ଫୁଲବାଣୀ ଗ୍ରାମ ଉନ୍ନୟନ ଓ ବୈଷୟିକ ସଂସ୍ଥାନ (PRDATA) ଆମକୁ ଆଦିବାସୀ ବଜାର କମିଟି ବିଷୟରେ କହିଲା । ଆମେ ସମସ୍ତେ ଦ୍ରବ୍ୟ ସଂଗ୍ରହ କଲୁ ଏବଂ ଦରଦାମ କଷି ଦଲାଲମାନଙ୍କୁ ବିକ୍ରି କଲୁ ।"

ଓ.ଟି.ଇ.ଏଲ୍.ପି. ଏବଂ PRDATA ର ମିଳିତ ସହଯୋଗରେ ଗ୍ରାମର ମହିଳାଗଣ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀରେ ସଂଘବଦ୍ଧ ହେଲେ । ଗୋଟିଏ ଗୋଷ୍ଠୀର ନାମ ହେଉଛି "କର୍କାପଟାଙ୍ଗିସାରୁ" ଓ ଅନ୍ୟଟିର ନାମ ହେଉଛି – "ଲକ୍ଷ୍ମୀବାଈ" ଏସ୍.ଏଚ୍.ଜି. । ୨୦୦୭ ରେ ଲକ୍ଷ୍ମୀବାଈ ଗୋଷ୍ଠୀ ୩,୨୦୦ ଟଙ୍କା ରୋଜଗାର କରିଥିଲା ଏବଂ ୨୦୦୬ ରେ ୬,୨୦୦ ଟଙ୍କା ରୋଜଗାର କରିଥିଲା । ଏହି ରୋଜଗାର ଆଦିବାସୀ ବଜାର କମିଟି ମାଧ୍ୟମରେ ଅଳସୀଫୁଲ ବିକ୍ରି କରିବା ଫଳରେ ସମ୍ଭବ ହୋଇଥିଲା । ଏସ୍.ଏଚ୍.ଜି ର ଘୂର୍ଣ୍ଣାୟମାନ ପାଣ୍ଠି ଦ୍ୱାରା ଆମେ ଯେପରି ମିଶ୍ରିତ ବିପଣନ କରିଥିଲୁ, ସେଥିରୁ ବାହାରିଥିବା ଲାଭାଂଶ ଟଙ୍କାକୁ ଆମ ସଭ୍ୟମାନଙ୍କ ମଧ୍ୟରେ ସେହିପରି ବାଣ୍ଟି ନେଲୁ । ଏହା ଗୁଚକାଡୁ ନାମ୍ନୀ ସଭ୍ୟା ପ୍ରକାଶ କରିଥିଲେ ।


ଜୁଡ଼ଙ୍ଗ

ଗ୍ରାମସ୍ତରୀୟ ସବ୍ କମିଟିର ସଂପାଦିକା ସୁବଳା ମାଝିଙ୍କ ଭାଷାରେ "ଓ.ଟି.ଇ.ଏଲ୍.ପି.କାର୍ଯ୍ୟକ୍ରମ ଆମ ଗାଁରେ ଆରମ୍ଭ ହେବା ଦିନଠାରୁ ଆମର ଖାଦ୍ୟ ଖାଇବାର ଅଭ୍ୟାସରେ ପରିବର୍ତ୍ତନ ହୋଇଛି । ଜୁଡ଼ଙ୍ଗ, କୈରୀ ଓ ମାଣ୍ଡିଆ ସହ ଆମେ ପୂର୍ବରୁ ଭାତ ମଧ୍ୟ ଖାଉଥିଲୁ । ଦୈନନ୍ଦିନ ଖାଦ୍ୟ ସାଙ୍ଗରେ ଆମେ ପରିବାପତ୍ର ଖାଉନଥିଲୁ । ଏବେ କିନ୍ତୁ ମହିଳାଗଣ ସ୍ଥାନୀୟ ହାଟରୁ ପରିବା କିଣିବା ପାଇଁ ବୁଲୁଛନ୍ତି ।"


କିଶାଦାଡୁ ମାଝି

କର୍କାପଟାଙ୍ଗିସାରୁ ଏସ୍.ଏଚ୍.ଜି.ର ଜୟନ୍ତୀ ନାଏକ ଏବଂ କିଶାଦାଡୁ ମାଝି ଲାଭାଂଶରୁ କିଛି ସୁନା କିଣିଛନ୍ତି । କିଶାଦାଡୁ ମାଝି କୁହନ୍ତି ଯେ ମୋର ଝିଅର ବିଭାଘର ପାଇଁ ସୁନା କିଣାଯାଇଛି । PRDATA ଆସିବା ପୂର୍ବରୁ ଆମେ ସୁନା କିଣିବା ପାଇଁ ସାହୁକାରଠାରୁ ଋଣ ଆଣୁଥିଲୁ । ସୁଧହାର ଖୁବ୍ ବେଶୀ ହୋଇ ଯାଉଥିଲା ।

[୧] ଏକ ମାଣ = ୪କି.ଗ୍ରା.

# ସାଧାରଣ ବ୍ୟକ୍ତିରୁ ସରପଞ୍ଚ-ବଟକା ରତନୁ



ବଟକା ରତନୁ । ବୟସ ୨୯ବର୍ଷ । ସେ ସବୁବେଳେ ସାହାଯ୍ୟ ଚାହୁଁଥିବା ଲୋକମାନଙ୍କର ମଙ୍ଗଳ କରିବାକୁ ଲକ୍ଷ୍ୟ ରଖିଥାନ୍ତି । ନବମ ଶ୍ରେଣୀ ଯାଏଁ ପାଠ ପଢ଼ିଥିବାରୁ ଗାଁରେ ଅନ୍ୟମାନଙ୍କର ଚିଠି ଓ ଦରଖାସ୍ତ ଇତ୍ୟାଦି ଲେଖିଦେବା ତଥା ପେନ୍‌ସନ୍ ପାଇଁ ଦରଖାସ୍ତ ଲେଖିବା ଇତ୍ୟାଦି କାମରେ ସେ ସାହାଯ୍ୟ କରିଥାନ୍ତି । ସେ ତାଙ୍କର ନିଜର ଭବିଷ୍ୟତ ପାଇଁ ଏକ ମନଲାଖି ସୁଯୋଗର ସନ୍ଧାନ ନେଉଥାନ୍ତି । ତାଙ୍କ ନିଜ ଗାଁରେ ଓ.ଟି.ଇ.ଏଲ୍.ପି. ତା'ର ପ୍ରକଳ୍ପ ଆରମ୍ଭ କରିବାଦିନଠାରୁ ତାଙ୍କର ସ୍ୱପ୍ନ ସତ୍ୟରେ ପରିଣତ ହେଲା । ସେ ସହଭାଗୀ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସହଭାଗୀ ଗ୍ରାମ୍ୟ ଅବଧାରଣା (PRA); ସମସ୍ୟା ଓ ସୁଯୋଗ ବିଶ୍ଳେଷଣ କୌଶଳ ଓ ପଦ୍ଧତି ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବା ସଂଗେ ସଂଗେ ଓ.ଟି.ଇ.ଏଲ୍.ପି. ଏବଂ ରାଷ୍ଟ୍ରୀୟ ସେବା ସମିତିର ଟିମ୍‌କୁ ପର୍ଯ୍ୟବେକ୍ଷଣ କାର୍ଯ୍ୟରେ ସହଯୋଗ କଲେ । ଏହି କୌଶଳ ପଦ୍ଧତିଗୁଡ଼ିକ ସମୁଦାୟ ଜଳବିଭାଜିକା ଗୋଷ୍ଠୀକୁ ଖୁବ୍ ସାହାଯ୍ୟ କଲା ।

ଗଡ଼ହାଡ଼ ଅଣୁ ଜଳବିଭାଜିକା ରାମଜିପୁଟ ଏବଂ କଣାଗାଁ ଦୁଇଟି ଗାଁକୁ ନେଇ ଗଠିତ । ବଟକା ରାମଜୀପୁଟ୍‌ଗାଁର ଲୋକ ହୋଇଥିଲେ ମଧ୍ୟ ଉପରୋକ୍ତ ଦୁଇଟି ଗାଁର ଲୋକେ ତାଙ୍କୁ ଜଳବିଭାଜିକାର ଗ୍ରାମ ଉନ୍ନୟନ ସଂଘର ସଭାପତି ରୂପେ ବାଛିଲେ । ଏହା ପରେ ପରେ ସେ କଣାଗାଁ ପଞ୍ଚାୟତର ସରପଞ୍ଚ ରୂପେ ନିର୍ବାଚିତ ହେଲେ ।

ପଞ୍ଚାୟତ କାର୍ଯ୍ୟାଳୟରେ ସୁବୁଦ୍ଧି ଦାମା ନାମକ ଜଣେ ପିଅନ କହନ୍ତି ଯେ ରତନୁ ଜଣେ ଭଲପିଲା । ସେ ଅନ୍ୟମାନଙ୍କୁ ସବୁବେଳେ ସାହାଯ୍ୟ କରିଆସିଛନ୍ତି, ବିଶେଷତଃ ବାର୍ଦ୍ଧକ୍ୟ ଭତ୍ତା ପାଇବାରେ ଅନେକ ବୁଢ଼ାବୁଢ଼ୀମାନଙ୍କୁ ସାହାଯ୍ୟ କରିଛନ୍ତି, ଏପରିକି ଯେତେବେଳେ ସେ ସରପଞ୍ଚ ହୋଇନଥିଲେ, ସେତେବେଳେ ମଧ୍ୟ ସେ ପ୍ରକାର ସାହାଯ୍ୟ କରି ଆସିଛନ୍ତି । ଜଳବିଭାଜିକା ଗାଁଗୁଡ଼ିକ ପାଇଁ ସେ ଅନେକ ଭଲ କାମ କରିଛନ୍ତି । ଆମର ତାଙ୍କ ପ୍ରତି ଆସ୍ଥାଥିବାରୁ ୯୪୭ ଖଣ୍ଡ ଅଧିକ ଭୋଟରେ ଆମେ ତାଙ୍କୁ ଜିଣେଇ ଦେଇଛୁ ।

ଜଣେ ସରପଞ୍ଚ ଭାବରେ ରତନୁ କଡ଼ା ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି । ଏହି ପଞ୍ଚାୟତରେ ୭ଟି ଗାଁ ଅଛି, ଯେଉଁଥିରୁ ୩ଟି ଗାଁରେ ଓ.ଟି.ଇ.ଏଲ୍.ପି. କାମ କରୁଛି । ବେଳେବେଳେ ଏହି ୩ଟି ଗ୍ରାମ ସହିତ ଓ.ଟି.ଇ.ଏଲ୍.ପି. କାମ ନ କରୁଥିବା ଗାଁ ମାନଙ୍କର ଗଣ୍ଡଗୋଳ ହୁଏ । ଯେହେତୁ ଓ.ଟି.ଇ.ଏଲ୍.ପି. କାମକରୁଥିବା ଗାଁରେ ଲୋକେ ପନିପରିବା, ମଞ୍ଜି, ଚାରାଗଛ ଏବଂ ବିଭିନ୍ନ ଉନ୍ନତି ମୂଳକ କୃଷି କାମ ଦ୍ୱାରା ଲାଭବାନ ହୋଇଥାନ୍ତି, ଓ.ଟି.ଇ.ଏଲ୍.ପି. କାର୍ଯ୍ୟକ୍ରମରୁ ବଞ୍ଚିତ ଗାଁ ଗୁଡ଼ିକରେ ରତନୁ ଜଣେ ସରପଞ୍ଚ ଭାବରେ ଅନ୍ୟାନ୍ୟ ଉନ୍ନତିମୂଳକ ଯୋଜନା କାର୍ଯ୍ୟକାରୀ କରାନ୍ତି । ସହଭାଗୀତା ପଦ୍ଧତିରେ ସମୁଦାୟ ୧୧ଟି ୱାର୍ଡ଼ର ସମସ୍ତ ବୁଢ଼ାବୁଢ଼ୀମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ କରିବାକୁ ସେ ଏବେ ଚେଷ୍ଟା କରୁଛନ୍ତି । ଗ୍ରାମ ଉନ୍ନୟନ ପାଣ୍ଠିକୁ ଅର୍ଥ ସଂଗ୍ରହ ମାଧ୍ୟମରେ ବଢ଼ାଇବା ନିମିତ୍ତ ରତନୁଙ୍କର ଲକ୍ଷ୍ୟ ରହିଛି । ତଦ୍ୱାରା ଓ.ଟି.ଇ.ଏଲ୍.ପି. କାର୍ଯ୍ୟକ୍ରମର ଅବଧି ପରେ ମଧ୍ୟ ଗ୍ରାମବାସୀଗଣ ଉନ୍ନତିମୂଳକ କାମଗୁଡ଼ିକ ବଜାୟ ରଖିପାରିବେ ଏବଂ ଜଳବିଭାଜିକା ପ୍ରକଳ୍ପଗୁଡ଼ିକୁ ପରିଚାଳନା କରିପାରିବେ ।

ବଟକା ରତନୁ କହନ୍ତି ଓ.ଟି.ଇ.ଏଲ୍.ପି. ଏବଂ ରାଷ୍ଟ୍ରୀୟ ସେବାସମିତି ସହ ପରସ୍ପର ଭାବ ବିନିମୟ ତାଙ୍କ ଜୀବନକୁ ପରିବର୍ତ୍ତନ କରିଛି । ସେ ଏହାଦ୍ୱାରା ଅନେକ ନୂଆକୌଶଳ ଶିଖିଛନ୍ତି ଏବଂ ସାଂସାରିକ ଜ୍ଞାନ ମଧ୍ୟ ବଢ଼ାଇ ପାରିଛନ୍ତି । ସେ ବର୍ତ୍ତମାନ ସହଜରେ ହିସାବପତ୍ର ଏବଂ ରେକର୍ଡ଼ ରଖିପାରୁଛନ୍ତି, ମିଟିଂ ଚଳାଇପାରୁଛନ୍ତି ଏବଂ ସାମାଜିକ ସମୀକ୍ଷା ମଧ୍ୟ କରିପାରୁଛନ୍ତି, ତା ଛଡ଼ା ମହିଳା ସଶକ୍ତିକରଣ କିମ୍ବା କୃଷି ସମ୍ବନ୍ଧରେ ଅନେକ କଥା କହିପାରୁଛନ୍ତି । ଜଣେ ସରପଞ୍ଚ ଭାବରେ ସେ ଦୃଢ଼ତାର ସହ ନିଜ କର୍ତ୍ତବ୍ୟ ଚଳାଇ ପାରୁଛନ୍ତି ।

# ଉତ୍ତରଣ



ସରସ୍ୱତୀ

ସରସ୍ୱତୀ ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲା । କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକର ପାଦଲାମା ଅଣୁ-ଜଳବିଭାଜିକାରେ ଯେତେବେଳେ ଓ.ଟି.ଇ.ଏଲ୍.ପି. କାମ କରିବା ଆରମ୍ଭ କଲା, ସରସ୍ୱତୀ ସେ ବର୍ଷ ବିବାହିତା ହୋଇ ଏକ ବିରାଟ ଯୌଥ ପରିବାରର ଅଙ୍ଗ ପାଲଟି ଯାଇଥିଲା । ଯେହେତୁ ସେ ପାଠ ପଢ଼ିଥିଲା ଏବଂ ସମସ୍ତ ବିଷୟ ଠିକ୍ ବୁଝି ପାରୁଥିଲା, ରାଷ୍ଟ୍ରୀୟ ସେବା ସମିତି ଓ.ଟି.ଇ.ଏଲ୍.ପି. ସହାୟତାରେ ସରସ୍ୱତୀକୁ "ଗୋଷ୍ଠୀ ପ୍ରବର୍ତ୍ତକ" ରୂପେ ପ୍ରଶିକ୍ଷଣ ଦେଲେ । କ୍ରମଶଃ ଆଉ ଅଧିକ ପ୍ରଶିକ୍ଷଣ ନେଇ ସେ ନିଜେ ଜଣେ ପ୍ରଶିକ୍ଷଣ ଦାତ୍ରୀରେ ପରିଣତ ହେଲା ।

ସରସ୍ୱତୀ ଏସ୍.ଏଚ୍.ଜି.ମାନଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କଲା । ସେ କୃଷି ଏବଂ ସମ୍ବଳ ପରିଚାଳନା ଉପରେ ପ୍ରଶିକ୍ଷଣ ଦେବାକୁ ଲାଗିଲା । ମୃତ୍ତିକା ଓ ଜଳ ସଂରକ୍ଷଣ ପାଇଁ ସବୁଠାରୁ ଭଲ ସ୍ଥାନ ଚିହ୍ନଟ କରିବାରେ ତା'ର ଏକ ପ୍ରଜ୍ଞାଭିତ୍ତିକ ଶକ୍ତି ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରକଳ୍ପ ଏହାକୁ ଚିହ୍ନଟ କରି ସରସ୍ୱତୀକୁ ପୁନଃ ପ୍ରଶିକ୍ଷଣ ଦେଲା । ଆଜି ଓ.ଟି.ଇ.ଏଲ୍.ପି. ପ୍ରକଳ୍ପ ତା'ର କୌଶଳଗତ ପ୍ରତିଭାକୁ ସମ୍ମାନ ଦେଇ ଆସୁଛି । ଜଳାଶୟ, ବନ୍ଧ ଏବଂ କେନାଲ ଇତ୍ୟାଦି ଜଳବିଭାଜିକା ସମ୍ବନ୍ଧୀୟ ଭିତ୍ତିଭୂମି ଗଢ଼ିବାକୁ ହେଲେ ସର୍ବୋତ୍ତମ ସ୍ଥାନ ଚିହ୍ନଟ କରିବାକୁ ତାକୁ ଡ଼କାଯାଉଛି ।

ଓ.ଟି.ଇ.ଏଲ୍.ପି. ଏବଂ ରାଷ୍ଟ୍ରୀୟ ସେବା ସମିତି ସହିତ କାମ କରି ସରସ୍ୱତୀ ଖୁବ୍ ଅଭିଜ୍ଞତା ଓ ଆସ୍ଥା ଅର୍ଜନ କରିଥିଲା । ସେ ମଧ୍ୟ ସଭାସମିତିର ଆୟୋଜନ କରିପାରୁଥିଲା । ତା'ର ଭଲ କାମ ଗୋଷ୍ଠୀଦ୍ୱାରା ଆଦୃତ ହେଉଥିଲା । ଏତାଦୃଶ ଆଦର ତା'ର ଦୃଢ଼ତା ଓ ସାହସ ଯୋଗୁଁ ମିଳିଥିଲା, ଯାହାଫଳରେ ପରିବାର ତରଫରୁ ତାକୁ ସାହାଯ୍ୟ ସହଯୋଗ ନଥିଲେ ମଧ୍ୟ ସମଗ୍ର ଗୋଷ୍ଠୀ ମଧ୍ୟରେ ତା'ର ଆଦର ଓ ଜନମଙ୍ଗଳ ପ୍ରତି ତା'ର ଐକାନ୍ତିକ ପ୍ରବୃତ୍ତି ଓ ସଦିଚ୍ଛା ଯୋଗୁଁ ତା'ର ଜୀବନର ଗତି ଖୁବ୍ ସ୍ୱଚ୍ଛନ୍ଦ ହୋଇପାରିଥିଲା ।

ତା'ର ନିଜର କୃତିତ୍ୱ ଉପରେ କେବଳ ସନ୍ତୁଷ୍ଟ ନ ହୋଇ ସେ ନିଜକୁ ଆହ୍ୱାନର ସମ୍ମୁଖୀନ କରାଏ । ସେ ନୂତନ କୌଶଳ ଶିଖିବାକୁ ସର୍ବଦା ଆଗ୍ରହୀ । ଏବେ ସରସ୍ୱତୀ ତା' ନିଜ ଅଂଚଳରେ ଜଣେ 'ଆଶା' କର୍ମୀ ରୂପେ କାମ କରୁଛି । ସେ ଗାଁବାଲାଙ୍କୁ ସ୍ୱାସ୍ଥ୍ୟରକ୍ଷା ଓ ଶରୀରର ବିଜ୍ଞାନ ସମ୍ପର୍କରେ ଉପଦେଶ ଦେଇଥାଏ ଏବଂ ଗର୍ଭବତୀ ମହିଳାମାନଙ୍କୁ ଡ଼ାକ୍ତରଙ୍କ ପାଖରେ ପରୀକ୍ଷା କରିବାକୁ ଓ ପରାମର୍ଶ ନେବାକୁ କହିବା ସଂଗେ ସଂଗେ ଜନ୍ମ ପଞ୍ଜୀକରଣ କରାଇ ପ୍ରମାଣପତ୍ର ନେବାକୁ ମଧ୍ୟ ଉପଦେଶ ଦେଇଥାଏ । ସରସ୍ୱତୀ ଏବେ ୱାର୍ଡ଼ସଭ୍ୟ ହୋଇପାରିଛି । ଗାଁର ଅନ୍ୟ ମହିଳାଗଣ ତା'ର ଉତ୍ସର୍ଗୀକୃତ ମନୋଭାବ, ଆସ୍ଥା ଓ ବିଶ୍ୱାସ ଏବଂ ସଫଳ କାର୍ଯ୍ୟକଳାପରେ ଅନୁପ୍ରାଣିତ ହେଉଛନ୍ତି । ଯୁବତୀ ମହିଳାମାନେ ତା'ର ସମକକ୍ଷ ହେବାପାଇଁ ଲାଳାୟିତ ହୋଇଉଠନ୍ତି, ଯାହାଦ୍ୱାରା ସେମାନେ ସରସ୍ୱତୀ ପରି ସମାଜରେ ଏବଂ ନିଜ ପରିବାରରେ ଶ୍ରଦ୍ଧା ସମ୍ମାନ ପାଇପାରିବେ ।

# ଭିନ୍ନକ୍ଷମ ବ୍ୟକ୍ତି - ଏକ ଉଦାହରଣ



ଦିନା ନାୟକ ତା'ର ପିଲାଦିନୁ ଜଣେ ଶାରୀରିକ ବିକଳାଙ୍ଗ ବ୍ୟକ୍ତି । କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର କାନିଗୁମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୃଷ୍ଟିଗୁଡ଼ା ଗ୍ରାମରେ ତାଙ୍କ ଘର । ପାଞ୍ଚୋଟି ପୁଅ ଓ ଦୁଇଟି ଝିଅଙ୍କୁ ନେଇ ତାଙ୍କର ଏକ ବିରାଟ ପରିବାର । ତାଙ୍କ ବାପା ଜଣେ ଗାଇଜଗୁଆଳ ଭାବରେ କାମ କରୁଥିବାରୁ ତାଙ୍କ ପରିବାର ତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲା । ତାଙ୍କ ବାପା ବୁଢ଼ା ହୋଇଯିବାରୁ ସେ ଆଉ କାମଦାମ କରିପାରିଲେ ନାହିଁ, ତେଣୁ ତାଙ୍କ ପରିବାର ରୋଜଗାରର ମୁଖ୍ୟ ସ୍ରୋତ ହରାଇଲେ ।

ସେହି ପରିବାରର ଦେଢ଼ଏକର ଜମିରୁ ଦୁଇ କ୍ୱିଣ୍ଟାଲ ଧାନ ଅମଳ ହେଉଥିଲା । ଗୋଟିଏ ଅମଳ ସମୟରୁ ଆଉ ଗୋଟିଏ ଅମଳ ସମୟକୁ ଧାନ ପାଉନଥିଲା । ତାଙ୍କ ସ୍ତ୍ରୀ ଦିନମଜୁରୀଆ ଭାବରେ ପାଖ ଆଖ ଗ୍ରାମରେ କାମ କରୁଥିଲେ କିନ୍ତୁ ଏତେବଡ଼ ପରିବାର ପାଇଁ ତାଙ୍କ ରୋଜଗାର ଯଥେଷ୍ଟ ହେଉନଥିଲା । ବେଳେବେଳେ ସେମାନେ ଉପବାସ ରହୁଥିଲେ । ଦିନା ନାୟକ ଦୁଆର ଦୁଆର ବୁଲି ଋଣ କରିବାକୁ ବାଧ ହେଲେ । କିନ୍ତୁ ବନ୍ଧକ ଅଭାବରୁ ଏବଂ ସୁଧର ଦର ଅଧିକ ଥିବାରୁ ଋଣ ପାଇବାକୁ ଅକ୍ଷମ ହେଲେ ।

ଯେତେବେଳେ ଓ.ଟି.ଇ.ଏଲ୍.ପି. ସେ ଗ୍ରାମରେ ତା'ର କାର୍ଯ୍ୟକ୍ରମ ଆରମ୍ଭ କଲା ଦିନା ନାୟକ "ଗ୍ରାମ ବିକାଶ" ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ଯୋଗାଯୋଗ କଲା । ୨୦୦୮ ମସିହା ଫେବୃୟାରୀ ୨୩ ତାରିଖ ଦିନ ଗ୍ରାମ ଉନ୍ନୟନ ସଂଗଠନ (VDA) ତାକୁ ୫୦୦୦ ଟଙ୍କା ଦେବ ବୋଲି ତା'ର ନାମ ବାଛିଲା । ସେହି ଟଙ୍କାରେ ଦିନା କେତୋଟି ଛେଳି କିଣିଲା । ୮ ମାସ ମଧ୍ୟରେ ୩୫୦୦ ଟଙ୍କା ଲାଭ କଲା । ଏହା ସହିତ ପ୍ରକଳ୍ପର ଜମି ଉନ୍ନୟନ କାର୍ଯ୍ୟରେ ତା'ର ସ୍ତ୍ରୀ ୧୫/୧୬ ଦିନ ମୁଲ ଲାଗିଲା । ସେଥିରେ ତାକୁ ମଜୁରୀ ସହ ଖାଦ୍ୟ ବାବଦକୁ ଶସ୍ୟ ଦିଆଗଲା ।

ଦିନାର ଜମିକୁ ସମତଳ କରିବା ପାଇଁ ଓ.ଟି.ଇ.ଏଲ୍.ପି. ସାହାଯ୍ୟ କଲା ଏବଂ ବର୍ଷାଦିନେ ତା ଜମିରୁ ମୃତ୍ତିକା କ୍ଷୟ ରୋକିବା ପାଇଁ ଆଡ଼ିବନ୍ଧ କରାଇଲା । ଏହିପରି ତା'ର ଜମି ଅଧିକ ଉର୍ବର ଏବଂ ଉତ୍ପାଦନକ୍ଷମ ହେଲା । ଦେଢ଼ ଏକର ଜମିରୁ ସେ ବର୍ଷ ସେ ଚାରି କ୍ୱିଣ୍ଟାଲ ଧାନ ପାଇଲା । ଏହି ପରମାଣର ଧାନ ବେଶିକିଛି ନଥିଲା । ବରଂ ସେ ଆଶାକଲା ଯେ ଉନ୍ନତ ଚାଷ ଦ୍ୱାରା ସେ ତା'ର ଉତ୍ପାଦନ ଆସନ୍ତା ବର୍ଷକୁ ଆହୁରି ବଢ଼ାଇ ପାରିବ ।

ତେଣୁ ସେ ଏକ ଅନୁକୂଳ ବ୍ୟବସାୟର ସନ୍ଧାନ କଲା । କମ୍ ଶାରୀରିକ ପରିଶ୍ରମରେ ଲାଭଜନକ ବ୍ୟବସାୟ କରିବା ପାଇଁ ସେହି ବର୍ଷ



ଓ.ଟି.ଇ.ଏଲ୍.ପି. ଏବଂ ଗ୍ରାମ ବିକାଶ ତାକୁ ସୁଯୋଗ ଦେଲେ ଏବଂ ତା'ର ମନରେ ନୂତନ ଆଶା ଓ ଆସ୍ଥା ଜଗାଇଲେ । ଏହାପରେ ସେ ତା'ର ନିଜ ଗ୍ରାମରେ ଗୋଟିଏ ଡ଼ାଲିଚାଉଳ ଦୋକାନ ଖୋଲିବ ବୋଲି ଯୋଜନା କରୁଅଛି । ପୁନଶ୍ଚ ସେ ତା'ର ପିଲାମାନଙ୍କୁ ଶିକ୍ଷିତ କରାଇବାକୁ ଚାହୁଁଛି ଯାହା ଫଳରେ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବ ।

# ଉଦ୍ୟମ ବଳେ ସର୍ବସିଦ୍ଧି



ଶ୍ରୀ ପ୍ରଣାଳୀରେ ଧାନଚାଷ

"ଶ୍ରୀ" ପ୍ରଣାଳୀରେ ଚାଷ କରି ଗୁଣୁପୁର ଏବଂ ପାଡୁଆ ଗ୍ରାମର ଚାଷୀମାନେ ବେଶି ଲାଭବାନ ହେଲେ । ଏହାକୁ ଦେଖି ମେଲା ମେନିକା ସେହିପରି ଫଳ ଆଶାକରି ନିଜେ ମଧ୍ୟ ଶ୍ରୀ ପ୍ରଣାଳୀରେ ଧାନଚାଷ କରିବାକୁ ଆଗ୍ରହୀ ହେଲେ । କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ମିନାପାଇ ଗ୍ରାମରେ ଚାଷୀମାନଙ୍କୁ ଯେତେବେଳେ ଓ.ଟି.ଇ.ଏଲ୍.ପି. ଏବଂ CYSD ପ୍ରଥମେ "ଶ୍ରୀ" ପ୍ରଣାଳୀର ଧାନ ଚାଷକୁ ପରିଚିତ କରାଇଲେ, ଲୋକମାନେ ତାକୁ ଅନ୍ଧବିଶ୍ୱାସ ବୋଲି ଭାବିଲେ । ଏଥିରୁ ଯେତେ ପରିମାଣର ଧାନ ଉତ୍ପାଦନ ହେବ, ତାକୁ ଅସତ୍ୟ ବୋଲି ଲୋକେ ଭାବିଲେ ଏବଂ ଏତେ କମ୍ ପରିମାଣର ତଳିରେ ତାହା ଅସମ୍ଭବ ବୋଲି ପ୍ରଚାର କଲେ ।

ଗୁଣୁପୁରୁ ଏବଂ ପାଡୁଆ ଅଞ୍ଚଳରେ ଚାଲିଥିବା କାର୍ଯ୍ୟକ୍ରମକୁ ଦେଖି ଓ.ଟି.ଇ.ଏଲ୍.ପି. ର ନିମନ୍ତ୍ରଣ ଓ ସହଯୋଗକୁ ଗ୍ରହଣ କରିବାରେ ମେଲା କୌଣସି ଭୁଲ କରିନାହିଁ ବୋଲି ଅନୁଭବ କଲା । ସେ ପ୍ରଥମେ ଆଶ୍ଚର୍ଯ୍ୟ ହେଉଥିଲା ଓ ସାଢ଼େ ୪ କ୍ୱିଣ୍ଟାଲ ଧାନ ଫଳିବ ବୋଲି ବିଶ୍ୱାସ ମଧ୍ୟ କରୁନଥିଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ସେ ମନରେ ଅନେକ ଆଶାନେଇ ମାତ୍ର ୨୦୦ ଗ୍ରାମ୍ ବିହନ ପ୍ରୟୋଗ କରି ଉକ୍ତ ପ୍ରଣାଳୀରେ ଚାଷ ଆରମ୍ଭ କଲା । ନିଜ ଜମିର ଉତ୍ପାଦନକୁ ଦେଖି ତା'ର ପୂର୍ବ ସନ୍ଦେହ ଦୂରୀଭୂତ ହେଲା । ସେ କହିଲା ଯେ ପ୍ରାଚୀନ ପଦ୍ଧତିରେ ମୋର ପାଞ୍ଚ ଏକର ଜମିରୁ ଦୁଇ ଏକର ଜମିରେ ଧାନ ଫସଲ କରୁଥିଲି । ସ୍ଥାନୀୟ କିଷମର ବିହନରୁ ୬୫ କିଲୋ ବିହନ ଦୁଇ ଏକର ଜମିରେ ବୁଣୁଥିଲି । ତା'ପରେ ପୋକମରା ଔଷଧ ଏବଂ ସାର ବାବଦକୁ ଗୋଟିଏ ଫସଲ ଅମଳ କରିବାକୁ ୩୦୦ଟଙ୍କା ଖର୍ଚ୍ଚ ହେଉଥିଲା । ଏତେଗୁଡ଼ିଏ ଖର୍ଚ୍ଚ କରିବା ମୋ ପକ୍ଷରେ କଷ୍ଟକର ହେଉଥିଲା । କିନ୍ତୁ ଓ.ଟି.ଇ.ଏଲ୍.ପି.ର ଏବଂ CYSD ର ସାହାଯ୍ୟ ପାଇ ମୁଁ ଗୁଣୁପୁର ଏବଂ ପାଡୁଆ ଗ୍ରାମ ବୁଲିବାକୁ ଯାଇ "ଶ୍ରୀ" ପ୍ରଣାଳୀର ଧାନ ଚାଷ ଦେଖିଲି । ମୁଁ ସୁନିଶ୍ଚିତ ହେଲି ଯେ ଏହି ପ୍ରଣଳୀ ମୋ ଜମିରେ ଭଲ କାମ କରିବ । ତେଣୁ ମୁଁ ନିଜ ଇଚ୍ଛାରେ ମୋ ଗ୍ରାମରେ ପ୍ରଥମଥର ପାଇଁ ଅଳ୍ପ ଜମିରେ ଏହି ଚାଷ ଆରମ୍ଭ କଲି ।

ପରବର୍ତ୍ତୀ ବର୍ଷ ସେ ତା'ର ସମୁଦାୟ ୨ଏକର ଏହି "ଶ୍ରୀ" ପ୍ରଣାଳୀରେ ଚାଷ କଲା । ସେ କହିଲା "ମୁଁ ଏବେ ଖୁବ୍ ଖୁସି ଯେ ମତେ ଦେଖି ପ୍ରାୟ ୨୫ ଜଣ ଚାଷୀ ଏହି "ଶ୍ରୀ" ପ୍ରଣାଳୀରେ ଚାଷ କରିବାକୁ ଆରମ୍ଭ କଲେ । ଏବେ ମୋର ତୃତୀୟ ଫସଲ ଅମଳ ହେଲାବେଳକୁ ସେମାନେ ପ୍ରଥମ ଫସଲର ଅମଳକୁ ଅପେକ୍ଷା କରିଛନ୍ତି ।

ମେଲାର ସଫଳତା ଦ୍ୱାରା ଅନୁପ୍ରାଣିତ ହୋଇ ଆଉଜଣେ ଚାଷୀ ସଞ୍ଜିବ୍ ମେନିକା କହିଲା "ଶ୍ରୀ" ପ୍ରଣାଳୀର ଚାଷ ଦ୍ୱାରା ଆମର ଆଶାତୀତ ଫଳ ମିଳୁଛି । ଆଗରୁ ଆମେ ଯେଉଁ ଫସଲ କରୁଥିଲୁ, ଆମର ମାତ୍ର ୬/୮ ମାସର ଖୋରାକିରେ ତାହା ସରିଯାଉଥିଲା । କିନ୍ତୁ ଏବେ ଖାଦ୍ୟର ଆଦୌ ଅଭାବ ନାହିଁ । ଏହି "ଶ୍ରୀ" ପ୍ରଣାଳୀର ଖର୍ଚ୍ଚ ଏକର ପିଛା ଅଢ଼େଇ ହଜାର ଟଙ୍କାରୁ ୩ହଜାର ଟଙ୍କା ପର୍ଯ୍ୟନ୍ତ ହୁଏ କିନ୍ତୁ ଲାଭ ପାରମ୍ପରିକ ପଦ୍ଧତି ତୁଳନାରେ ବହୁଗୁଣ ହୁଏ । ଆମର ଯେଉଁ ଅଧିକା ରୋଜଗାର ହେଲା ସେଥିରେ ଆମ ପରିବାର ଭଲରେ ଚଳିଲା; ଏବେ ଆମେ ଆମର ପରବ ପାଳନ କରୁଛୁ । ପରବରେ ଖର୍ଚ୍ଚ କରିବା ପାଇଁ କୌଣସି ବାଧା ନାହିଁ ଏବଂ ଆମେ ଆଶାକରୁଛୁ ଆମ ଝିଅମାନଙ୍କୁ ଉତ୍କୃଷ୍ଟ ଅଳଙ୍କାର ଦେଇ ଆମେ ବାହା ଦେଇ ପାରିବୁ ।



ମେଲା ମେନିକା

ସେହି ଗ୍ରାମରେ ଅଧିକାଂଶ ଚାଷୀଙ୍କର ଏକରରୁ ପାଞ୍ଚଏକର ଜମିରେ ଧାନ, ପିଆଜ, ରସୁଣ ଏବଂ ମାଣ୍ଡିଆ ଚାଷ ହୁଏ । ମେଲା ଏବଂ ସଞ୍ଜିବ କୁହନ୍ତି ଯେ ଆମର ଫସଲ ଉତ୍ପାଦନ ଏତେ ପରିମାଣରେ ହେବ ବୋଲି ଆମେ କେବେ ବିଶ୍ୱାସ କରିନଥିଲୁ । ପାରମ୍ପରିକ ପଦ୍ଧତିରେ ଧାନ ଚାଷକଲେ ଯେଉଁମାନଙ୍କର ୩ ଏକର ବା ତାଠୁ ଅଧିକ ଜମି ଅଛି, ସେହିମାନେ ତାଙ୍କ ଅମଳର କିଛି ଅଂଶ ବିକ୍ରି କରୁଥିଲେ କିନ୍ତୁ ଅନ୍ୟମାନେ ବର୍ଷକ ଖାଇବା ପାଇଁ ସେହିତକ ଧାନରେ ଚଳୁଥିଲେ । ଏଣୁ ମୁଲିଆ ଭାବରେ ବର୍ଷର କିଛି ମାସ ଲାଗୁଥିଲେ । ଆମ୍ଭେମାନେ ପ୍ରତିଦିନ ଦୋକାନରୁ ଚାଉଳ କିଣୁଥିଲୁ ।

ସେହି ଚାଷୀମାନେ ଅନୁଭବ କରନ୍ତି ଯେ "ଶ୍ରୀ" ପ୍ରଣାଳୀରେ ଧାନ ଚାଷରେ ଖୁବ୍ କମ୍ ବିହନ ଲାଗେ କିନ୍ତୁ ପ୍ରଚୁର ଫଳେ । ଧାଡ଼ି ଧାଡ଼ି ଚାରା ଗଛକୁ ୧୦ ଇଞ୍ଚ ବ୍ୟବଧାନରେ ଲଗାଇବାକୁ ହୁଏ କିନ୍ତୁ ଆଗରୁ ଚାଷୀମାନେ ୪ ଇଞ୍ଚ୍ ବ୍ୟବଧାନରେ ଲଗାଉଥିଲେ । ଓ.ଟି.ଇ.ଏଲ୍.ପି. ସଂସ୍ଥାର ମୃତ୍ତିକା ସଂରକ୍ଷଣ କାର୍ଯ୍ୟକଳାପ ଯୋଗୁଁ ଜଳସେଚନ ସୁବିଧା ବୃଦ୍ଧି ପାଇଛି ।

କେବଳ ଜୈବିକ ସାର ଏବଂ ନିମ ଓ କରଞ୍ଜ ତେଲର ପୋକମରା ଔଷଧ ଏହି ଚାଷରେ ପ୍ରୟୋଗ କରାଯାଏ । ତେଣୁ ପୋକମରା ଔଷଧ ଆଦିର ଖର୍ଚ୍ଚ କମିଯାଇଛି ଏବଂ ଫସଲ ଅମଳ ଦୁଇଗୁଣିତ ହୋଇଛି ।

[1] କୋରାପୁଟର ଆଦିବାସୀମାନଙ୍କର ଏକ ବାର୍ଷିକ ଉତ୍ସବ

# ଲକ୍ଷ୍ମୀର ନେତୃତ୍ୱ

ଗଜପତି ଜିଲ୍ଲା ଅନ୍ତର୍ଗତ ରାୟଗଡ଼ା ବ୍ଲକ୍‌ରେ ଥିବା ସନାତୁଣ୍ଡି ପଞ୍ଚାୟତର ପଦସାହି ଗୋଟିଏ ଗ୍ରାମ । ଯେଉଁଠାରେ ମୋଟ ୧୬ଟି ପରିବାର ବାସ କରନ୍ତି । ଓ.ଟି.ଇ.ଏଲ୍.ପି. ଦ୍ୱାରା ସାହାଯ୍ୟ ପ୍ରାପ୍ତ "ବଡ଼ପଥର ଜଳବିଭାଜିକା" ମଧ୍ୟରେ ଏହି ପଦସାହି ପଡ଼ାଟି ଅନ୍ତର୍ଭୁକ୍ତ । ପରିବାରର ପାଞ୍ଚଟି ଲୋକଙ୍କୁ ନେଇ ୪୮ବର୍ଷ ବୟସ୍କା ଲକ୍ଷ୍ମୀ ଭୂୟାଁ ସେହି ଗାଁରେ ବାସ କରେ । ଦିନ ମଜୁରିଆ ଭାବରେ ସେ କାମ କରି ଆସୁଥିଲା । ସେ ଦୈନିକ ୩୦ଟଙ୍କା ଲେଖାଏଁ ଓ ତା'ର ସ୍ୱାମୀ ଦୈନିକ ୫୦ଟଙ୍କା ହାରରେ ମଜୁରୀ ପାଉଥିଲେ । ଲକ୍ଷ୍ମୀ ଭୂୟାଁର ପଲ୍ଲୀସଭା ସମ୍ପର୍କରେ କିଛି ଜ୍ଞାନ ନ ଥିଲା ।

ବର୍ଷ ତମାମ ପରିବାରକୁ ଖୋରାକି ଯୋଗାଇବା ପାଇଁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଖୁବ୍ ଲଢ଼େଇ କରିବାକୁ ପଡୁଥିଲା । ଏଣୁ ତା'ର ପରିବାରକୁ ସାହୁକାରଠାରୁ ଋଣ କରିବାକୁ ପଡୁଥିଲା ।

ଲକ୍ଷ୍ମୀ ଭୂୟାଁ ୨୦୦୪ ମସିହାରେ ଏହି ପଦସାହି ଗାଁରୁ ୱାର୍ଡ଼ ସଭ୍ୟା ଭାବରେ ପଞ୍ଚାୟତକୁ ନିର୍ବାଚିତ ହେଲା । ଏହି ସମୟରେ ସେ ପଲ୍ଲୀସଭା ସମ୍ପର୍କରେ ମୌଳିକ ଜ୍ଞାନ ଅର୍ଜନ କଲା ।

୨୦୦୬ ମସିହାରେ ଓ.ଟି.ଇ.ଏଲ୍.ପି. ରାୟଗଡ଼ା ବ୍ଲକରେ ତା'ର ସୁଗମକାରୀ ସଂସ୍ଥା SWWS ସହ ମିଳିତ ହୋଇ କାର୍ଯ୍ୟକ୍ରମ ଆରମ୍ଭ କଲା । ଗୋଟିଏ ଆଇନ ସହାୟତା ଶିବିର ସେହି ଗାଁରେ ଆୟୋଜିତ ହେବାରୁ ଲକ୍ଷ୍ମୀ ସେଠାରେ ଯୋଗଦେଲା । ଗଜପତି ଜିଲ୍ଲାପାଳ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ସେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ତଥା ମେଡ଼ିକାଲ ସୁବିଧା ସୁଯୋଗ, ମାଗଣା ଶିକ୍ଷାଦାନ ଏବଂ ଜମିଜମା ରେକର୍ଡ଼ ସମ୍ବନ୍ଧୀୟ ସୂଚନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ ।

ଏ ସବୁ ସୁବିଧା ଏଠାରେ ମିଳିବା ସହଜ ନୁହେଁ ବୋଲି ଲକ୍ଷ୍ମୀ ଭୂୟାଁ ଜିଲ୍ଲାପାଳଙ୍କୁ ସୂଚେଇ ଥିଲା, ବିଶେଷତଃ ଜମି ଜମା ରେକର୍ଡ଼ ପତ୍ର ମିଳିବା ସମ୍ଭବ ନୁହେଁ ବୋଲି ସେ ପ୍ରକାଶ କଲା । ଜିଲ୍ଲାପାଳ ଏହି ସମସ୍ତ କାର୍ଯ୍ୟ ସେହି ଗ୍ରାମଟିରେ ହେବ ବୋଲି ପ୍ରତିଶ୍ରୁତି ଦେଲେ ଏବଂ ପ୍ରକୃତରେ ମାସକ ମଧ୍ୟରେ ସମସ୍ତ ଗ୍ରାମବାସୀ ଜମିଜମାର ରେକର୍ଡ଼ ପାଇଗଲେ । ଏହାହିଁ ଥିଲା ଲକ୍ଷ୍ମୀ ପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା । ସେ ତା'ର ନିଜର କ୍ରିୟାକଳାପ ଉପରେ ଆସ୍ଥାବାନ ହୋଇ ଉଠିଲା ।

ଲକ୍ଷ୍ମୀ ଭୂୟାଁ ଏହାପରେ ଗାଁର ସମସ୍ତ ମହିଳାମାନଙ୍କୁ ପଲ୍ଲୀପଭାରେ ଯୋଗଦେଇ ସେମାନଙ୍କ ଅଧିକାର ଓ ଯୋଗ୍ୟତା ସମ୍ପର୍କରେ ଅଧିକ ଜାଣିବା ପାଇଁ ଉଦ୍‌ବୁଦ୍ଧ କଲା । SWWS ସହାୟତାରେ ୨୦୦୬ ମସିହାରେ "ଉଦ୍ୟମ" ନାମକ ଏକ ବ୍ଲକସ୍ତରୀୟ "ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ" ଗଠିତ ହେଲା । ଲକ୍ଷ୍ମୀ ଭୂୟାଁ ଅପ୍ରତିଦ୍ୱନ୍ଦୀ ଭାବରେ ଏହି ମହାସଂଘର ସଭାନେତ୍ରୀ ରୂପେ ନିର୍ବାଚିତା ହେଲା । ସେ ତା'ର ଦୃଢ଼ ଯୋଗାଯୋଗ କୌଶଳ ଓ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ ଯୋଗୁଁ ସେ ନିର୍ବାଚିତା ହୋଇପାରି ଥିଲା । ବିଶେଷତଃ ସେ ଲୋକମାନଙ୍କର ଆପତ୍ତି ଅଭିଯୋଗକୁ ଶୁଣୁଥିଲା ଓ ସଂଗେ ସଂଗେ ସହଯୋଗ କରୁଥିଲା ।



ଲକ୍ଷ୍ମୀ ଭୂୟାଁ

ଓ.ଟି.ଇ.ଏଲ୍.ପି. ଅଧୀନରେ ଗାଁ ଲୋକେ ଗାଁ ରାସ୍ତା ନିର୍ମାଣ, କୂଅ ଓ ବନ୍ଧ ଇତ୍ୟାଦି ନିର୍ମାଣ ରୂପକ ଭିତ୍ତିଭୂମି ପ୍ରସ୍ତୁତି କାର୍ଯ୍ୟରେ ନିୟମିତ ଭାବରେ କାମ ପାଇବାକୁ ଆରମ୍ଭ କଲେ । ସେମାନେ ଦୈନିକ ୭୦ଟଙ୍କା ଲେଖାଏଁ ମଜୁରୀ ପାଇଲେ । ଗାଁ ବାଲାଏ ଗୋଟିଏ ନର୍ସରୀ (ଚାରା ରୋପଣ କେନ୍ଦ୍ର) ପ୍ରତିଷ୍ଠା କରି କାଜୁଗଛ ଲଗାଇଲେ । ଓ.ଟି.ଇ.ଏଲ୍.ପି. ମଧ୍ୟ ଆମ୍ବଚାରା, ଧାନ ଏବଂ ଅଳସୀ ଫୁଲର ବିହନ ଯୋଗାଇଦେଲା । ଲୋକେ ଏବେ ସର୍ବସାଧାରଣ ଜମିରେ କାଜୁ ଫସଲ କରି ତାର ମଞ୍ଜି କରି ବର୍ଷକୁ ପାଞ୍ଚ ହଜାର ଟଙ୍କା ଲାଭ ପାଉଛନ୍ତି ।

ଏହି ଗାଁରୁ କାନ୍ତ ରାଣୀ ନାଏକ ନାମ୍ନୀ ଜଣେ ମହିଳା କୁହନ୍ତି "ଥରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ନଷ୍ଟ ହୋଇଗଲା ଏବଂ ସେ ଗାଁର କେତେମାସ କାଳ ବିଜୁଳି ଶକ୍ତିର ବ୍ୟବହାର ହୋଇପାରିଲା ନାହିଁ । ଲକ୍ଷ୍ମୀ ଭୂୟାଁ ନିର୍ବାହୀ ଯନ୍ତ୍ରୀଙ୍କ ପାଖକୁ ଯାଇ ଏକ ଅଭିଯୋଗ ଫର୍ଦ୍ଦ ଦାଖଲ କଲା ଓ ଏହାପରେ ଟ୍ରାନ୍ସଫର୍ମରଟି ମରାମତି ହୋଇ ଯାଇଥିଲା । ଏପରିକି ଏହି ଗାଁର ପୁରୁଷ ଲୋକେ ମଧ୍ୟ ଲକ୍ଷ୍ମୀର ନେତୃତ୍ୱକୁ ସମ୍ମାନ ଦିଅନ୍ତି ।"

ଲକ୍ଷ୍ମୀ ତା'ର ଅନ୍ୟାନ୍ୟ ସଫଳତା ବିଷୟରେ କହିଥିଲା ଯେ ଗାଁରେ ଏକ ପାଚେରୀ ନିର୍ମାଣ ପାଇଁ ସେ ଦୁଇ ଲକ୍ଷ ଟଙ୍କା ଅନୁଦାନ ଆଣିପାରିଛି ଏବଂ ତା ଗାଁର ୧୬ଟି ପରିବାର ବିଶିଷ୍ଟ ଗ୍ରାମବାସୀଙ୍କ ପାଇଁ ୧୨ ଏକର ଜମି ଚାଷ କରିବାର ଅନୁମତି ନେଇ ଆସିପାରିଛି ।

# ବେଳହୁଁ ସାବଧାନ

ଓ.ଟି.ଇ.ଏଲ୍.ପି. ଜରିଆରେ ଜଣେ ଯୁବକର କିପରି ଉନ୍ନତି ହୋଇଛି, ଗଜପତି ଜିଲ୍ଲା ଅନ୍ତର୍ଗତ ଗୁମ୍ମା ବ୍ଲକର ପିସୋନ୍ ଜଳବିଭାଜିକା ତା'ର ସାକ୍ଷୀ ରହିଛି । ଶଶୀ ଗମାଙ୍ଗୋ ଜଣେ ଗୋଷ୍ଠୀ ସ୍ତରୀୟ କାର୍ଯ୍ୟକାରୀ (CLW) ରୁ ଉପରକୁ ଉଠି ଜଳବିଭାଜିକାର ପଶୁପାଳନର ଦାୟିତ୍ୱ ନେଇ ଜଳବିଭାଜିକା ଉନ୍ନୟନ ଦଳର ଜଣେ ସଭ୍ୟ ହୋଇପାରିଛନ୍ତି । ୨୦୦୬ ମସିହାରେ ଶଶୀ ପଶୁ ଚିକିତ୍ସା, ପଶୁ ସ୍ୱାସ୍ଥ୍ୟ ଓ ରୋଗ ନିବାରଣ, ରୋଗ ଚିହ୍ନଟ ଓ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ସି.ସି.ଡ଼ି. ଓ ଓ.ଟି.ଇ.ଏଲ୍.ପି. ସହାୟତାରେ ପ୍ରଶିକ୍ଷଣ ଗ୍ରହଣ କଲା । ପଶୁ ଚିକିତ୍ସା ସହାୟକମାନଙ୍କ ପାଇଁ ଏକ ଟ୍ରେନିଂ ତହଜୁଙ୍ଗା ଗାଁରେ ତିନିଦିନ ପାଇଁ ପରିଚାଳିତ ହୋଇଥିଲା । ଶଶୀକୁ ମିଶାଇ ମୋଟ ଦଶଜଣ 'ପ୍ରାଣୀଧନ ନିରୀକ୍ଷକ' ହେବାପାଇଁ ଏହି ପ୍ରଶିକ୍ଷଣରେ ଯୋଗ ଦେଇଥିଲେ । ଶଶୀ କହନ୍ତି, "ପୂର୍ବେ ଲୋକେ ପଶୁମାନଙ୍କୁ ପାରମ୍ପାରିକ ପ୍ରଣାଳୀରେ ଚିକିତ୍ସା କରୁଥିଲେ । ଉଦାହରଣ ସ୍ୱରୂପ ଗାଈଗୋରୁଙ୍କର ହେମୋରାଜିକ୍ ସେପ୍ଟିସେମିଆ (HS) ବା ସାହାଣ ପଡ଼ିଲେ ଆୟୁର୍ବେଦୀୟ ଗଛର ରସ ଦିଆଯାଉଥିଲା । କେତେକ ଗାଈଗୋରୁ ବଞ୍ଚୁଥିଲେ ଓ ଆଉ କେତେକ ମରି ଯାଉଥିଲେ । କିନ୍ତୁ ପ୍ରଶିକ୍ଷଣ



ସାଇମନ ଶବର

ନେବାପରେ ଆମେ ଜାଣିପାରିଲୁ ଯେ ଏହି ରୋଗ ଏକ ଜୀବାଣୁଗତ ସଂକ୍ରମଣ ଏବଂ ଟୀକା ଦାନ ଦ୍ୱାରା ନିବାରଣ କରାଯାଇ ପାରିବ । ଏଣୁ ଏବେ ଆମେ ରୋଗ ମାଡ଼ିବା ପୂର୍ବରୁ ଗାଈଗୋରୁଙ୍କୁ ଟୀକା ପ୍ରଦାନ କରୁଅଛୁ । ଫଳରେ ଆମ ଜଳବିଭାଜିକା ଅଞ୍ଚଳରେ HS ବା ସାହାଣ ରୋଗ କମିଯାଇଛି । ଟୀକା ଔଷଧ ଓ ଯନ୍ତ୍ରପାତିକୁ ରଖିବା ପାଇଁ ଏକ ଅତ୍ୟାଧୁନିକ କିଟ୍‌ବାକ୍ସ ଆମ୍ଭମାନଙ୍କୁ ଦିଆଯାଇଛି । ଆମ ଅଞ୍ଚଳରେ ସାଧାରଣତଃ ହେମୋରାଜିକ ସେପ୍ଟିସେମିଆ (ସାହାଣ), ପାଦ ଏବଂ ମୁହଁ ରୋଗ (ଫାଟୁଆ) ତଥା ଜ୍ୱର ଗାଈ ଗୋରୁଙ୍କୁ ହୋଇଥାଏ ।"



ଶଶୀ ଗମାଙ୍ଗୋ

ଦେବଗିରି ଅଣୁ-ଜଳବିଭାଜିକାର ସମ୍ପାଦକ ସାଇମନ ଶବର ଜଣେ ପ୍ରଶିକ୍ଷିତ ଆୟୁର୍ବେଦୀୟ ଚିକିତ୍ସକ । "ସେଣ୍ଟର ଫର୍ କମ୍ୟୁନିଟି ଡ଼େଭଲପ୍‌ମେଣ୍ଟ"ର ଆୟୁର୍ବେଦୀୟ ଚିକିତ୍ସା କାମ ଦାୟିତ୍ୱରେ ସେ ଅଛନ୍ତି । ସେ କହନ୍ତି ଯେ କେତେକ ପାରମ୍ପରିକ ଆୟୁର୍ବେଦୀୟ ଗୁଳ୍ମ ଖୁବ୍ ଫଳପ୍ରଦ, ବିଶେଷତଃ ହାଡ଼ଭଙ୍ଗା ଆଦି ଶାରୀରିକ କ୍ଷତ ନିମିତ୍ତ । ଏହି ଔଷଧୀୟ ଗୁଳ୍ମ ଆୟୁର୍ବେଦୀୟ ପ୍ରଣାଳୀରେ ଚିହ୍ନଟ ହୋଇଥାଏ । ସେ ବିଶ୍ୱାସ କରନ୍ତି ଯେ ପାରମ୍ପରିକ ବା ପ୍ରାଚୀନତା ସହ ଅତ୍ୟାଧୁନିକ ଚିକିତ୍ସାର ମିଶ୍ରଣ ଆବଶ୍ୟକ ବେଳେ ପ୍ରୟୋଗ କଲେ ଲୋକଙ୍କର ଉପକାର ହୁଏ । ପୂର୍ବରୁ ପାଦ ଏବଂ ମୁହଁର ରୋଗ (FMD) (ଫାଟୁଆ) ରେ ହଳଦୀ ଗୁଣ୍ଡ, ମହୁ ଓ ସୋରିଷ ତେଲକୁ ମିଶାଇ ଘା' ଉପରେ ଦିଆଯାଉଥିଲା । ଏତଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ମିଳୁଥିଲା । କିନ୍ତୁ ଏବେ ଲୋକେ ବୁଝିଲେଣି ଯେ ରୋଗ ନିବାରଣ କରିବା ସର୍ବୋତ୍ତମ ପନ୍ଥା । ଏଣୁ ପଶୁ ଚିକିତ୍ସା ନିରୀକ୍ଷକ ବା 'ପାରା ଭେଟ୍‌ସ'ଙ୍କ ସହଯୋଗରେ ରୋଗ ବ୍ୟାପୁଥିବା ମାସ 'ନଭେମ୍ବର' ପୂର୍ବରୁ ସେମାନେ ଟୀକାଦାନର କାମ ଆରମ୍ଭ କରି ଦେଉଛନ୍ତି । ତା ସତ୍ତ୍ୱେ ଯଦି ରୋଗ ଆକ୍ରମଣ କଲା, ତେବେ ପାରମ୍ପରିକ ଚିକିତ୍ସା ପ୍ରଣାଳୀ ପଶୁମାନଙ୍କୁ ଯନ୍ତ୍ରଣାରୁ ମୁକ୍ତ କରାଏ । ପାରା-ଭେଟ୍‌ସଗଣ ସରକାରୀ ପଶୁଚିକିତ୍ସା ବିଭାଗକୁ ମଧ୍ୟ ସହଯୋଗ କରୁଛନ୍ତି - ଫଳରେ ସମସ୍ତଙ୍କ ପାଖରେ ଚିକିତ୍ସା ପହଞ୍ଚିପାରୁଛି ।

# ରଣକାରୀରୁ ରଣ ଦାତା



ରାଜଭୁଇ ମାଝି

ରାଜଭୁଇ ମାଝି ଜଣେ ପରିଶ୍ରମୀ ଯୁବକ । ରହନ୍ତି କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ବିଜାପୁର ଗ୍ରାମପଞ୍ଚାୟତର କାଲାକୁପା ଗ୍ରାମରେ । ଏହି ଗ୍ରାମଟି ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ । ରାଜଭୁଇ ବାପାଙ୍କର ଜ୍ୟେଷ୍ଠପୁତ୍ର । ବୁଢ଼ା ବାପା, ଦୁଇଭାଇ ଏବଂ ଗୋଟିଏ ଭଉଣୀକୁ ନେଇ ସଂସାର । ତା'ର ଚାରି ଏକର ଜମି ଅଛି, ଯେଉଁଥିରେ ସେ କଠିନ ପରିଶ୍ରମ କରି ଧାନ, ରାଶି, ଜହ୍ନା (Sorghum) ଏବଂ କୋଳଥ ଡ଼ାଲି ଉତ୍ପାଦନ କରେ । କିନ୍ତୁ ଜଳସେଚନ ଅଭାବରୁ ଅମଳ ଖୁବ୍ କମ୍ ହୁଏ । ଆର୍ଥିକ ଦୂରବସ୍ଥା ଓ ଖାଦ୍ୟ ଅଭାବ ଏଡ଼ାଇବା ପାଇଁ ସେ ନିଜର ହଳେ ବଳଦଙ୍କୁ ବନ୍ଧା ପକାଇ ସାହୁକାରଠାରୁ ମାସିକ ଶତକଡ଼ା ୫ଟଙ୍କା ସୁଧରେ କରଜ ଆଣିଥିଲା ।

ସମ୍ପ୍ରତି ଯେତେବେଳେ ତା ଗାଁର ଦୁଇଜଣ ଲୋକ ତାକୁ ଆର୍ଥିକ ସାହାଯ୍ୟ ମାଗିଲେ, ସେ ତା'ର ପୂର୍ବର ଅବସ୍ଥା ବିଷୟରେ ଭାବିଲା । ସେ ଖୁବ୍ ଖୁସି ହୋଇଥିଲା ଯେ ସେ ତା'ର ପରିସ୍ଥିତିରେ ଉନ୍ନତି ଆଣିବାର ସୁଯୋଗ ପାଇଥିଲା । ତାକୁ ଏ ସୁଯୋଗ ଓ.ଟି.ଇ.ଏଲ୍.ପି. 'ଗ୍ରାମ ବିକାଶ' ସହଯୋଗରେ ତା ନିଜ ଗାଁରେ ପ୍ରକଳ୍ପ କାର୍ଯ୍ୟକ୍ରମ ଆରମ୍ଭ କରିବାରୁ ମିଳିଥିଲା । ଅବଶ୍ୟ ଏହା ପୂର୍ବରୁ ରଜାଭୁଇ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା (ITDA) ଠାରୁ ୨ଶହ କଦଳୀପୁଆ ଆଣିଥିଲା । 'ମୋତେ ଚାଷ ବାସରେ ବାଟ ଦେଖାଇବା ପାଇଁ କେହି ନଥିଲେ । ଓ.ଟି.ଇ.ଏଲ୍.ପି. ଦଳ କଦଳୀ ଚାଷର ଉନ୍ନତ ବିଗଟି ମୋତେ ଶିଖାଇ ଦେଲା । ଦଶହଜାର ଟଙ୍କାର କଦଳୀ ବିକ୍ରି କରି ମୁଁ ସଫଳତାର ସ୍ୱାଦ ଜାଣିଲି । ମୁଁ ପୂର୍ବରୁ ଏତେ ଟଙ୍କା କେବେ ଏକାବେଳେକେ ଦେଖି ନଥିଲି", କୁହନ୍ତି ରାଜୁଭୁଇ। ରାଜଭୁଇର ସଫଳତାକୁ ସମସ୍ତେ ପସନ୍ଦ କଲେ । ଓ.ଟି.ଇ.ଏଲ୍.ପି. ତା'ର ଅଭିଜ୍ଞତାକୁ ଅନ୍ୟମାନଙ୍କୁ ଜଣାଇବା ପାଇଁ ତାକୁ ଭୁବନେଶ୍ୱରକୁ ଡ଼ାକାଇଲା ।

ଇତି ମଧ୍ୟରେ ଓ.ଟି.ଇ.ଏଲ୍.ପି. ଏବଂ 'ଗ୍ରାମ ବିକାଶ' ସେହି କାଲାକୁପା ଗ୍ରାମରେ ଜଳ ସେଚନ କେନାଲ ନିର୍ମାଣ କରିଛନ୍ତି । ପରିବା ପତ୍ର ସହ ବିଭିନ୍ନ ପ୍ରକାରରର ଶସ୍ୟ ଚାଷ କରିବା ପାଇଁ ଏହି କେନାଲ ଚାଷୀମାନଙ୍କୁ ସାହାଯ୍ୟ କଲା । ଓ.ଟି.ଇ.ଏଲ୍.ପି.ର ସାହାଯ୍ୟରେ ରାଜଭୁଇ ଜମି ସମତଳ କଲା । ସେ ପିଆଜ, ଟମାଟୋ, କୋବି, ମୂଳା, ଅଦା ପ୍ରଭୃତି ପନିପରିବା ସେହି ଜମିରେ ଚାଷ କରିବାକୁ ଆରମ୍ଭ କଲା । ସେ ତା ଜମିରେ କେବଳ ଜୈବିକ ସାର ବ୍ୟବହାର କଲା । ସେ ପିଆଜ ଚାଷରୁ ୨,୫୦୦ ଟଙ୍କା, ଟମାଟୋରୁ ପାଞ୍ଚଶହ ଟଙ୍କା, ମୂଳାରୁ ଦୁଇଶହ ଟଙ୍କା ଏବଂ କୋବିରୁ ଶହେ ଟଙ୍କା ଲାଭ ପାଇଲା । ଏସବୁ ବିକିବା ପାଇଁ ତାକୁ କେଉଁଆଡ଼େ ଯିବାକୁ ପଡ଼ିଲା ନାହିଁ । ଗାଁର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ତା'ଠାରୁ ସେସବୁ କିଣିନେଲା । ଏଥି ସହିତ ସେ "ଶ୍ରୀ" ପ୍ରଣାଳୀରେ ମଧ୍ୟ ଧାନ ଚାଷ କଲା । ସେ ପୂର୍ବରୁ ଏକର ପିଛା ୩/୪ କୁଇଣ୍ଟାଲ ଧାନ ପାଉଥିଲା । ଏବେ ଏକରରୁ ୧୦କୁଇଣ୍ଟାଲ ଧାନ ପାଇଲା । ଓ.ଟି.ଇ.ଏଲ୍.ପି. ଯେତେବେଳେ ଜମି ଉନ୍ନୟନ କାର୍ଯ୍ୟକଳାପ କରେ, ରାଜଭୁଇ ସେଠାରେ ମୂଲିଆ କାମ କରେ ।



ନିଜ ଜମିରେ ରାଜଭୁଇ ମାଝି

ରାଜଭୁଇ ମାଝିଙ୍କୁ ଯେଉଁ ଦୁଇଜଣ ଲୋକ ସାହାଯ୍ୟ ମାଗିଥିଲେ, ସେମାନଙ୍କୁ ଯଥାକ୍ରମେ ସେ ୫,୦୦୦ଟଙ୍କା ଓ ୪,୦୦୦ ଟଙ୍କା ଋଣ ଆକାରରେ ଦେଲା, ଅଥଚ କିଛି ବନ୍ଧକ ରଖିଲା ନାହିଁ । ବରଂ ସେହି ଦୁଇଜଣ ବ୍ୟକ୍ତି ତାଙ୍କୁ ମାସିକ ଶତକଡ଼ା ଦୁଇ ଟଙ୍କା ସୁଧ ଆକାରରେ ଦେବେ ବୋଲି ପ୍ରତିଜ୍ଞା କଲେ । ଏହା ସାହୁକାର ସୁଧଠାରୁ ବହୁତ କମ୍ । ରାଜଭୁଇ ତା'ର ବାପାଙ୍କ ଚିକିତ୍ସା ପାଇଁ ଦୁଇ ହଜାର ଟଂକା ଖର୍ଚ୍ଚ କଲା । ସେ ନିଜ ପାଇଁ ଏବେ ଏକ ଘର କିଣିବ ବୋଲି ସ୍ୱପ୍ନ ଦେଖୁଛି ।

¹ଜହ୍ନା

# ସମୃଦ୍ଧି ପଥେ

ଉଦ୍ଧବ ନାଏକ କାମ ଅନୁସନ୍ଧାନରେ ଅନ୍ୟ ରାଜ୍ୟକୁ ଯିବା ବନ୍ଦ କରିଦେଲା । ଏବେ ସେ ନିଜ ଗାଁରେ ପ୍ରଚୁର କାମ ପାଉଛି । ସେ ୧୦ଟଙ୍କାରେ ୩କେଜି ଚାଉଳ ମିଶାଇ ଦୈନିକ ସତୁରୀ ଟଙ୍କା ମଜୁରୀ ପାଉଛି । ଏବେ ସେ ଅଳସୀ, ରାଗି, କୋଶଳା ଶାଗ ତଥା ଧାନ ଇତ୍ୟାଦି ନିଜ ବିଲରେ ଚାଷ କରୁଛି । ଏଥିରୁ ସେ ବର୍ଷକୁ ୫ ହଜାରରୁ ୬ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛି । ଏବେ ବର୍ଷକୁ ସେ ପ୍ରାୟ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଛି ।

ତା'ର ଅବସ୍ଥା ସବୁବେଳେ ସମାନ ନଥିଲା । ୨୫ ବର୍ଷ ବୟସ୍କ ଉଦ୍ଧବ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଲାଞ୍ଜିଗଡ଼ ବ୍ଲକର ବିଜେପୁର ପଞ୍ଚାୟତସ୍ଥିତ 'ଜୟୀକିଣ୍ଡା' ଗ୍ରାମରେ ତା'ର ପରିବାର ସହ ବାସ କରେ । ତା ପରିବାରରେ ପାଞ୍ଚଜଣ ସଭ୍ୟ । ତା'ର ମାଲିକାନାରେ କେବଳ ଚାରି ଏକର ଚାଷ ଜମି ଅଛି, ଯାହାକୁ ସେ ଜୁଲାଇରୁ ଅକ୍ଟୋବର ମଧ୍ୟରେ ଚାଷ କରିଥାଏ । ବର୍ଷକର ଅବଶିଷ୍ଟ ସମୟରେ ସେ ଜଣେ ଘରୋଇ ମୂଲିଆ ଭାବରେ କାମ କରିବାପାଇଁ କେରଳକୁ ଚାଲି ଯାଉଥିଲା । ସେ ସେଠାରେ ପ୍ରତିବର୍ଷ ପ୍ରାୟ ୧୫ ହଜାର ଟଙ୍କା ରୋଜଗାର କରୁଥିଲା । କିନ୍ତୁ ତା'ର ବଡ଼ ପରିବାର ଓ ଔଷଧପତ୍ରର ଖର୍ଚ୍ଚହେତୁ ତା'ର ସମୁଦାୟ ଖର୍ଚ୍ଚ ଅନେକ ହେଉଥିଲା । କେରଳରେ ବି ଖର୍ଚ୍ଚ କିଛି କମ୍ ନଥିଲା ।

ଉଦ୍ଧବ ବର୍ଷସାରା କଠିନ ପରିଶ୍ରମ କରେ, କିନ୍ତୁ ପରିଶ୍ରମର ଫଳ ଯେତିକି ଉପଭୋଗ କରିବା କଥା, ସେତିକି ଉପଭୋଗ କରୁନଥିଲା । ମାତ୍ର ୫ ହଜାର ଟଙ୍କା ପାଇଁ ସେ ତା'ର ୨ଏକର ଜମିକୁ ବନ୍ଧା ପକାଇ ଦେଇଥିଲା । ସେ ତା'ର ଜମିରୁ ଯାହା ଉତ୍ପାଦନ କରେ ତା ଉପରେ ଗାଁ ସାହୁକାରର ଅଧିକ ଭାଗ ରହିଲା । ଗାଁ ଗହଳିରେ ଠୁଣ୍ଟକା ଠୁଣିକି ବୈଦ୍ୟ ଚିକିତ୍ସା କରନ୍ତି । ସେପରି ନକଲି ଡ଼ାକ୍ତରକୁ ଦେହ ଅସୁସ୍ଥ ବେଳେ ଉଦ୍ଧବ ଦେଖାକରିବାକୁ ଯାଏ । ବେଳେବେଳେ ଉଦ୍ଧବ ସେହି ନକଲି ଡ଼ାକ୍ତରକୁ ଦଶଟଙ୍କା ଦେଇଥାଏ ଏବଂ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବାପାଇଁ ପଶୁବଳି ପକାଇଥାଏ । ପୂର୍ବରୁ ସେ ଗାଁ ମହାଜନଠାରୁ ଉତ୍ସବ ପାଳନ



ନିମିତ୍ତ ଋଣ କରିଥିଲା । ତାକୁ ଶତକଡ଼ା ୩ଟଙ୍କା ହାରରେ ସୁଧ ଦେବାକୁ ପଡୁଥିଲା ।

ଏହି ଗାଁରେ ୨୦୦୫ ମସିହାରେ ଓ.ଟି.ଇ.ଏଲ୍.ପି. କାର୍ଯ୍ୟକଳାପ ଆରମ୍ଭ ହେଲା, ଯଥେଷ୍ଟ ପରିମାଣରେ କୃଷି ଉନ୍ନୟନ କାର୍ଯ୍ୟ କରାଗଲା । ମୃତ୍ତିକା ଏବଂ ଜଳ ସଂରକ୍ଷଣର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା, ବୃକ୍ଷରୋପଣ କରାଗଲା ଏବଂ ଚାରା ବା ନର୍ସରୀ ପ୍ରତିଷ୍ଠା କରାଗଲା । ଉଦ୍ଧବ ପରି ଲୋକଙ୍କ ପାଇଁ ଶ୍ରମ ନିଯୁକ୍ତି ସୃଷ୍ଟି ହେଲା । ଜମି ଉନ୍ନୟନ କାର୍ଯକଳାପ ସହିତ ଉଦ୍ଧବ ଗାଁ ନର୍ସରୀରେ କାମକଲା । ୨୦୦୭ ମସିହାରେ ସେ ତା'ର ବନ୍ଧା ପକାଇଥିବା ଜମିକୁ ମୁକୁଳାଇ ନେଲା । ଏହି ଉନ୍ନତିମୂଳକ କାମରେ ତା ଜମିର ବହୁତ ଉପକାର ହେଲା ଏବଂ ସେ ଉନ୍ନତ ଚାଷ ପ୍ରଣାଳୀ ଶିକ୍ଷା କଲା ।

ବର୍ତ୍ତମାନ ତା'ର ପରିବାର ଖାଦ୍ୟ ଅଭାବର ସମ୍ମୁଖୀନ ହେଉନାହିଁ । ସେ ଏବେ ଗୋଟିଏ ମୋଟର ସାଇକେଲ, ମୋବାଇଲ ଫୋନ୍, ୩ଟି ଛେଳି ଏବଂ ପାଞ୍ଚୋଟି କୁକୁଡ଼ା ତା ନିଜ ପଇସାରେ କିଣିଛି । ଏସବୁ ତା' ନିଜର ଆୟ ବୃଦ୍ଧିରେ ସହାୟକ ହେବ ବୋଲି ସେ ଆଶା କରେ । ଉଦ୍ଧବ ଏବେ ଆଉ ଗାଁ ସାହୁକାର ଉପରେ ନିର୍ଭର କରୁନାହିଁ ।

[1] ସବୁଜ ପତ୍ର ଥିବା ପରିବା (ଶାଗ)

# ସୁଯୋଗର ସଦ୍ ବ୍ୟବହାର

ରାମିଆର ପରିବାର ବର୍ଷକ ମଧ୍ୟରୁ ୪/୫ ମାସ କାଳ ଖାଦ୍ୟ ଅଭାବର ସମ୍ମୁଖୀନ ହୋଇଥାଏ । ପ୍ରତିବର୍ଷ ଜାନୁଆରୀରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ତା ନିଜ ଗାଁରେ ଏବଂ ପଡ଼ୋଶୀ ଗାଁରେ ସର୍ବନିମ୍ନ ଦୈନିକ ୧୦ ଟଙ୍କା ମଜୁରୀରେ ମୂଲିଆ କାମ କରୁଥିଲା । ବର୍ଷା ଋତୁରେ ସେ ଉଚ୍ଚ ଜମିରେ ପୋଡୁଚାଷ କରିଥାଏ । ନିକଟବର୍ତ୍ତୀ ହାଟମାନଙ୍କରେ ସେ ସଂଗୃହୀତ ଜାଳେଣୀ କାଠ ବିକୁଥିଲା, ଏଥିରୁ ଦିନକୁ ୩୦ଟଙ୍କାରୁ ଅଧିକ ମିଳୁନଥିଲା । ଉପରୋକ୍ତ ସମସ୍ତ ପ୍ରକାର ରୋଜଗାରକୁ ମିଶାଇଲେ ମଧ୍ୟ ତା ବଡ଼ ପରିବାରର ମୌଳିକ ଆବଶ୍ୟକତା ପୂରଣ ହେଉନଥିଲା । ପ୍ରତିବର୍ଷ ଶତକଡ଼ା ୫ଟଙ୍କା ହାର ସୁଧରେ ସେ ସାହୁକାରଠାରୁ ଋଣ କରୁଥିଲା । ଏହି ରାମିଆ ନାୟକ ତଳତହଜଂଗା ଗାଁରେ ତା'ର ୭ଜଣିଆ ପରିବାର ନେଇ ବାସ କରୁଥିଲା ।

ଗଜପତି ଜିଲ୍ଲାର ଗୁମ୍ମା ବ୍ଲକ୍ ଅନ୍ତର୍ଗତ ତଳତହଜଙ୍ଗା ଗାଁଟି ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମ, ଯେଉଁଠାରେ କି ଓ.ଟି.ଇ.ଏଲ୍.ପି. ୨୦୦୫ ମସିହାରୁ କାମ ଆରମ୍ଭ କଲା । ଏହି ଗାଁରେ ସୌରା ଜାତୀୟ ଆଦିବାସୀମାନେ ରହନ୍ତି । ଏହି ଗାଁଟି ପିସୋନ କ୍ଷୁଦ୍ର ଜଳବିଭାଜିକା ଅଞ୍ଚଳର ଅର୍ନ୍ତଭୁକ୍ତ । ଓ.ଟି.ଇ.ଏଲ୍.ପି. କାର୍ଯ୍ୟକ୍ରମ ଖାଦ୍ୟ ନିରାପତ୍ତା ଏବଂ ଜୀବନ ଜୀବିକାର ଉନ୍ନତି ପାଇଁ ଉଦ୍ଦିଷ୍ଟ । ଗୋଷ୍ଠୀ ଉନ୍ନୟନ କେନ୍ଦ୍ର (ସି.ସି.ଡ଼ି)ର ସହଯୋଗରେ ସ୍ଥାନୀୟ ଗୋଷ୍ଠୀଗଣ ଏହି ଗାଁରେ ଅନେକଗୁଡ଼ିଏ ପ୍ରାକୃତିକ ସମ୍ବଳ ପରିଚାଳନା (ଏନ୍.ଆର୍.ଏମ୍.)ର କାର୍ଯ୍ୟ କଲେ, ଯଥା ଚେକ୍-ଡ୍ୟାମ୍, ଛୋଟ ପଥର ବନ୍ଧ, କେନାଲ, ଜମି ଓ ଜଳ ସଂରକ୍ଷଣ ଇତ୍ୟାଦି । ଏ ଗୁଡ଼ିକ ମୃତ୍ତିକାର ଉର୍ବରତା ଏବଂ ଉତ୍ପାଦନଶୀଳତା ବଢ଼ାଇବା ପାଇଁ ସହାୟକ ହେଲା ।

ରାମିଆ ନାୟକର ପରିବାର ନିରାଶ୍ରୟ ପରିବାରଟିଏ । ଏଣୁ ସେ କେତେକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଯଥା ଫଳଚାଷ, ପନିପରିବା ଚାଷ, ମୃତ୍ତିକା ଏବଂ ଜଳ ପରିଚାଳନା କୃଷି ତଥା ମିଳିତ ମାର୍କେଟିଂ ଇତ୍ୟାଦି କାର୍ଯ୍ୟକ୍ରମରେ ଯୋଗଦେଲା । ଓ.ଟି.ଇ.ଏଲ୍.ପି.ଏବଂ ସି.ସି.ଡ଼ି. ଏହି ପ୍ରଶିକ୍ଷଣ ଶିବିରଗୁଡ଼ିକର ଆୟୋଜନ କରିଥିଲା । ଏବେ ସେ ସି.ସି.ଡ଼ି.ର ଅଂଶଗ୍ରହଣକାରୀ ବୈଷୟିକ ଉନ୍ନତି (ପି.ଟି.ଡ଼ି) ପ୍ରଣାଳୀରେ ଚାଷ ଆରମ୍ଭ କରିଛି । ବିହନ ବୁଣିବା ପୂର୍ବରୁ ସେ ସେଗୁଡ଼ିକ ପରିଷ୍କାର କରେ ଏବଂ ବିହନ ବିନିମୟ କାର୍ଯ୍ୟକ୍ରମରେ ଭାଗନିଏ । ଏବେ ଖରିଫ ଋତୁରେ ସେ ତା'ର ଫସଲକୁ ଦ୍ୱିଗୁଣିତ କରିପାରିଛି । ସେ ଏବର୍ଷ ଖରିଫ୍ ଋତୁରେ ୧୦ବସ୍ତା ଧାନ ପାଇଛି । ରବି ଋତୁରେ ପନିପରିବା ଚାଷ କରିବ ବୋଲି ରାମିଆ ପ୍ରବଳ ଆଗ୍ରହ ପ୍ରକାଶ କରିଛି ।



ଉକ୍ତ କାର୍ଯ୍ୟକ୍ରମର ବିଭିନ୍ନ ଏନ୍.ଆର.ଏମ୍. କାମରେ ଦିନ ମଜୁରୀଆ ଭାବରେ ସେ କାମ କରେ ଏବଂ ଜାତୀୟ ନିଶ୍ଚିତ ଗ୍ରାମୀଣ ନିଯୁକ୍ତି ଯୋଜନା (ଏନ୍.ଆର.ଇଜି.ଏ) ରେ ଦୈନିକ ୭୦ଟଙ୍କା ଲେଖାଏଁ ମଜୁରୀ ପାଏ । ତା'ର ସ୍ତ୍ରୀ ବର୍ତ୍ତମାନ ଗାଁର ସ୍ୱୟଂସହାୟକ ଗୋଷ୍ଠୀର ଜଣେ ସଭ୍ୟା । ଉପରୋକ୍ତ କାର୍ଯ୍ୟକ୍ରମରେ ତା'ର ପରିବାରର ପ୍ରଚୁର ଉନ୍ନତି ହେଉଛି ବୋଲି ରାମିଆ କହେ । ତେଣୁ ସେ ନିୟମିତ ଭାବରେ ଉକ୍ତ କାର୍ଯ୍ୟକ୍ରମର ପ୍ରଶିକ୍ଷଣରେ ଅଂଶଗ୍ରହଣ କରେ ।

ରାମିଆ କଠିନ ପରିଶ୍ରମ କରି ସ୍ଥାନୀୟ ହାଟରେ ସପ୍ତାହକୁ ଦୁଇଥର ପନିପରିବା ବିକିବା ଆରମ୍ଭ କରିଛି । ତା'ର ଆୟ ଅଧିକ ନିୟମିତ ହୋଇପାରିଛି ଏବଂ ସେ ମାସକୁ ୨୫୦୦ଟଙ୍କା ରୋଜଗାର କରୁଛି । ତା'ର ସ୍ତ୍ରୀ ନିଜ ପିଲାକୁ ସ୍କୁଲକୁ ପଠାଇବା ପାଇଁ ଗାଁ ଏସ୍.ଏଚ୍.ଜି.ରୁ ୩୦୦ଟଙ୍କା ଋଣ ଆଣିଛି । ରାମିଆ କହିଛିଯେ, ଉକ୍ତି ଏସ୍.ଏଚ୍.ଜି. ୧୦୦ ଟଙ୍କାରେ ୧ଟଙ୍କା ସୁଧ ନିଏ । ଏକ ଉନ୍ନତ ଏବଂ ନିୟମିତ ଆୟ ପାଇଁ ତାକୁ ସକ୍ଷମ କରାଇଥିବାରୁ ସେ ସି.ସି.ଡ଼ି. ଏବଂ ଓ.ଟି.ଇ.ଏଲ୍.ପି. ପ୍ରତି ଧନ୍ୟବାଦ ପ୍ରକାଶ କରିଛି ।

# ଦାରିଦ୍ର୍ୟରୁ ପ୍ରଗତି



ଗଙ୍ଗନା ଗମାଙ୍ଗୋ

ଗଙ୍ଗନା ଗମାଙ୍ଗୋ ଅରୁଣାଞ୍ଚଳ ପ୍ରଦେଶକୁ ଜଣେ ଦିନ ମଜୁରୀଆ ଭାବରେ 'ଦାଦନ' ଶ୍ରମିକ କାମ କରିବାକୁ ପ୍ରାୟତଃ ଯାଉଥିଲା । ଅରୁଣାଞ୍ଚଳ ପ୍ରଦେଶରେ ତା'ର ଜୀବନ ବଡ଼ କଷ୍ଟରେ କଟୁଥିଲା । ତା'ର ପୁଅ ମଧ୍ୟ ତା' ସହିତ କାମ କରିବାକୁ ଯାଉଥିଲା । ଦୁହେଁଯାକ ମିଳିତ ଭାବରେ ମାସକୁ ପନ୍ଦର ଶହ ଟଂକା ରୋଜଗାର କରୁଥିଲେ । ଏହି ରୋଜଗାର ଗାଁ ସାହୁକାର ଋଣ ପରିଶୋଧ ବାବଦକୁ ଖର୍ଚ୍ଚ ହେଉଥିଲା ।

ପଚାଶ ବର୍ଷ ବୟସ୍କ ଗଙ୍ଗନା ଗମାଙ୍ଗୋର ୧୩ଜଣଙ୍କୁ ନେଇ ଏକ ବିଶାଳ ପରିବାର । ତା'ର ଅନୁପସ୍ଥିତିରେ ତା'ର ପରିବାରବର୍ଗ ଜଙ୍ଗଲରୁ କାଠ ସଂଗ୍ରହ କରି ତାକୁ ବିକି ଜୀବନ ବଞ୍ଚାଉଥିଲେ । "ଆମେ ଖ୍ରୀଷ୍ଟମାସ ପାଳନ ଖୁବ୍ ଧୁମ୍‌ଧାମ୍‌ରେ କରୁଥିବାରୁ ଖୁବ୍ ଖର୍ଚ୍ଚାନ୍ତ ହେଉଥିଲୁ । ଏଣୁ ଋଣ କରିବାକୁ ଆବଶ୍ୟକ ପଡୁଥିଲା । ତା ସହିତ ଘରେ କେହି ରୋଗରେ ପଡ଼ିଲେ ତା'ବିଷୟ ଦେଖିବାକୁ ପଡ଼େ । ଅବସ୍ଥା ଏପରି ହେଲା ଯେ ଆମକୁ କେହି ଋଣ ଦେଲେନି କିମ୍ବା ପୂର୍ବର ବାକି ଥିବା ଋଣ ଶୁଝି ପାରିଲୁ ନାହିଁ । ଆମେ ଦରିଦ୍ରରୁ ଦରିଦ୍ର ହୋଇଗଲୁ । କିନ୍ତୁ ଓ.ଟି.ଇ.ଏଲ୍.ପି. ଆଉ ସି.ସି.ଡ଼ି. ଆସିଲା ପରେ ସବୁ ଠିକ୍ ହୋଇଗଲା," କହୁ କହୁ ଗଙ୍ଗନା ଦୀର୍ଘଶ୍ୱାସ ନେଲା ।

ଓ.ଟି.ଇ.ଏଲ୍.ପି. ଏବଂ ସି.ସି.ଡ଼ି. (ଗୋଷ୍ଠୀ ଉନ୍ନୟନ କେନ୍ଦ୍ର) ୨୦୦୫ ମସିହାରେ ପିସୋନ୍ ଅଣୁ-ଜଳବିଭାଜିକା ଅଧୀନସ୍ଥ ତଳତହଜଙ୍ଗୀ ଗ୍ରାମରେ କାମ ଆରମ୍ଭ କଲେ । ଗଙ୍ଗାନାପରି ଲୋକଙ୍କର ଜୀବନ ଜୀବିକାର ମାନ ଉନ୍ନତ କରିବାହିଁ ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଅନେକ ଥର ଆଦିବାସୀ ଗୋଷ୍ଠୀରେ ତଥା ଗ୍ରାମ ଉନ୍ନୟନ କମିଟିରେ ଆଲୋଚନା ଓ ଯୋଜନା ହେବାପରେ ସେମାନଙ୍କୁ କୃଷି ପ୍ରଶିକ୍ଷଣ ତଥା ଅଂଶଗ୍ରହଣକାରୀ ବୈଷୟିକ ଉନ୍ନତି PTD କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଦେବାପାଇଁ ସ୍ଥିର କରାଗଲା ।

ଗଙ୍ଗନା ବିହନ ବୁଣିବା, ଚାରା ରୋପଣ କରିବା ଏବଂ ସଠିକ୍ ରୂପେ ଶସ୍ୟ ଅମଳ କରିବା ଶିଖିଗଲା । ତା'ସହିତ ନର୍ସରୀ ବା ଚାରାପାଳନ ଓ ପୋକମରା ଔଷଧ ତଥା ସାର ପ୍ରୟୋଗ ବିଷୟସବୁ ଶିକ୍ଷା କଲା । ଏତଦ୍‌ବ୍ୟତୀତ "ଶ୍ରୀ" ପ୍ରଣାଳୀରେ ଏବଂ ପି.ଟି.ଡ଼ି. ଉପାୟରେ ଧାନ ଚାଷ ମଧ୍ୟ ଶିଖିଗଲା । ସେ ଗାଁରେ "ଶ୍ରୀ" ପ୍ରଣାଳୀରେ ଧାନଚାଷ ଏକ ନୂଆକଥା ଥିଲା । ଗଙ୍ଗନା କହିଲା - "ଶ୍ରୀ ପ୍ରଣାଳୀକୁ ମୁଁ ଅଭ୍ୟାସ କଲି ଓ ଭଲ ଅମଳ ପାଇଲି । ପି.ଟି.ଡ଼ି.ରେ ମଧ୍ୟ ଖୁବ୍ ଭଲ ଅମଳ ହେଲା । ଏହି ଦୁଇପ୍ରକାର ଚାଷ ଅନ୍ୟମାନଙ୍କୁ ଉଦ୍‌ବୁଦ୍ଧ କଲା ଓ ସେମାନେ ମଧ୍ୟ ଏହି ଦୁଇଟି ପ୍ରଣାଳୀ ଅବଲମ୍ବନ କରିବାକୁ ଉତ୍ସାହିତ ହେଲେ ।"

"ମୁଁ ମଧ୍ୟ ଏବେ ଦୁଇଟି ଫସଲ କରୁଛି । ମୁଁ ଏବେ ଏତେ ପରିମାଣର ରୋଜଗାର କରୁଛି ଯେ ସାହୁକାର ପାଖକୁ ନ ଯାଇ ଆମେ ଆମ ନିଜର ସମସ୍ତ ଖର୍ଚ୍ଚ ତୁଲାଇ ପାରୁଛୁ । ବିଗତ ବର୍ଷ ମୋର ଔଷଧ ଖର୍ଚ୍ଚ ବହୁତ



ହୋଇଯାଇଥିଲା । ମୋର ସ୍ତ୍ରୀର ଦେହ ଅସୁସ୍ଥ ଥିଲା ଓ ମୋର ଯକୃତ ବେମାରୀ ହୋଇଥିଲା । ତା'ଛଡ଼ା ମୋ ବଡ଼ ଝିଅର ସିକଲ-ସେଲ୍-ଆନେମିଆ ହୋଇଥିବାରୁ ରକ୍ତ ନେବା ଦରକାର ପଡ଼ିଲା । ଅନ୍ୟ ପିଲାମାନେ ଅଧିକାଂଶ ବେଳେ ମ୍ୟାଲେରୀଆରେ ପଡ଼ିଲେ । ମୁଁ ପ୍ରାୟ ୧୬ ହଜାର ଟଙ୍କା ଖର୍ଚ୍ଚ କଲି କିନ୍ତୁ ସାହୁକାର ପାଖକୁ ଆଦୌ ଯାଇନାହିଁ । ଏହା କେବଳ ସମ୍ଭବ ହୋଇପାରିଲା ମୋର "ଶ୍ରୀ" ପ୍ରଣାଳୀ ଓ ପି.ଟି.ଡ଼ି. ପ୍ରଣାଳୀରେ ଚାଷ ଜନିତ ଲାଭ ବଳରେ -" ଏହିକଥା ଗମାଙ୍ଗୋ ପ୍ରକାଶ କରିଥିଲେ ।

କାଜୁ ମଞ୍ଜି ବ୍ୟବସାୟୀଙ୍କ ସହ ତାଙ୍କର ବ୍ୟବସାୟ ଢ଼ାଞ୍ଚା ମଧ୍ୟ ପରିବର୍ତ୍ତନ



ଶ୍ରୀ ପ୍ରଣାଳୀରେ ଧାନଚାଷ

ହେଲା । ପୂର୍ବେ ସେ କାଜୁ ବ୍ୟବସାୟୀଙ୍କୁ 'ମାଣ'ରେ କାଜୁମଞ୍ଜି ଓଜନ କରି ବିକୁଥିଲେ । ଗୋଟିଏ ମାଣ କାଜୁ ମଞ୍ଜି ସାଢ଼େ ତିନିକିଲୋ ଓଜନ ସହିତ ସମାନ ଥିଲା । ବ୍ୟବସାୟୀମାନେ ତାକୁ ମାଣ ପିଛା ଚାଳିଶ ଟଙ୍କା ଦେଉଥିଲେ । କିନ୍ତୁ ଯେତେବେଳେ ଓ.ଟି.ଇ.ଏଲ୍.ପି. ପ୍ରକଳ୍ପ ଗଙ୍ଗନା ଓ ଅନ୍ୟମାନଙ୍କୁ କାଜୁ ବଜାର ବିଷୟରେ ଜାଣିବା ପାଇଁ 'ପଲାସା'କୁ ପଠାଇଲା, ସେମାନେ ସେତେବେଳେ ଶିଖିଲେ ଯେ କାଜୁ କିଲୋଗ୍ରାମ ଦରରେ ଓଜନ ହେଉଛି । ଏକମାଣ କାଜୁ ଯେଉଁ ଦରରେ ସେମାନେ ବିକୁଥିଲେ ଏକ କେଜି କାଜୁର ଦାମ ତା' ସହିତ ସମାନ ଅଛି ।

"ବର୍ତ୍ତମାନ ଆମେ କାଜୁର ନଗଦ କିଲୋପିଛା ଦର ଜାଣିବାପାଇଁ ପଲାସାକୁ ଫୋନ୍ କରିଦେଉଛୁ ଓ ତଦନୁଯାୟୀ ଆମର କେଜି ଦର ସ୍ଥିର କରୁଛୁ – ଯଦ୍ଦ୍ୱାରା ବେପାରୀ ମଧ୍ୟ ଦୁଇପଇସା ଲାଭ କରିପାରିବ । ଯେତେବେଳେ ୪/୫ ଜଣ ବେପାରୀ ଆମ ପାଖକୁ ଆସନ୍ତି, ଆମେ ମୂଲାମୂଲି କରି ଦର ସ୍ଥିର କରୁ । ଏବେ ଗୋଟିଏ କେଜି. କାଜୁକୁ ୪୫ ଟଙ୍କାରୁ କମ୍‌ରେ ଆମେ ବିକୁ ନାହୁଁ । ଲୋକଙ୍କ ରୋଜଗାର କାଜୁର ମିଳିତ ବିପଣନ ହେବାଦ୍ୱାରା ବୃଦ୍ଧି ପାଇଛି ।"

ଏକଦା ଅଭାବ ଯୋଗୁଁ ଗଙ୍ଗନା ତା'ର ଝିଅକୁ ବିଦ୍ୟାଳୟକୁ ପଠାଇବା ବନ୍ଦ କରି ଦେଇଥିଲା । ବର୍ତ୍ତମାନ କିନ୍ତୁ ଉନ୍ନତ ଆୟ ଏବଂ ସି.ସି.ଡ଼ି. କର୍ମୀମାନଙ୍କର ଉତ୍ସାହ ଓ ପ୍ରେରଣାରେ ସେ ତା ଝିଅକୁ ପୁନର୍ବାର ବିଦ୍ୟାଳୟରେ ନାମ ଲେଖାଇ ଦେଇଛି ।

ଜଣେ ଦାଦନ ଶ୍ରମିକରୁ ଗଙ୍ଗନା ଏବେ ଜଣେ କୃଷି ପ୍ରଶିକ୍ଷକ ହୋଇପାରିଛି । ସେ "ଶ୍ରୀ" ଏବଂ ପି.ଟି.ଡ଼ି. ପ୍ରଣାଳୀରେ ଧାନଚାଷ ସମ୍ପର୍କରେ ଲୋକମାନଙ୍କୁ ପ୍ରଶିକ୍ଷଣ ଦେଉଛି । ବିଭିନ୍ନ ଗ୍ରାମରୁ ଲୋକେ ତା' ପାଖକୁ ଉପଦେଶ ପାଇଁ ଆସୁଛନ୍ତି । ତାଳତହଜଙ୍ଗା ଗ୍ରାମର ଲଙ୍ଗ– ୨ ନମ୍ବର ପଡ଼ାର ଗଙ୍ଗନା ଏବେ ଉନ୍ନତିର ଏକ ଆଲୋକ ବର୍ତ୍ତୀକା ।

---

[୧] *ଆମେ ଦରିଦ୍ରରୁ ଦରିଦ୍ରତର ହୋଇଯାଇଥିଲୁ । କିନ୍ତୁ ସିସିଡି ଏବଂ ଓଟିଇଏଲ୍‌ପି ଆସିବା ପରେ ସବୁକିଛି ଠିକ୍ ହୋଇଗଲା ।*

[୨] *କୃଷକମାନେ ସେମାନଙ୍କର ଉତ୍ପାଦକୁ ବ୍ୟକ୍ତିଗତଭାବରେ ବିକ୍ରୀ ନକରି ଗୋଷ୍ଠୀଗତ ଭାବରେ ବିକ୍ରିକରିବା ଦ୍ୱାରା ଉନ୍ନତ ମୂଲ୍ୟ ପାଇଲେ ଏବଂ ବ୍ୟବସାୟୀ ସଙ୍ଗରେ ଭଲଭାବରେ ମୂଲଚାଲ କରିପାରିଲେ ।*

# ପାରମ୍ପରିକ ଜ୍ଞାନ ସହ ଆଧୁନିକ କୌଶଳର ସଂଯୋଗ

କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ 'ଲଙ୍କାଗଡ଼ ପଞ୍ଚାୟତ'ର ହାତୀମୁଣ୍ଡା ଗୋଟିଏ ଗ୍ରାମ । ଏହି ପଞ୍ଚାୟତକୁ ଯିବାପାଇଁ ଗୋଟିଏ ଖରାଦିନିଆ ରାସ୍ତା ଏକମାତ୍ର ଉପାୟ । ମୋଟ ୮ କି.ମି. ଜଙ୍ଗଲ ରାସ୍ତାକୁ ଅତିକ୍ରମ କରିବାକୁ ୧ ଘଣ୍ଟା ଲାଗେ । ପାହାଡ଼ ଘେରା "ହାତୀମୁଣ୍ଡା" ଗାଁରେ ଚିରସ୍ରୋତା ଝରଣାଟିଏ ଅଛି । ଏହି ଝରଣା ପ୍ରବଳ ବର୍ଷାରେ ବନ୍ୟା ଆଣିଥାଏ ଏବଂ ମୃତ୍ତିକା କ୍ଷୟ କରି ଜମିକୁ ବାଲିଚର କରିପକାଏ । ଓ.ଟି.ଇ.ଏଲ୍.ପି. ଏହି ଗାଁରେ ତା'ର ସହଯୋଗୀ NGO "ଫୁଲବାଣୀ ଗ୍ରାମ ଉନ୍ନୟନ ଏବଂ ବୈଷୟିକ ସଂସ୍ଥା" ମାଧ୍ୟମରେ କାମକରେ ।

ତୁଳସା ପାତ୍ର ଏଠାରେ ଗ୍ରାମ ଉନ୍ନୟନ କମିଟିର ସଭାପତି । ସେ ଗୋଣ୍ଡ ଆଦିବାସୀ । ପ୍ରକଳ୍ପ ଆରମ୍ଭର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଆଲୋଚିତ ବିଷୟବସ୍ତୁ ମଧ୍ୟରେ ଜଳସ୍ରୋତର ପ୍ରବାହ ଓ ବାଲିଚର ହେବା ବିଷୟ ସନ୍ନିବେଶିତ ହୋଇଥିଲା । ତା'ର ବାପାଙ୍କ ପାରମ୍ପରିକ ଜ୍ଞାନ ଏବଂ ଓ.ଟି.ଇ.ଏଲ୍.ପି. ସହାୟତାରେ ପ୍ରବଳ ଜଳସ୍ରୋତକୁ ଅଟକାଇ ଧୀରେ ଧୀରେ ଚାଷ ଜମି ଆଡ଼କୁ ନେବାପାଇଁ ଗୋଟିଏ ଆଡ଼ିବନ୍ଧ, ବାଉଁଶ, କାଦୁଅ ଓ ପଥରରେ ନିର୍ମିତ ହେଲା । ଜମିକୁ ପାଣି ନେବା ପାଇଁ ନାଳୀ ତିଆରି କରାଗଲା ।

ନିଜେ ତୁଳସା ଜମିରେ ହିଡ଼ ବାନ୍ଧିଲା ଏବଂ ଜମିକୁ ଡ଼ୋଳାମାଟି କରି ସମାନ କରିଲା । ଏହି ଦୁଇଟି କାମ ବେଶ୍ ଫଳପ୍ରଦ ହେଲା ବୋଲି ତୁଳସା ମନେକରେ ।

ତୁଳସା କହେ, "ପୂର୍ବେ ମୋ ଜମିରୁ ସମସ୍ତ ପାଣି ତଳକୁ ବୋହି ଯାଉଥିଲା ଏବଂ ଜମି ପ୍ରବଳ ବର୍ଷାବେଳେ ନଷ୍ଟ ହୋଇଯାଉଥିଲା । ବର୍ତ୍ତମାନ ଉପର ମୁଣ୍ଡରେ ବନ୍ଧ ହୋଇଯିବାରୁ ତଳେ ଥିବା ଜମି ରକ୍ଷା ପାଇଗଲା । ଯେଉଁଠି ବନ୍ଧ ହୋଇଛି ଓ ଯେଉଁଠି ହୋଇନାହିଁ, ସେ ଦୁଇ ସ୍ଥାନ ମଧ୍ୟରେ ଥିବା ପାର୍ଥକ୍ୟ ଜଣେ ସ୍ପଷ୍ଟ ଲକ୍ଷ୍ୟ କରିପାରିବ । ବନ୍ଧ ନ ଥିବା ଜମିଗୁଡ଼ିକ ସମ୍ପୂର୍ଣ୍ଣ ବାଲିଚର ହେଉଅଛି ।" ବର୍ଷା ପରେ ପରେ ପୂର୍ବେ ଦଶ ଏକର ଜମିରୁ ତୁଳସା ବାର୍ଷିକ ୭୫ କେଜି. ବିଶିଷ୍ଟ ବସ୍ତାରେ ୫୦ରୁ ୬୦ଟି ବସ୍ତା ଧାନ ଉତ୍ପାଦନ କରୁଥିଲା । ନିଜ ପରିବାରର ଖାଉଟି ଚାହିଦା ପୂରଣ କରିବାପରେ ଆଉ ସେ ଧାନ ବିକିବାକୁ ପାଉନଥିଲା । ଗ୍ରୀଷ୍ମ ଋତୁରେ ଧାନ ପରେ ପରେ ସେ କୋଳଥ ଏବଂ ମାଣ୍ଡିଆ ଉତ୍ପନ୍ନ କରିଥାଏ । ସେସବୁ ମଧ୍ୟ କେବଳ ନିଜେ ଖାଇବା ପାଇଁ ହୁଏ । ଏହିପରି ସେ ପରିବାରଟି ବର୍ଷକ ମଧ୍ୟରେ ଆଠମାସ ପାଇଁ ଯଥେଷ୍ଟ ପରିମାଣରେ



ଖାଇବାକୁ ପାଆନ୍ତି । ଅବଶିଷ୍ଟ ଚାରିମାସ ଖାଦ୍ୟ ପାଇଁ ସେ ମୂଲିଆ କାମ କରେ ।

ଜମିରେ ବନ୍ଧ ଇତ୍ୟାଦି ନିର୍ମାଣ କରିବାରେ ସାହାଯ୍ୟ କରିବା ସହିତ ଓ.ଟି.ଇ.ଏଲ୍.ପି. ତୁଳସା ଓ ଅନ୍ୟ କେତେକଙ୍କୁ ଉନ୍ନତ କୃଷି ପରିଦର୍ଶନ କରିବାକୁ ବିଭିନ୍ନ ସ୍ଥାନକୁ ପଠାଇଲା । ସେ କୃଷି ବିଶେଷଜ୍ଞମାନଙ୍କ ଠାରୁ ମଧ୍ୟ ପ୍ରଶିକ୍ଷଣ ଗ୍ରହଣ କଲା । ଓ.ଟି.ଇ.ଏଲ୍.ପି. ଏବଂ PRDATA ଦ୍ୱାରା ଏହି ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଇଥିଲା ।

ତୁଳସା କହେ – "ମୁଁ ଏବେ ବର୍ଷକ ମଧ୍ୟରେ ୭୦ବସ୍ତା ଧାନ ପାଉଛି । PRDATA ଦ୍ୱାରା ଲବ୍ଧ ବୈଷୟିକ କୌଶଳକୁ ମୁଁ ମୋ ଜମିରେ ପ୍ରୟୋଗ କରି ମାଣ୍ଡିଆ ଓ କୋଳଥର ଉତ୍ପାଦନ ମଧ୍ୟ ବଢ଼ାଇପାରିଛି । ଏବେ ମୋତେ ବର୍ଷକରେ ମାତ୍ର ଦୁଇମାସ ପାଇଁ ମଜୁରୀ ଲାଗିବାକୁ ପଡ଼ିବ ।"

ତୁଳସା ସୂର୍ଯ୍ୟମୁଖୀ ଫୁଲ ଚାଷ ମଧ୍ୟ ଶିଖିଯାଇଛି । ସେ ଗତ ବର୍ଷ ଦୁଇ ଏକର ଜମିରୁ ଆଠ ଶହ କେଜି. ସୂର୍ଯ୍ୟମୁଖୀ ମଞ୍ଜି ଅମଳ କରିଛି । ସେ ମଞ୍ଜିତକ ଗୋଟିଏ ତେଲ କଳକୁ ନେଇ ପେଡ଼ି ଦେବାରୁ ୧୧ଟିଣ ସୂର୍ଯ୍ୟମୁଖୀ ତେଲ ପାଇଲା । ପ୍ରତ୍ୟେକ ଟିଣରେ ୧୬ ଲିଟର ତେଲ ଥିଲା । ସେଥିରୁ ଟିଣ ପିଛା ହଜାରେ ଟଙ୍କା ଦରରେ ସେ ଦଶଟିଣ ତେଲ ବିକି ୧୦ ହଜାର ଟଙ୍କା ଲାଭ ପାଇଲା । ସେ ଏହି ଟଙ୍କାକୁ ଲୁଗାପଟା, ଔଷଧ ପତ୍ର ଏବଂ ପର୍ବପର୍ବାଣୀରେ ଖର୍ଚ୍ଚ କଲା । ନିଜ ଘରେ ସାରିବା ପାଇଁ ଗୋଟିଏ ଟିଣ ତେଲ ରଖିଲା । ପୂର୍ବରୁ ଅଳସୀ ଫୁଲର ତେଲରେ ତାଙ୍କ ଘରେ ରୋଷେଇ କରୁଥିଲେ । ଏବେ ସୂର୍ଯ୍ୟମୁଖୀ ଚାଷ ଋତୁ ଆସୁଛି । ସେ ପାଞ୍ଚ ଏକର ଜମିରେ ଏହି ଫୁଲଚାଷ କରିବ ବୋଲି ଯୋଜନା କରିଛି । ଏଥର ସୂର୍ଯ୍ୟମୁଖୀ ଫୁଲରୁ ୨୫ ହଜାର ଟଙ୍କା ଲାଭ ପାଇବ ବୋଲି ସେ ଆଶା କରିଛି ।

[1] *ଖରାଦିନିଆ ରାସ୍ତା*



# ଉପସଂହାର

ଏହି ପ୍ରକାଶନୀ ଲୋକମାନଙ୍କର ନିଛକ ଦୂରବସ୍ଥା, ପ୍ରକୃତ ସଂଘର୍ଷ ଓ ଆଶା ଉଦ୍ଦୀପନାର 'ଗଳ୍ପ' କୁ ପ୍ରତିଫଳିତ କରିଛି । ଏହି ଗଳ୍ପଗୁଡ଼ିକ ଦକ୍ଷିଣ-ପଶ୍ଚିମ ଓଡ଼ିଶାର ଚାରୋଟି ଜିଲ୍ଲାରୁ ସଂଗୃହୀତ, ଯାହାକି ବିଭିନ୍ନ ଆଦିବାସୀ ଗୋଷ୍ଠୀର ଜୀବନ ନିର୍ବାହ ସମ୍ପର୍କରେ ବର୍ଣ୍ଣିତ । ମାତ୍ର ସେ ସମସ୍ତ ଗୋଷ୍ଠୀ ସମ୍ପ୍ରତି ଗୋଟିଏ ସୂତ୍ରରେ ଆବଦ୍ଧ ହୋଇପାରିଛନ୍ତି । ଯେହେତୁ ସମସ୍ତେ ଆଜି ପର୍ଯ୍ୟନ୍ତ ବିଭିନ୍ନ ଅସୁବିଧା ଭୋଗି ଆସିଛନ୍ତି, ବହୁ ଜିନିଷରୁ ବଞ୍ଚିବା ପାଇଁ ନିର୍ମମ କଷ୍ଟ ସ୍ୱୀକାର କରିଛନ୍ତି ତଥା ସମସ୍ତ ପ୍ରକାର କୁପ୍ରଥାର ଶୀକାର ହୋଇଛନ୍ତି ଏବଂ କଠୋର ଜୀବନ ସଂଗ୍ରାମ ଚଳାଇ ଆସିଛନ୍ତି ।

ସମସ୍ତ ଘାତ ପ୍ରତିଘାତ ସହିବାର ପ୍ରବୃତ୍ତି ସମ୍ପନ୍ନ ଏହି ଗୋଷ୍ଠୀଗୁଡ଼ିକ ଆଜି ଏକତ୍ରିତ ହୋଇପାରିଛନ୍ତି । ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସେମାନେ ସର୍ବଦା ଆଶାନ୍ୱିତ । ଏହା ସେମାନଙ୍କର ଶକ୍ତି ଓ ସାମର୍ଥ୍ୟ ତଥା ସେମାନଙ୍କର ଅସହାୟତା ମଧ୍ୟ । ଏହି ଗୋଷ୍ଠୀଗୁଡ଼ିକ ସହ କାମ କରିବାକୁ ଯାଉଥିବା ଉନ୍ନୟନ ପ୍ରକଳ୍ପଗୁଡ଼ିକ ଏହା ସୁସ୍ପଷ୍ଟ ଭାବରେ ହୃଦୟଙ୍ଗମ କରିଛନ୍ତି । ଗୋଷ୍ଠୀ ଓ ବ୍ୟକ୍ତିବିଶେଷଙ୍କର ଯେଉଁ ଅନ୍ତର୍ନିହିତ ଶକ୍ତି ଓ ସାମର୍ଥ୍ୟ ରହିଛି – ତା'ର ପରିଚୟ ପାଇବା ଉଚିତ ଏବଂ ସମସ୍ତ ପ୍ରକଳ୍ପ ଓ କାର୍ଯ୍ୟକ୍ରମ ସେମାନଙ୍କର ଏହି ଶକ୍ତି ଓ ସାହସକୁ ସମନ୍ୱିତ କରିବା ବାଂଛନୀୟ । ସରସ୍ୱତୀ, ବଟକ ରତନୁ ଏବଂ ଲକ୍ଷ୍ମୀ ହେଉଛନ୍ତି ଏତାଦୃଶ ଦୃଷ୍ଟାନ୍ତମୂଳକ ବ୍ୟକ୍ତିତ୍ୱ, ଯେଉଁମାନେ କି ସାମାନ୍ୟ ଉତ୍ସାହ, ସ୍ୱୀକୃତି ବା ପରିଚିତି ତଥା ସହାୟତା ପାଇଲେ ଜନସାଧାରଣଙ୍କ ପ୍ରଗତି ନିମିତ୍ତ ସୁଯୋଗ ସମୂହର ସର୍ବାଧିକ ପ୍ରୟୋଗ କରିବାରେ ସାହାଯ୍ୟ କରିପାରିବେ ତଥା ଯାହା ସେମାନେ କେବେ ହେଲେ ଆଶା କରିନଥିଲେ, ସେହି ଉତ୍ତୁଙ୍ଗ ଶିଖର ଦେଶରେ ଉପନୀତ ହୋଇପାରିବେ ।

ଆଧୁନିକ କଳକୌଶଳ, ପରିବେଶ ଓ ଅନୁଷ୍ଠାନ ସହ ଅପରିଚିତ ସେହି ଦରିଦ୍ର ଓ ଅସହାୟ, ସମ୍ବଳ ବିହୀନ ଗୋଷ୍ଠୀଗୁଡ଼ିକ ଯେ କି ଚିରଦିନ ପାଇଁ ସଂଘ ବା ସଂସ୍ଥା ଦ୍ୱାରା ଉପକୃତ ହେବେ ବୋଲି ସର୍ବଦା ଲକ୍ଷ୍ୟ ରଖିଛନ୍ତି – ସେମାନଙ୍କ ସହ ବିକାଶ ବା ଉନ୍ନୟନ ଜଡ଼ିତ ହେବା ଉଚିତ । ତେଣୁ ଦରିଦ୍ରତମ ବ୍ୟକ୍ତିଗଣ ସର୍ବଦା ନିଜର ଅଧିକାର ଓ ସତ୍ୱ କିପରି ହାସଲ କରି ପାରିବେ ତାହା ଲକ୍ଷ୍ୟ କରିବା ସର୍ବାଦୌ ବିଧେୟ । ଏତାଦୃଶ କାର୍ଯ୍ୟପାଇଁ ଏପରି ଏକ ସଂସ୍ଥାନ ଦରକାର ଯାହାକି ସମ୍ପୃକ୍ତ ଅଘଟଣକୁ ଲାଘବ କରିପାରିବ । ଏତାଦୃଶ ସଂସ୍ଥାନ ବର୍ତ୍ତମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେ କି ଦରିଦ୍ର ବ୍ୟକ୍ତିର ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ଓ ସେଗୁଡ଼ିକୁ ପ୍ରାସଙ୍ଗିକ କରିପାରିବ । ଏହିଭଳି ବହୁ ଦ୍ରଷ୍ଟବ୍ୟ ସଂସ୍ଥାନ ଆମ ନଜରକୁ ଆସିଛନ୍ତି, ଯେମିତିକି ମହିଳା ଏସ୍.ଏଚ୍.ଜି. ମଧ୍ୟରେ ଜୀବନ ଜ୍ୟୋତି, ନୁକାଲାମା, ପରଦେଶୀଅମା, କର୍କାପଟାଙ୍ଗିସାରୁ, ଲକ୍ଷ୍ମୀବାଈ ଏବଂ ହାଲେଲୁଆ, ତଥା ଲାଜରା ଭି.ଡ଼ି.ସି ପରି ଗ୍ରାମ ଉନ୍ନୟନ କମିଟି । ଅନୁଷ୍ଠାନ ମାନଙ୍କ ମଧ୍ୟରୁ ଆଦିବାସୀ ବଜାର କମିଟିଗୁଡ଼ିକ ଅସହାୟ ଗୋଷ୍ଠୀଗୁଡ଼ିକୁ ବହୁ ସାହାଯ୍ୟ ସହଯୋଗ ଦେଇଛନ୍ତି । ସମସ୍ତ ଉତ୍ପାଦିତ ଦ୍ରବ୍ୟର ମିଳିତ ବିପଣନ ଆଜି ଜଣେ ଗରିବ ଚାଷୀକୁ ମୂଳଚାଲ କରି ତା'ର କଠୋର ପରିଶ୍ରମରେ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ନିର୍ଣ୍ଣୟ କରିବାର କ୍ଷମତା ଦେଇଛି । ଲୋକେ ଉପଯୁକ୍ତ ନିର୍ଣ୍ଣୟ କରିପାରିବାର ଯେଉଁ ସ୍ୱାଭାବିକ ଦକ୍ଷତା ରଖିଛନ୍ତି, ତାହା ଉପରେ ବିଶ୍ୱାସ ରଖିବାକୁ ପଡ଼ିବ । କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପ ସମୂହ ସେମାନଙ୍କ ସମ୍ମୁଖରେ ବିଭିନ୍ନ ବିଷୟ ଉପସ୍ଥାପନ କରିବେ ଏବଂ ସେମାନଙ୍କ ଅନ୍ତର୍ନିହିତ ଶକ୍ତି ଜାଗରଣକୁ ଉତ୍ସାହିତ କରିବା ସହିତ ନୂତନ ଜଗତରେ ପ୍ରବେଶ କରି ଅଭିଜ୍ଞତା ଅର୍ଜନକୁ ପ୍ରେରଣା ଯୋଗାଇବେ । ଏହି ପ୍ରକାରର ପ୍ରକ୍ରିୟା କରାଗଲେ ପରିବର୍ତ୍ତନର ଧାରାକୁ ସ୍ୱେଚ୍ଛାକ୍ରମେ ସେମାନେ ଗ୍ରହଣ କରି ନେବେ । ଅର୍ଥାତ୍ ସେମାନଙ୍କ ଉପରେ ନୂତନ ଜ୍ଞାନ କୌଶଳକୁ ଜବରଦସ୍ତି ଲଦି ନ ଦେଇ ସେମାନଙ୍କ ସ୍ୱତଃସ୍ଫୂର୍ତ୍ତ ଚିନ୍ତାଧାରା ଓ କ୍ରମଃପରିବର୍ତ୍ତନଶୀଳତାକୁ ସୁଯୋଗ ଦେବାକୁ ହେବ । ମେଲା ମେନିଏକା ଏହି ପ୍ରସଙ୍ଗରେ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

ଚାଷୀମାନଙ୍କ ନିଜ ଜମିର ଉତ୍ପାଦନଶୀଳତାକୁ ବଢ଼ାଇବାରେ ସାହାଯ୍ୟ କରିବାର ଗୁରୁତ୍ୱ ଆଜି ଆମେ ତୁଳସା, ମେଲା ଏବଂ ସଂଜୀବ ମେନିଏକା ତଥା କୁନ୍ଦ୍ରା ଇତ୍ୟାଦି ବ୍ୟକ୍ତିଙ୍କ ଅଭିଜ୍ଞତାରୁ ଜାଣିପାରିଛେ । ସେହି ସମସ୍ତ ସମାଧାନଗୁଡ଼ିକ ଖୁବ୍ ଜଟିଳ ନଥିଲା – ଯେଉଁମାନେ କି ନିଜ ପରିବେଶ ଓ ପରିସ୍ଥିତି ସମ୍ପର୍କରେ ଗଭୀର ଜ୍ଞାନ ରଖିଛନ୍ତି । ସେହି ଗୋଷ୍ଠୀମାନଙ୍କ ପାଖରୁ ସ୍ୱାଭାବିକ ଭାବରେ ସମସ୍ତ ସମାଧାନର ସୂତ୍ର ଆବିଷ୍କୃତ ହେଲା ।

ଲୋକମାନେ କିପରି ନୂତନ ବୈଷୟିକ ଜ୍ଞାନକୌଶଳ ଜଗତକୁ ପ୍ରବେଶ କରିବେ ଯଦ୍ୱାରା ଉତ୍ପାଦନଶୀଳତା ବୃଦ୍ଧି ପାଇବ ତାହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ମିନାପାଇ ଗ୍ରାମର ଉଦାହରଣ – ଏ ସମ୍ପର୍କରେ ଏଠାର ନିଆଯାଇପାରେ, ଯେଉଁଠାରେ କି ପାରମ୍ପରିକ "ବ୍ଲାକ ବେଙ୍ଗଲ" ଜାତୀୟ ଛେଳିକୁ "ଯମୁନାପାରୀ" ଅଣ୍ଡିରା ଛେଳି ବା ବୋଦା ସହ ଶଙ୍କର ଜାତୀୟ ସମ୍ମିଶ୍ରଣ କରାଯାଇପାରିଲା ଏବଂ କୃଷକମାନଙ୍କୁ 'ଶ୍ରୀ' (System of Rice Intensilfication) ପ୍ରଣାଳୀରେ ଧାନଚାଷ କରିବାକୁ ପ୍ରଶିକ୍ଷଣ ଦିଆଯାଇ ପାରିଲା ।

କାର୍ଯ୍ୟକ୍ରମ ଓ ପ୍ରକଳ୍ପ ଗୁଡ଼ିକ ବିଭିନ୍ନ କୌଶଳ ଉପରେ ଭରସା ରଖିବା ଉଚିତ – ଯାହାକି ଏକ କାଳୀନ ବିଭିନ୍ନ ସ୍ତରରେ ଅର୍ଥାତ୍ ବ୍ୟକ୍ତିଗତ, ଦଳଗତ, ଗୋଷ୍ଠୀଗତ, ସ୍ତ୍ରୀ, ପୁରୁଷ ଆଦି କ୍ଷେତ୍ରରେ କାର୍ଯ୍ୟକାରୀ ହେଉଛି, ତଥା ପ୍ରାକୃତିକ, ଶାରୀରିକ, ମାନବିକ, ସାମାଜିକ ଓ ଆର୍ଥିକ ଆଦି ସମ୍ବଳ ଉପରେ ପ୍ରଭାବ ପକାଉଛି – ଏହାହିଁ ସନ୍ନିବେଶିତ ଗଳ୍ପଗୁଡ଼ିକରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ।

ସେହି ସମସ୍ତ ଗ୍ରାମଗୁଡ଼ିକରେ ଅଧିକାଂଶ ଲୋକ ଏହି ଗଳ୍ପଗୁଡ଼ିକୁ ଆଶା ଓ ଉଦ୍ଦୀପନାର ବିଷୟ ବୋଲି ଅନୁଭବ କଲେଣି । ଏଗୁଡ଼ିକ ଆତ୍ମବିଶ୍ୱାସର ଗଳ୍ପ ବୋଲି ଅନୁଭୂତି ଆସିଲାଣି ।

ଏହି ଗଳ୍ପଗୁଡ଼ିକ ଲୋକଙ୍କୁ ଦୃଢ଼ପ୍ରତିଜ୍ଞ କରାଉଛି ଯେ ସେମାନଙ୍କୁ ନିଜର ଜୀବନକୁ ଉଚ୍ଚତର କରିବାକୁ ପଡ଼ିବ । ପରିବର୍ତ୍ତନର ସ୍ୱରରେ ଅଂଶ ଗ୍ରହଣ କରିଥିବା ସମସ୍ତ ବ୍ୟକ୍ତି, ଗୋଷ୍ଠୀ ଓ ସମାଜ ଏହି ଧାରାକୁ ପ୍ରବହମାନ କରିବାପାଇଁ ଗଳ୍ପ ଗୁଡ଼ିକ ଅନୁପ୍ରେରିତ କରୁଛି ।

# ପରିଭାଷା

| | | |
|---|---|---|
| ଆଦିବାସୀ | : | ଆଦିବାସୀ |
| ଅଁଳା | : | ଅଁଳା |
| ଅଳସୀ | : | ଅଳସୀ |
| ବଜାର | : | ହାଟ |
| ଭରି | : | ଦଶଗ୍ରାମ (ସୁନା ଓ ରୂପାର ଓଜନରେ ବ୍ୟବହାର କରାଯାଏ) |
| ଚାକୁଣ୍ଡା | : | ସାମାଜିକ ବନ ପ୍ରକଳ୍ପରେ ଲଗାଯାଇ ଥିବା ଏକ ପ୍ରକାର ଜାଳେଣି କାଠର ଗଛ |
| ଚେକ୍ ଡ୍ୟାମ୍ | : | ଜଳର ବେଗକୁ ରୋକିବା ବନ୍ଧ |
| ଡ଼ାଇଭରସନ୍ ଓୟାର | : | ଜଳର ସୁପରିଚାଳନା ପାଇଁ ଝରଣା ବା ନଦୀର ମଝିରେ ଦିଆଯାଉଥିବା ବନ୍ଧ |
| ଫିଲ୍ଡ଼ ଚାନେଲ୍ | : | ଯେ କୌଣସି ଝରଣା କେନାଲ୍  ବା ଆଡ଼ିବନ୍ଧରୁ ନିଆଯାଉଥିବା ନାଳୀ । |
| ଗ୍ରାମ ପଞ୍ଚାୟତ | : | ଗ୍ରାମ ପଞ୍ଚାୟତ |
| ଗୁଲି ପ୍ଲଗ୍ସ | : | ମୃର୍ତ୍ତିକା କ୍ଷୟକୁ ନିବାରଣ କରିବା ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ ପ୍ରକାର ପଦାର୍ଥ |
| ଗୁରୁ | : | ଗୁରୁ |
| ଗୁରୁମାଇ | : | ଗୁରୁମାଇ |
| ହେମୋରାହାଜିକ୍ ସେପ୍‌ଟି ସେମିଆ | : | ଗାଈଗୋରୁଙ୍କଠାରେ ଦେଖାଯାଉଥିବା (ସାହାଣ ରୋଗ) |
| ଜାଫ୍‌ରା | : | ବିଭିନ୍ନ ବର୍ଣ୍ଣ ସୃଷ୍ଟି କରୁଥିବା ମଞ୍ଜି ଯାହାର ଫଳ ଖାଦ୍ୟ ଉପଯୋଗୀ ନୁହେଁ |
| ଝୁଡ଼ଙ୍ଗ | : | ଝୁଡ଼ଙ୍ଗ |
| କାନ୍ଦୁଲ | : | ହରଡ଼ |
| ଖରିଫ୍ | : | ବର୍ଷାଦିନିଆ ଫସଲର ଋତୁ |
| କୋଳଥ | : | ଡ଼ାଲିଜାତୀୟ ଫସଲ |
| କନ୍ଧ | : | ଓଡ଼ିଶାର ଏକ ବିଶାଳ ଆଦିବାସୀ ସଂପ୍ରଦାୟ |
| କୁଟିଆ କନ୍ଧ | : | କୁଟିଆ କନ୍ଧ ଏକ ପ୍ରାଚୀନ ଆଦିବାସୀ ସଂପ୍ରଦାୟ ଯାହାକି କନ୍ଧଜାତି ଠାରୁ ଆହୁରି ପ୍ରାଚୀନ । |
| ଲଲାଟ | : | ଧାନର ଏକ କିସମ |
| ଲାଖ | : | ଏକ ଶହ ହଜାର ଟଙ୍କା |
| ମହାଜନ | : | (ମହାଜନ) ଗାଁ ଗହଳିରେ ଟଙ୍କା କରଜ ଲଗାଉଥିବା ବ୍ୟକ୍ତି |

| | | |
|---|---|---|
| ମକା | : | ମକା |
| ମାଣ | : | ଧାନ ମପା, ୪କିଗ୍ରା ଧାନ ଧରୁଥିବା ପାତ୍ର |
| ମାଣ୍ଡିଆ | : | ମାଣ୍ଡିଆ |
| ମାଇକ୍ରୋ ୱାଟର ସେଡ୍ | : | ଅଣୁ ଜଳ ବିଭାଜିକା ଯାହାର ସୀମା ୫୦୦ ହେକ୍ଟର ମଧ୍ୟରେ ସୀମିତ |
| ମହୁଲ | : | ମହୁଲ |
| ରବି | : | ଶୀତଦିନିଆ ଫସଲ |
| ସାହୁକାର | : | ଗାଁ ମହାଜନ |
| ସଉରା | : | ସଉରା  ଓଡ଼ିଶାର ଭଏକ ପ୍ରାଚୀନ ଆଦିବାସୀ ସଂପ୍ରଦାୟ |
| ସର୍ବଶିକ୍ଷା ଅଭିଯାନ | : | ସର୍ବଶିକ୍ଷା ଅଭିଯାନ |
| ସରପଞ୍ଚ | : | ପଞ୍ଚାୟତର ନିର୍ବାଚିତ ମୁଖ୍ୟବ୍ୟକ୍ତି |
| ଶସ୍ୟପାଣ୍ଠି | : | ଶସ୍ୟପାଣ୍ଠି |
| ଶିଶୁ | : | ଶିଶୁ ଗଛ |
| ଶିଆଳି | : | ଶିଆଳି |
| ସିଷ୍ଟମ ଅଫ୍ ରାଇସ୍ ଇଣ୍ଟେନ୍‌ସିଫିକେସନ୍ (ଶ୍ରୀ) | : | 'ଶ୍ରୀ' ଧାନ ଚାଷ ପ୍ରଣାଳୀରେ ଚାଷ |
| ଟାମାରିଣ୍ଡ୍ | : | ତେନ୍ତୁଳି |
| ଟିକ୍ | : | ଶାଗୁଆନ ଗଛ |
| ୟୁଜର୍ ଗ୍ରୁପ୍ | : | ବ୍ୟବହାରକାରୀ ଦଳ |
| ଭିଲେଜ୍ ଡ଼େଭ୍‌ଲପମେଣ୍ଟ ଆଣ୍ଡ୍ ଲାଇଭ୍‌ଲିହୁଡ୍ ପ୍ଲାନ୍ | : | ଗ୍ରାମ ଉନ୍ନୟନ ଓ ଜୀବିକା ନିର୍ବାହ ଯୋଜନା |
| ବନ ସଂରକ୍ଷଣ ସମିତି | : | ବନ ସଂରକ୍ଷଣ ସମିତି |
| ଭିଲେଜ୍ ଡ଼େଭ୍‌ଲପ୍‌ମେଣ୍ଟ୍ ଆସୋସିଏସନ୍ | : | ଗ୍ରାମ୍ୟ ଉନ୍ନୟନ ସଂଘ |
| ଭିଲେଜ୍ ଡ଼େଭ୍‌ଲପ୍‌ମେଣ୍ଟ୍ କମିଟି | : | ଗ୍ରାମ୍ୟ ଉନ୍ନୟନ କମିଟି |
| ଭିଲେଜ୍ ଲେଭ୍‌ଲ ସବ୍ କମିଟି | : | ଗ୍ରାମ୍ୟ ସ୍ତରୀୟ ଉପକମିଟି |





IFAD

DFID Department for International Development

WFP United Nations World Food Programme



nr international

NR Management Consultants India Pvt Ltd

(A Subsidiary of NR International Limited)

*For more information, contact:*

**NR Management Consultants India Pvt. Ltd.**
C/o. CABI, Office Block, II Floor
National Agriculture Science Center
DPS Marg, New Delhi - 110 012
E-mail: info@nrmcindia.co.in